


RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

PRACHEE

ଅପ୍ରେଲ୍ ୨୦୧୯
ମୂଲ୍ୟ : ୨୫ ଟଙ୍କା



**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଲିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ପଞ୍ଚମ ବର୍ଷର ପ୍ରଥମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ‘ପ୍ରାଚୀ’ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା’ର ସ୍ୱର୍ଗୀୟ ପ୍ରେମରେ । ତା’ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ ‘ପ୍ରାଚୀ’ ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା’ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । ‘ପାଗଳ’ ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ’ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା’, ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ
# ପ୍ରାଚୀ
Vol.-5, April 2019, Issue No. I
RNI No. : ODIODI/2015/64435
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

**ଗାନ୍ଧୀ ମନ୍ଦିର**
ଅଧ୍ୟାପକ ପବିତ୍ର ମୋହନ ବାରିକ — ୭
**ଭକ୍ତ ଶିରୋମଣି ଜୟ ହନୁମାନ**
ଶ୍ରୀ କୁଞ୍ଜ ବିହାରୀ ସାହୁ — ୯
**ମୂଲ୍ୟହୀନ**
ମୀରା ବେଉରା — ୧୩
**ଗଛ ଆମର ବନ୍ଧୁ**
ବିଦ୍ୟୁତ୍ କୁମାରୀ ଲାଲା — ୧୫
**ଚାକିରିର ଟ୍ରାଜେଡ଼ି**
ରାଜଲକ୍ଷ୍ମୀ ମିଶ୍ର — ୧୬
**ଅମର**
ଅନନ୍ତ ଚରଣ ଦାଶ — ୧୭
**ସେପାରିରେ ଜାଗା ଖଣ୍ଡେ ରଖିବ**
ଶରତ ଚନ୍ଦ୍ର ମହାନ୍ତି — ୧୮
**ଦୁଇ ବନ୍ଧୁ**
ଧର୍ମାନନ୍ଦ ବେହେରା — ୧୯
**ଅବାଞ୍ଛିତ ଅତିଥି**
କବିତା ରଥ — ୨୦
**ଭାରସାମ୍ୟ**
ମାଧବୀ ପଟେଲ — ୨୪
**ପଦ୍ମା ପଣ୍ଡା**
ଅନ୍ନଦା ପ୍ରସାଦ ରାୟ — ୨୬
**ପ୍ରତିହିଂସା**
ଭ୍ରମରବର ସାହୁ — ୨୯
**ନିୟତି ଡାକୁଛି**
ଦଶରଥ ସାମଲ — ୩୧
**ବନ୍ଦେ ମାତରମ**
ପ୍ରଫୁଲ୍ଲ କୁମାର ସାହୁ — ୩୩
**ବିଚିତ୍ର ସୁଖ**
ନିଶିକାନ୍ତ କହଲସିଂହ — ୩୬
**ଭାବର ଠାକୁର**
କଳ୍ପନା ମହାନ୍ତି — ୩୮
**ସୁଖ ସରିଯାଏ ଦୁଃଖ ମରିଯାଏ: ଖେଳିଯାଏ ଆତଙ୍କ**
ଶାନ୍ତନୁ କୁମାର ଷଡ଼ଙ୍ଗୀ — ୩୯
**ସିନ୍ଦୁଆ ବଇନ**
ଚୂଡ଼ାମଣି ପାଣିଗ୍ରାହୀ — ୪୨
**କାମାନ୍ଧ**
ମାନସ ରଞ୍ଜନ ପଟ୍ଟନାୟକ — ୪୫

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

## ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................

ଠିକଣା .............................. ପିନ୍‌କୋର୍ଡ଼ ..............................

ମୋବାଇଲ୍ ନମ୍ବର .............................. ଇ-ମେଲ୍ ..............................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.............................. ତାରିଖ..............................

ବ୍ୟାଙ୍କ୍.............................. ସ୍ଥାନ..............................

ତାରିଖ.............................. ଦସ୍ତଖତ..............................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ୧୫୦ ତମ ଗାନ୍ଧୀ ଜନ୍ମ ବାର୍ଷିକୀ ଉପଲକ୍ଷେ

## ଗାନ୍ଧୀ ମନ୍ଦିର

- ଅଧ୍ୟାପକ ପବିତ୍ର ମୋହନ ବାରିକ

ମହାନୁଭବି ମହାମାନବ ମହାତ୍ମାଗାନ୍ଧୀ ଜଣେ ଦେବ ଦୁଃର୍ଲଭ ବ୍ୟକ୍ତିତ୍ୱ । ତାଙ୍କ ଚିନ୍ତନ ଓ ଦର୍ଶନରେ ଥିଲା ଐଶ୍ୱରୀୟ ଅନୁଭୁତି । ଐଶ୍ୱରୀ ଶକ୍ତି ସଂପନ୍ନ ବ୍ୟକ୍ତିତ୍ୱ ର ଅଧିକାରୀ ଥିଲେ ଜାତିର ପିତା ମହାତ୍ମାଗାନ୍ଧୀ । ତାଙ୍କ ଆଚରଣ, ଉଚ୍ଚାରଣ, ଚିନ୍ତା ଓ ଚେତନାରେ ଉଚ୍ଚାରିତ ହେଉଥିଲା ବିଭୁସତ୍ତାର ଆବେଗ । ତାଙ୍କ ବ୍ୟକ୍ତିତ୍ୱରେ  ବିଭୁ କୃପାର ଝଲକ ଦେଖିବାକୁ ମିଳୁଥିଲା । ସତ୍ୟ ଓ ଅହିଂସା ଥିଲା ଈଶ୍ୱର ଦତ୍ତ ଦୁଇଟି ଅସ୍ତ୍ର ଯାହା ଦ୍ୱାରା ସମଗ୍ର ବିଶ୍ୱକୁ ସେ ବିଜୟ ଲାଭ କରିଥିଲେ । ସେ ଥିଲେ ଯଥାର୍ଥରେ ଋଷି ପ୍ରତୀମ, ଧ୍ୟାନମଗ୍ନ ତପସ୍ୱୀ । ସାଧାରଣରେ ସେ ଗାନ୍ଧୀ ମାହାପୁର ନାମରେ କଥିତ ଥିଲେ । ଯୋଗଜନ୍ମା ମହାପୁରୁଷ ଭାବେ ଗାନ୍ଧୀଜୀ ଆତ୍ମା ଓ ପରମାତ୍ମାର ସମ୍ବନ୍ଧକୁ ନିଶ୍ଚିତ ଭାବରେ ଅନୁଭବ କରିଥିଲେ । ବିଶ୍ୱଗୁରୁ ରବିନ୍ଦ୍ର ନାଥ ଠାକୁର ତାଙ୍କୁ ଯଥାର୍ଥରେ ମହାତ୍ମା ବୋଲି ସମ୍ବୋଧନ କରିଥିଲେ । ତାଙ୍କ ମୁଖ ନିସୃତବାଣୀ ଥିଲା ଅନ୍ତରାତ୍ମାର ପରିପ୍ରକାଶ । ମାନବ ଶରୀରରେ ଜନ୍ମ ନେଇଥିବା ବୁଦ୍ଧ ଓ ଯୀଶୁଙ୍କ ପରେ ଗାନ୍ଧୀଜୀ ତୃତୀୟ ବ୍ୟକ୍ତି ଯାହାଙ୍କର ସର୍ବାଧିକ ଲୋକପ୍ରିୟତା ଥିଲା ଏବଂ ସାଧାରଣ ଜନତାର ତାଙ୍କ ପ୍ରତି ଦେବତ୍ୱ ଭାବନା ରହିଅଛି । ତାଙ୍କ  ଜୀବନଚର୍ଯ୍ୟା ଥିଲା ଦେବ ପ୍ରତୀମ ଓ ଦେବ ସୁଲଭ ଗୁଣାବଳୀର ସେ ଥିଲେ ଅଧିକାରୀ । ଗାନ୍ଧୀଜୀ ନିଜେ ଥରେ କହିଥିଲେ "ମୁଁ ରାଜନୀତିର ବେଶ ଧାରଣ କରିଥିଲେ ମଧ୍ୟ ଅନ୍ତରରେ ମୁଁ ଜଣେ ଧର୍ମପ୍ରାଣ ବ୍ୟକ୍ତି" । ଏଲ. ମସେଲ ତାଙ୍କ ରଚିତ ପୁସ୍ତକ "ଲାଷ୍ଟ ଡେଏଜ ଅଫ୍ ବ୍ରିଟିଶ ରାଜ୍" ରେ ଗାନ୍ଧୀଜୀ ଙ୍କର ଉପୋରକ୍ତ ମନ୍ତବ୍ୟକୁ ପ୍ରମାଣିତ କରି ଉଲ୍ଲେଖ କରିଛନ୍ତି "ବହୁ ଦୃଷ୍ଟିକୋଣରୁ ଗାନ୍ଧୀଜୀ ଥିଲେ ଜଣେ ଧର୍ମପ୍ରାଣ ବ୍ୟକ୍ତି" । ଦେବତୁଲ୍ୟ ଥିଲା ତାଙ୍କର ଆଚର ବିଚାର, ଚିନ୍ତାଧାରା, ଚଳଣୀ ଓ ଜୀବନ ଶୈଳୀ । ଆଧ୍ୟାତ୍ମିକ ଚିନ୍ତନ ଓ ଦର୍ଶନ ଦ୍ୱାରା ପ୍ରଭାବିତ । ଗାନ୍ଧୀଜୀଙ୍କୁ ତାଙ୍କ ଜୀବଦଶା ରେ ସାଧାରଣ ଜନତା ଦେବତୁଲ୍ୟ ମାନ୍ୟତା ପ୍ରଦାନ କରୁଥିଲେ । ବିଶ୍ୱବିଖ୍ୟାତ ବୈଜ୍ଞାନିକ ଓ ଗାନ୍ଧୀଜୀଙ୍କର ସମସାମୟିକ ଆଲବର୍ଟ ଆଇନ୍‌ଷ୍ଟାଇନ ଗାନ୍ଧୀଜୀଙ୍କ ସଂପର୍କରେ ଦେଇଥିବା ନିଜର ମନ୍ତବ୍ୟ ଅତ୍ୟନ୍ତ ମହତ ରଖିଥାଏ । ସେ ବାପୁଙ୍କ ପ୍ରତି ଉଲ୍ଲେଖ କରିଥିଲେ- "ରକ୍ତ ମାଂସରେ ଏଭଳି ଜଣେ ମଣିଷ ଯେ ଏହି ପୃଥିବୀର ପୃଷ୍ଠରେ ବିଚରଣ କରୁଥିଲେ ତାହା ଆଗାମୀ ପିଢ଼ି ପାଇଁ ହୁଏତ ବିଶ୍ୱାସଯୋଗ୍ୟ ହୋଇ ନ ପାରେ ।" ପ୍ରାର୍ଥନା ସଭାରେ ଗାନ୍ଧୀଜୀଙ୍କର ପ୍ରିୟ ଭଜନ ରଘୁପତି ରାଘବ......  ବୈଷ୍ଣବ ଜନକୋ....... ଗାନ କରାଯାଉ ଥିଲା । ଗାନ୍ଧୀଜୀଙ୍କ ଦୃଷ୍ଟିକୋଣରେ "ଧର୍ମଶାସ୍ତ୍ର ଅଧ୍ୟୟନ ଦ୍ୱାରା ନୈତିକ ବଳ ମିଳିଥାଏ । କିନ୍ତୁ ଜ୍ଞାନ ବିନା ପ୍ରକୃତ ସ୍ୱାଧିନତା ମିଳେ ନାହିଁ । ଆଉ ମଧ୍ୟ ଗାନ୍ଧିଜୀ ଉଲ୍ଲେଖ କରିଥିଲେ- ଧର୍ମ ଜୀବନ ଠାରୁ ଭିନ୍ନ ନୁହେଁ । ଜୀବନକୁ ଧର୍ମ ବୋଲି କୁହାଯାଏ । ଧର୍ମହୀନ ଜୀବନ ମଣିଷ ଜୀବନ ନୁହେଁ, ଏହା ପଶୁ ଜୀବନ ।"

ଗାନ୍ଧୀଜୀ ୧୯୨୧ ରୁ ୧୯୪୬ ମଧ୍ୟରେ ଆଠଥର ଓଡ଼ିଶା ଗସ୍ତରେ ଆସିଥିଲେ । ସେ ତନ୍ମଧ୍ୟରୁ ଦୁଇଥର ସମ୍ବଲପୁରରେ ପଦାର୍ପଣ କରିଥିଲେ । ସେ ପ୍ରଥମ ଥର ୧୯୨୮ ଡିସେମ୍ବର ୨୬ ତାରିଖ ଓ ୧୯୩୪ ମସିହା ମେ ୫ ରେ ଐତିହାସିକ ସହର ସମ୍ବଲପୁରକୁ ଶୁଭାଗମନ କରିଥିଲେ । ଜାମେସେଦ୍‌ପୁରୁ ରୁ ବାପୁଜୀଙ୍କୁ ପାଛୋଟି ଆଣିବା ଲାଗି ବେଣୀ ମାଧବ ସୁପକାର ସେଠାକୁ ଯାଇଥିଲେ । ଗାନ୍ଧୀଜୀଙ୍କ ଆଗମନ ଉପଲକ୍ଷେ ଗଠିତ ଅଭ୍ୟର୍ଥନା କମିଟିର ସଭାପତି ଥିଲେ ବେଣି ମାଧବ ସୁପକାର । ସମ୍ବଲପୁରର ଅନ୍ୟାନ ଗାନ୍ଧୀବାଦୀ ନେତା ଯଥା ନୃସିଂହ ଗୁରୁ, ନିତ୍ୟାନନ୍ଦ ସୁପକାର ଏବଂ ଲକ୍ଷ୍ମୀ ନାରାୟଣ ମିଶ୍ର ପ୍ରଭୃତି ଗାନ୍ଧୀଜୀଙ୍କ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୩୪ ମସିହାରେ ଗାନ୍ଧୀଜୀ ଅସ୍ପୃଶ୍ୟତା ନିବାରଣ ଉପରେ ଅଧିକ ଗୁରୁତ୍ୱ ଓ ମହତ୍ତ୍ୱ ରଖିଥିଲେ ଏବଂ ତାଙ୍କ ଏହି ଯାତ୍ରା ହରିଜନ ପଦଯାତ୍ରା ନାମରେ ନାମିତ । ଗାନ୍ଧୀଜୀ ସମ୍ବଲପୁରରେ ଆୟୋଜିତ ଜନ ସଭାରେ ତାଙ୍କ ପଦଯାତ୍ରାର ଉଦ୍ଦେଶ୍ୟ ସଂପର୍କରେ ବିଶଦ ଭାବରେ ବର୍ଣ୍ଣନା କରିଥିଲେ । ଏହାର ଯଥେଷ୍ଟ ପ୍ରଭାବ ଜନସାଧାରଣଙ୍କ ଉପରେ ପଡିଥିଲା । ଗାନ୍ଧୀଜୀ ସମ୍ବଲପୁରରେ ବିଭିନ୍ନ ହରିଜନ ବସ୍ତି ବୁଲି ଦେଖିଥିଲେ । ହରିଜନମାନଙ୍କ ପକ୍ଷରୁ ତାଙ୍କୁ ୬୦ ଟଙ୍କା ଚାନ୍ଦା ଆନ୍ଦୋଳନ ପାଇଁ ପ୍ରଦାନ କରାଯାଇଥିଲା । ଗାନ୍ଧୀଜୀଙ୍କର ନୀତି, ଆଦର୍ଶ ଓ ବାଣୀ ସମଗ୍ର ବିଶ୍ୱରେ ପୂଜା ପାଉଅଛି । ମାତ୍ର ମନ୍ଦିରଟିଏ ନିର୍ମାଣ କରି ସେଥିରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପୂର୍ବକ ପୂଜା କରିବା ପାଇଁ ଏକ ପରିକଳ୍ପନା ଜନ୍ମ ନେଇଥିଲା ଭତରା ଗ୍ରାମରେ । ଏହି ଗ୍ରାମ ସମ୍ବଲପୁର ସହର ଉପକଣ୍ଠରେ ଅବସ୍ଥିତ । ସଂଖ୍ୟାଧିକ ବାସିନ୍ଦା ହରିଜନ ସଂପ୍ରଦାୟର ସମ୍ବଲପୁରରେ ଗାନ୍ଧୀଜୀଙ୍କ ଅଭିଭାଷଣରେ ସେମାନେ ମନ୍ତ୍ରମୁଗ୍ଧ ହୋଇଥିଲେ । ଗାନ୍ଧୀଜୀଙ୍କ ବାଣୀ ସେମାନଙ୍କୁ ଗଭୀର ଭାବରେ ପ୍ରଭାବିତ ଓ ଅନୁପ୍ରାଣୀତ କରିଥିଲା । ଗାନ୍ଧୀଜୀଙ୍କୁ ସେମାନେ ଦେବତାତୁଲ୍ୟ ମାନ୍ୟତା ପ୍ରଦାନ କରିଥିଲେ । ବିଂଶ ଶତାବ୍ଦୀର

ସତୁରି ଦଶକରେ ଏହି ଗ୍ରାମ ରେଢ଼ାଖୋଲ ନିର୍ବାଚନ ମଣ୍ଡଳିରେ ଅନ୍ତର୍ଭୁକ୍ତ ଥିଲା । ତତ୍‌କାଳୀନ ରେଢ଼ାଖୋଲ ବିଧାୟକ ଅଭିମନ୍ୟୁ କୁମାରଙ୍କ ଉଦ୍ୟମରେ ଭତରା ଗ୍ରାମରେ ଗାନ୍ଧୀ ମନ୍ଦିର ନିର୍ମାଣର ପ୍ରୟାସ ଆରମ୍ଭ ହେଲା । ୧୯୩୪ ମସିହାରେ ଗାନ୍ଧୀ ସମ୍ବଲପୁର ଆସିଥିବା ସମୟରେ ଅଭିମନ୍ୟୁଙ୍କର ବୟସ ଥିଲା ମାତ୍ର ଆଠ ବର୍ଷ । ସେ ଗାନ୍ଧୀଜୀଙ୍କୁ ସମ୍ବଲପୁର ସଭାରେ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଥିବାର କଥା ସେ ଉଲ୍ଲେଖ କରିଛନ୍ତି । ୧୯୭୨ ମସିହା ମାର୍ଚ୍ଚ ମାସ ୨୩ ତାରିଖରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ରବିନ୍ଦ୍ରନାଥ ମହାନ୍ତି ଏହି ମନ୍ଦିରର ଶିଳାନ୍ୟାସ କରିଥିଲେ । ଏହାର ତିନିବର୍ଷ ପରେ ୧୯୭୪ ମସିହା ଏପ୍ରିଲ ମାସ ୧୧ ତାରିଖରେ ତତ୍‌କାଳୀନ ମୂଖ୍ୟମନ୍ତ୍ରୀ ଶ୍ରୀମତି ନନ୍ଦିନୀ ଶତପଥୀ ଗାନ୍ଧୀ ମନ୍ଦିରର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ମନ୍ଦିରର ଉଚ୍ଚତା ୩୯ ଫୁଟ । ମନ୍ଦିରର ପ୍ରବେଶ ଦ୍ୱାରର ଉପର ଭାଗରେ ରହିଛି ଭାରତର ମାନଚିତ୍ର ସହ ଭାରତମାତାଙ୍କର ମୂର୍ତ୍ତି । ତାଙ୍କ ହାତରେ ରହିଛି ଜାତୀୟ ପତାକା । ଭାରତମାତାଙ୍କ ଉଭୟ ପାର୍ଶ୍ୱରେ ରହିଛି ତତ୍‌କାଳୀନ ଜାତୀୟ ପଶୁ ସିଂହ ଓ ଜାତୀୟ ପକ୍ଷୀ ମୟୂର । ମନ୍ଦିରର ଗର୍ଭ ଗୃହରେ ରହିଛି ମହାତ୍ମାଗାନ୍ଧୀଙ୍କ ତିନି ଫୁଟ ପାଞ୍ଚ ଇଞ୍ଚ ଉଚ୍ଚତାର ବ୍ରୋଞ୍ଜ ମୂର୍ତ୍ତି । ଏହି ମୂର୍ତ୍ତି ଖଲିକୋଟ ଆର୍ଟ କଲେଜର ଶିଳ୍ପୀ ନୃପଭୂଷଣ ଦାସଗୁପ୍ତା ଓ ସାଥୀମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ମନ୍ଦିର ସମ୍ମୁଖରେ ରହିଛି ଆମ ଦେଶର ଜାତୀୟ ପ୍ରତୀକ ଅଶୋକସ୍ତମ୍ଭ ଯାହା ଉପରେ ରହିଛି ଚାରୋଟି ସିଂହ । ବୌଦ୍ଧଧର୍ମର ସ୍ମୃତି ବହନ କରୁଥିବା ସାରନାଥରେ ଥିବା ଅଶୋକସ୍ତମ୍ଭ ଏଠାରେ ସ୍ଥାନିତ ହୋଇଅଛି । ପ୍ରକୃତରେ ଭତରା ଗ୍ରାମବାସୀ ଏହି ପ୍ରତିରୂପ ନିର୍ମାଣ କରି ଜାତୀୟ ଭାବନାକୁ ମନ୍ଦିର ସହିତ ଯୋଡି ଦେଇଛନ୍ତି । ଭତରା ଗ୍ରାମର ଗାନ୍ଧୀ ମନ୍ଦିରର ବିଶେଷତ୍ୱ ହେଲା ଏହି ମନ୍ଦିର ପୂଜକ ଜଣେ ହରିଜନ । ମନ୍ଦିର ମଧ୍ୟରେ ଗାନ୍ଧୀଙ୍କ ଆସନ କଡରେ ପୂଜା ପାଉଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ ।

ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଏହି ମନ୍ଦିରରେ ରାମଧ୍ୱନି ଶୁଣିବାକୁ ମିଳେ । ପଡାର ସମସ୍ତେ ଏକତ୍ରିତ ହୋଇ ରଘୁପତି ରାଘବ......... ପ୍ରାର୍ଥନାରେ ଗାନ୍ଧିଜୀଙ୍କୁ ପୂଜା କରନ୍ତି । ଧୂପ, ଦୀପ, ଭୋଗ, ନୈବେଦ୍ୟ ଇତ୍ୟାଦି ଅର୍ପଣ କରାଯାଏ । ସବୁ ଜାତି ଓ ଧର୍ମର ବ୍ୟକ୍ତି ମାନେ ଏହି ମନ୍ଦିରର ପୂଜାର୍ଚ୍ଚନାରେ ଭାଗ ନିଅନ୍ତି ଓ ପ୍ରସାଦ ସେବନ କରିଥାନ୍ତି । ଲୋକମାନଙ୍କ ଶ୍ରଦ୍ଧା ଓ ଆଗ୍ରହକୁ ନେଇ ମନ୍ଦିରରେ ଛୋଟ-ବଡ ସଭା କରାଯାଏ ଏବଂ ମାନସିକ ଭୋଗ ମଧ୍ୟ ଲାଗି କରାଯାଏ । ଆମ ଦେଶର ଚାରୋଟି ଗୁରୁତ୍ୱପୂର୍ଣ୍ଣ ଜାତୀୟ ଦିବସ ଯଥା- ସ୍ୱାଧୀନତା ଦିବସ ଅଗଷ୍ଟ ୧୫, ସାଧାରଣତନ୍ତ୍ର ଦିବସ ଜାନୁୟାରୀ ୨୬, ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ ଓ ଗାନ୍ଧୀଜୀଙ୍କ ମହାପ୍ରୟାଣ ଦିବସ ଜାନୁୟାରୀ ୩୦ ଏହି ମନ୍ଦିରରେ ମହାସମାରୋହରେ ପାଳନ କରାଯାଏ । ଏହି ଦିବସ ମାନଙ୍କରେ ଗାନ୍ଧୀବାଦୀ ମାନେ ଏଠାରେ ଏକତ୍ରିତ ହୋଇ ଗାନ୍ଧୀଜୀଙ୍କର ନୀତି, ଆଦର୍ଶ, ବିଚାର ତତ୍ତ୍ୱ ଇତ୍ୟାଦି ସଂପର୍କରେ ଆଲୋଚନା କରିଥାନ୍ତି । ସର୍ବ ଧର୍ମ ପ୍ରାର୍ଥନା ସଭା ମଧ୍ୟ ଗାନ୍ଧୀବାଦୀ ମାନଙ୍କ ଦ୍ୱାରା ଆୟୋଜିତ ହୋଇଥାଏ । ଭତରା ଗ୍ରାମର ଗାନ୍ଧୀ ମନ୍ଦିର ତା'ର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ପାଇଁ ସମଗ୍ର ଦେଶରେ ସୁପରିଚିତ । ଏହି ମନ୍ଦିର ଜାତୀୟ ଏକତା, ସଂହତି, ଭ୍ରାତୃଭାବ ଓ ଜାତୀୟ ଭାବନା ସୃଷ୍ଟିରେ ସହାୟକ ହୋଇଅଛି । ଭତରା ଗ୍ରାମବାସୀଙ୍କର ଗାନ୍ଧୀଙ୍କ ପ୍ରତି ଥିବା ତାଙ୍କର ଶ୍ରଦ୍ଧା, ସମ୍ମାନ ଓ ଦେବତ୍ୱ ଭାବ ଏହି ମନ୍ଦିର ତା'ର ଜ୍ୱଳନ୍ତ ପ୍ରମାଣ । ସାଂପ୍ରତିକ ସମୟରେ ଏହି ମନ୍ଦିର ମହନୀୟ ବାର୍ତ୍ତା ନିଶ୍ଚିତ ଭାବରେ ସମସ୍ତଙ୍କ ହୃଦୟକୁ ସ୍ପର୍ଶ କରିବ ଏଥିରେ କୌଣସି ଦ୍ୱିମତ ନାହିଁ । ଏହି ମନ୍ଦିର ଗ୍ରାମବାସୀଙ୍କ ସଦ୍‌ଭାବ, ଧର୍ମନିରପେକ୍ଷତା, ଭେଦଭାବ ଶୂନ୍ୟ ସମାଜ ଓ ମାନବ ଧର୍ମର ଉଦ୍‌ଘୋଷକ ଅଟେ ।

ଓଡ଼ିଶା ତଥା ସମଗ୍ର ଦେଶରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଙ୍କୁ ଧାର୍ମିକ ବିଶ୍ୱାସ ର ସହିତ ପୂଜା କରାଯାଏ । ସେଥିମଧ୍ୟରୁ ବରଗଡ ଜିଲ୍ଲାର ପାଣିମୋରା ଗ୍ରାମ ଅନ୍ୟତମ । ସ୍ୱାଧୀନତା ସଂଗ୍ରାମ ଓ ଗାନ୍ଧୀବାଦ ସହିତ ଏହି ଗ୍ରାମ ଓତପ୍ରୋତ ଭାବେ ଜଡିତ । ଏହି ଗ୍ରାମର ରମଣୀମାନେ ପ୍ରଭାତରେ ନଦୀରୁ ସ୍ନାନ ସାରି ଗାନ୍ଧୀ ପ୍ରତିମୂର୍ତ୍ତିରେ ଜଳଲାଗି ଓ ପୂଜାର୍ଚ୍ଚନା କରିଥାନ୍ତି । ଗାନ୍ଧୀବାଦର ସମସ୍ତ ନୀତି ଏହି ଗ୍ରାମ ନିଷ୍ଠାପର ସହିତ ପାଳନ କରେ । ଗାନ୍ଧୀଜୟନ୍ତୀ ଓ ଗାନ୍ଧୀଜୀଙ୍କ ଶ୍ରାଦ୍ଧ ଦିବସରେ ଏହି ଗ୍ରାମରେ ଆମିଷ ନିଷେଧ । ଆମ ଦେଶର ବିଭିନ୍ନ ସ୍ଥାନରେ ଗାନ୍ଧୀଜୀଙ୍କୁ ଦେବତା ଭଳି ଜ୍ଞାନ କରି ପୂଜାର୍ଚ୍ଚନା କରାଯାଏ । ତେଲେଙ୍ଗାନା ରାଜ୍ୟର ନାଲଗୋଣ୍ଡା ଜିଲ୍ଲା ଓ ତାମିଲନାଡୁ ର ଇରୋଡ ଜିଲ୍ଲାରେ ଦୁଇଟି ଗାନ୍ଧୀ ମନ୍ଦିର ରହିଛି କିନ୍ତୁ ସେ ସବୁ ସମ୍ବଲପୁର ଭତରା ଗ୍ରାମ ମନ୍ଦିରର ବହୁପରେ ନିର୍ମାଣ କରାଯାଇଅଛି । ତେଣୁ ଭତରା ଗ୍ରାମର ମନ୍ଦିରକୁ ଦେଶର ପ୍ରଥମ ଗାନ୍ଧୀ ମନ୍ଦିର କୁହାଯାଇପାରେ । ଐତିହ୍ୟ ଓ ସଂସ୍କୃତି ସଂପନ୍ନ ଗ୍ରାମ ଭତରା ସମ୍ବଲପୁର ମହାନଗର ନିଗମ ଠାରୁ ମାତ୍ର ଆଠ କି.ମି. ଓ ଧନୁପାଲି ଠାରୁ ମାତ୍ର ତିନି କି.ମି. ଦୂରରେ ଅବସ୍ଥିତ । ଏହି ଗ୍ରାମ ଗବେଷକ, ଗାନ୍ଧୀବାଦୀ, ଜାତିପ୍ରେମୀ ଓ ସଂସ୍କୃତ ସଂପନ୍ନ ବ୍ୟକ୍ତିଙ୍କ ର ଏକ ତୀର୍ଥସ୍ଥଳ ଅଟେ

**ଇତିହାସ ବିଭାଗ**
**ସନାତନ ହରିଚନ୍ଦନ ମହାବିଦ୍ୟାଳୟ**
**ମଦନପୁର, ଖୋର୍ଦ୍ଧା- ୭୫୨୦୫୪**

# ଭକ୍ତ ଶିରୋମଣି ଜୟ ହନୁମାନ

- ଶ୍ରୀ କୁଞ୍ଜ ବିହାରୀ ସାହୁ

ଉତ୍କଳୀୟ ପର୍ବ ଓ ପରମ୍ପରାରେ ବିଷୁବ ସଂକ୍ରାନ୍ତି ହିଁ ଓଡ଼ିଆ ନବବର୍ଷକୁ ବୁଝାଏ । ପ୍ରତି ଉତ୍କଳୀୟର ଭକ୍ତିପୂତ ପର୍ବଟିଏ । ଏହି ବିଷୁବ ସଂକ୍ରାନ୍ତିରେ ମହାପ୍ରଭୁ ହନୁମାନଙ୍କର ଜନ୍ମ ଜୟନ୍ତୀ । ପୁରାଣରେ କଥିତ ଅଛି ଯେ ହନୁମାନ ବିଷୁବ ସଂକ୍ରାନ୍ତି ଦିନ ପ୍ରଭାତରେ ଜନ୍ମଗ୍ରହଣ କରିଥିଲେ । ଭଗବାନ ଶ୍ରୀରାମଙ୍କର ପରମ ଭକ୍ତ ଶ୍ରୀ ହନୁମାନ ମଙ୍ଗଳରୂପୀ, ପରମଦୟାଳୁ, କରୁଣା-ସାଗର ।

ଭୁବନେଶ୍ୱରର ଜନତା ମଇଦାନ, ବରମୁଣ୍ଡାସ୍ଥିତ ଦୁର୍ଗାମଣ୍ଡପର ମୁକ୍ତ ପ୍ରାଙ୍ଗଣ ଅବା ମଂଚେଶ୍ୱର ରେଳଡବା ନିକଟସ୍ଥ ଖେଳପଡ଼ିଆରେ ଅନୁଷ୍ଠିତ ସହସ୍ର କୁମ୍ଭ ସ୍ଥାପନ ଓ ଶକ୍ତି ଆବାହନ ଘୃତଯଜ୍ଞ ତଥା ୧୦୮ ଶ୍ରୀହନୁମାନ ଚାଳିଶାପାଠ ସମସ୍ତ ହନୁମାନଭକ୍ତଙ୍କ ପାଇଁ ଏକ ଭକ୍ତି ରସାତ୍ମକ ଆତ୍ମା ସମ୍ମେଳନ । ୧୦୮ ଟି କଳସ ପ୍ରତିଷ୍ଠା ଏବଂ ଭକ୍ତିପୂତରେ ଏକାତ୍ମ ହୋଇ ଶ୍ରୀ ହନୁମାନଙ୍କର ଚାଳିଶା ପଠନ ବାସ୍ତବିକ ବାତାବରଣକୁ ମନ୍ତ୍ରମୁଗ୍ଧ କରିଥାଏ । ଯୋଗଦାନକରିବା ଅବସରରେ ନିଜକୁ ଭାଗ୍ୟବାନ ମନେକରିବା ସହିତ ବିମୁଗ୍ଧ ଭାବାବେଗରେ ୧୦୮ ଥର ହନୁମାନଙ୍କର ଚାଳିଶା, ଆରତୀ ଓ ଭଜନ ପାଠକରି ତାଙ୍କର ଶୁଭାଶୀର୍ବାଦ ଲାଭ କରିଛି ।

ଏକଦା ହନୁମାନଙ୍କର ଅଲୌକିକ ଘଟଣାରେ ମୁଁ କୃତାର୍ଥ ମଣିଛି ।

୨୦୦୦ ମସିହାରେ ଅଖିଳ ଭାରତୀୟ ଶିଶୁ ଲେଖକ ସମ୍ମେଳନ ଓଡ଼ିଶା ରାଜ୍ୟ ଶାଖା ତରଫରୁ ଗୌହାଟୀରେ ଅନୁଷ୍ଠିତ ସମ୍ମେଳନରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଥିଲି । ଦୀର୍ଘ ଯାତ୍ରାର ଅବଧି ପରେ ନିୟୁଜଳପାଇଗୁଡି ଷ୍ଟେସନରେ ଗାଡ଼ି ଅଟକିଲା । କେତେକ ଓଡ଼ିଆ ବନ୍ଧୁ କହିଲେ- ପରବର୍ତି ଷ୍ଟେସନ ହିଁ ଗୌହାଟୀ । ଏହା କହି ସେମାନେ ଓହ୍ଲାଇଗଲେ । ମୁଁ ବି ନିଜକୁ ପ୍ରସ୍ତୁତି କଲି । ବସିଥିବା ରଙ୍ଗ ରଙ୍ଗଭମଗ୍ୱସକ୍ଟଭ ଙ୍ଗ ଓଡ଼ିଆ ବନ୍ଧୁଙ୍କ ବଗିରେ ମୋ ଓଦା ଗାମୁଛା ଝୁଲାହୋଇଥିଲା । ସେମାନେ ଓହ୍ଲାଇଲାବେଳକୁ ପଚାରିଲେ- ଏ ଗାମୁଛା କାହାର ? ମୁଁ ସସେମାନଙ୍କ ସହ ଗପସପରେଏ ଏତେ ବିଭୋରତ ହୋଇଯାଇଥିଲି ଯେ ସଠିକ ଭାବେ କହିରପାରିଲିନି । ସେଥିରୁ କିଏ ନେଇଥିଲା କି ନାହିଁ ମୁ ଜାଣେନି । ମା ବଗିକୁ ମୁଁ ଫେରିଆସିଲି । ବନ୍ଧୁମାନଙ୍କୁ ଆଗାମୀ ଷ୍ଟେସନରେ ଓହ୍ଲାଇବାପାଇଁ କଥାହେଲି । କିଛି ସମୟପରେ ମୋ ବ୍ୟାଗ୍ ସଜାଡ଼ିଲାବେଳକୁ ନାଲି ଗାମୁଛାଟି ନ ପାଇ ବ୍ୟସ୍ତ ଲାଗିଲା । ଆଖପାଖ ବଗି ଖୋଜିଲାପରେ ବି କୌଣସି ସନ୍ଧାନ ପାଇଲିନାହିଁ । ବିବ୍ରତ ତଥା ହତାଶା ମନୋଭାବରେ ମୋର ସାଥୀମାନଙ୍କୁ ଅବଗତ କରାଇଲି । ନିକଟତର ହେଲା ଗୌହାଟୀ ଷ୍ଟେସନ । ଷ୍ଟେସନରେ ଓହ୍ଲାଇ ନିଜ ଲକ୍ଷ୍ୟସ୍ଥଳରେ ପହଂଚିଲି । ଯୋଗଦେଲି ଶିଶୁସାହିତ୍ୟ ସମ୍ମେଳନରେ । କବିତା ପଠନ ଓ ଆଲୋଚନାରେ ଭାଗ ନେଲି । ତଥାପି ଅବସର ମୁହୂର୍ତରେ ହଜିଯାଇଥିବା ନାଲି ଗାମୁଛାକଥା ମନେପଡ଼ିଯାଉଥିଲା ତୁହାକୁତୁହା । ତିନିଦିନର ରହଣୀ ପରେ ଭୁବନେଶ୍ୱର ପ୍ରତ୍ୟାବର୍ତନ କଲି । ପୂର୍ବ ରାତିରେ ଟ୍ରେନ୍ ଭିତରେ ୧୦୮ ହନୁମାନ ଚାଳିଶା ମହାଯଜ୍ଞ କଥା ସ୍ମରଣ କଲି ଓ କାୟମନବାକ୍ୟରେ ଲଗାତର ୧୦୮ ଥର ଚାଳିଶା ପାଠକଲି । ତହିଁ ପରଦିନ ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇ ପ୍ଲାଟଫର୍ମର ଫୁଟ୍ ଓଭରବ୍ରିଜ୍ ଚଢ଼ିଲାବେଳକୁ ଜଣେ ଭଦ୍ରବ୍ୟକ୍ତି ପିଠିପଛରୁ ଡାକିଲେ ଏବଂ ମୋର ନାଲିଗାମୁଛାଟିକୁ ଆପେଆପେ ଫେରେଇଦେଲେ । ମୁଁ ହଠାତ୍ ଚମକି ପଡ଼ିଲି । ବିଶ୍ୱାସ କରିପାରିଲିନି । ପରେ ଆଶ୍ୱସ୍ତି ଅନୁଭବ କଲି । ମନେମନେ ପ୍ରଣାମକଲି ସଙ୍କଟମୋଚନ ଶ୍ରୀ ହନୁମାନଙ୍କୁ । ପାଠକ/ପାଠିକାମାନଙ୍କୁ ଏହି ଘଟଣାର ସାରାଂଶ ସାମାନ୍ୟ ବୋଲି ମନେହେଲେ ବି ମୋ ପାଇଁ ଏକ ଅଲିଭା ଅନନ୍ୟ ଅନୁଭୂତି । ବିଶେଷ କରି ଚାଳିଶା ପଠନର ମହାର୍ଘ ଅନୁଭବ ।

ପଛକୁ ଫେରିନି ସେଇଦିନଠୁ । ଖୁବ୍ ଆପଣେଇ ନେଇଛି ସଙ୍କଟମୋଚନ ଶ୍ରୀ ହନୁମାନଙ୍କୁ ।

ସଙ୍କଟମୋଚନ ଭକ୍ତ ଶିରୋମଣି ହନୁମାନଙ୍କ ଉପରେ ସମ୍ୟକ ଧାରଣାକୁ ଉପସ୍ଥାପନା କରୁଛି ।

ପୁରାଣ ଶାସ୍ତ୍ରାନୁଯାୟୀ ଶ୍ରୀ ହନୁମାନ ବଜ୍ରସମ ମଜଭୁତ ଶରୀରର ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ । ତେଣୁ ତାଙ୍କୁ ବଜରଙ୍ଗବାଲୀ ଭାବେ ଉତର ଭାରତରେ ସ୍ମରଣ କରାଯାଇଥାଏ । ସାଧାରଣତଃ ତନ୍ତ୍ରସାଧକମାନେ ନିମ୍ନୋକ୍ତ ଅଷ୍ଟସିଦ୍ଧିର ଅଧିକାରୀ ହୋଇଥାନ୍ତି । ଏହି ଅଷ୍ଟସିଦ୍ଧି ହେଲା——

| | |
|---|---|
| ଅଣିମା | ଲଘୁ ରୂପ ଧାରଣ |
| ମହିମା | ବିଶାଳ ରୂପ ଧାରଣ |
| ଲଘିମା | ବିଶାଳ ହୋଇ ମଧ୍ୟ ହାଲୁକା |
| ଗରିମା | ଅଧିକ ଓଜନବାଲା ହେବା |
| ପ୍ରାପ୍ତି | ଅଲଭ୍ୟ ବସ୍ତୁର ପ୍ରାପ୍ତି |
| ପ୍ରାକାଶ୍ୟ ଲକ୍ଷ୍ୟ ପୂରଣ କରିବା | |
| ଈଶତ୍ୱ | ନିର୍ଭୟତା |
| ବଶିତ୍ୱ | ବିପକ୍ଷକୁ ବଶ୍ୟ କରିବାରେ ସମର୍ଥ |

ଶ୍ରୀ ହନୁମାନ ଏହି ସିଦ୍ଧି ମାତା ସୀତାଙ୍କଠାରୁ ଲାଭ କରିଥିଲେ । ଲଙ୍କା ରାଜ୍ୟରେ ପ୍ରବେଶ ପୂର୍ବରୁ ଶହେ ଯୋଜନ ଚଉଡ଼ା ସମୁଦ୍ରକୁ ଅତିକ୍ରମିବା ସମୟରେ ନାଗମାତା ସୁରସାଙ୍କ ସହ ବଳ-ବୁଦ୍ଧିର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ସୁରସା ଶହେ ଯୋଜନ ଆଁ କଲେ ବି ଶ୍ରୀ ହନୁମାନ ବୁଦ୍ଧିର ପରାକାଷ୍ଠା ପ୍ରଦର୍ଶନ କରି ଅଣିମା ସିଦ୍ଧି ବଳରେ ମାଛଟିଏ ହୋଇଗଲେ । ସୁରସାର ପାଟି ଭିତରେ ପ୍ରବେଶକରି କର୍ଣ୍ଣଗହ୍ୱର ଦେଇ ପ୍ରତ୍ୟାବର୍ତନ କଲେ । ନିମିଷକରେ ଚକିତ ହୋଇପଡ଼ିଲେ ସୁରସା । ନିଜର ମହାନତାପୂର୍ବକ ଆଶୀର୍ବାଦ ଦେଇକହିଲେ- 'ହେ ମହାବୀର, ଦେବତାମାନେ ତୁମର ବଳବୁଦ୍ଧି ପରୀକ୍ଷା କରିବାପାଇଁ ମୋତେ ପ୍ରେରଣ କରିଥିଲେ । ତୁମେ ବାସ୍ତବିକ ନିର୍ଭୀକ, ବଳଶାଳୀ, ପ୍ରଖର ବୁଦ୍ଧିମାନ । ତୁମେ ସିଦ୍ଧି, ବିଜୟ, ଶତ୍ରୁ ସଂହାରକ, ବିପଦ ପ୍ରତିହାର, ଅସାଧ୍ୟର ସାଧ୍ୟ ସ୍ୱରୂପ । ତୁମେ ଅଚିରେ ଭଗବାନ ଶ୍ରୀରାମଙ୍କର ସକଳ କାର୍ଯ୍ୟ ପୂର୍ଣ୍ଣ କରିଯାଅ ।' ସେହି ସିଦ୍ଧିର ଅନୁରୂପ ହେଉଛି ମାଛି ବେଶ ଧାରଣ । ସେଥିପାଇଁ ରାତ୍ରିରେ ମାଛି ରୂପରେ ଲଙ୍କାରେ ପ୍ରବେଶ କରିଥିଲେ ।

ହନୁମାନ ସାଧାରଣ ବାନର ନ ଥିଲେ । ସେ ଥିଲେ ପ୍ରଜ୍ଞାନଦାତା ରାମ ଦୂତ । ସେ ଜ୍ଞାନୀ, ଅଗାଧ ପାଣ୍ଡିତ୍ୟର ଅଧିକାରୀ, ତନ୍ତ୍ରଜ୍ଞ, ଶୈବାଚାର୍ଯ୍ୟ, ଶ୍ରେଷ୍ଠ ସେବକ, ଅତୁଳିତ ବଳଶାଳୀ, ସ୍ଥିତପ୍ରଜ୍ଞ, ବିଚାରବନ୍ତ, ସହିଷ୍ଣୁ, ପରୋପକାରୀ । ସେ ଶୈଶବରେ ରବିଙ୍କ ଠାରୁ ତେଜ, ଇନ୍ଦ୍ରଙ୍କ ଠାରୁ ବଜ୍ର, ବରୁଣଙ୍କ ଠାରୁ ଜଳ, ବାୟୁଦେବଙ୍କଠାରୁ ବାୟୁ, ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କଠାରୁ ଅଜୟ, ଅମର ଓ ଚିରଞ୍ଜିବୀ ବର ପ୍ରାପ୍ତ ହୋଇଥିଲେ । ଗୋସ୍ୱାମୀ ତୁଳସୀ ଦାସ ଶ୍ରୀରାମଚରିତ ମାନସରେ ହନୁମାନଙ୍କୁ ସମସ୍ତ ଶକ୍ତିର ଅଧିକାରୀ ବୋଲି ମଣିଛନ୍ତି । ଲଙ୍କାରୁ ଫେରିଛନ୍ତି ଶ୍ରୀ ହନୁମାନ ଏବଂ ପ୍ରଭୁ ରାମଚନ୍ଦ୍ରଙ୍କୁ ସାକ୍ଷାତ କରିବାପରେ ଦୁହିଁଙ୍କ ଭିତରେ କଥୋପକଥନ ହୋଇଛି, ଯେଉଁଥିରେ ସମର୍ପଣ ଭାବର ଛିଟା ବାରି ହୋଇପଡ଼ିଛି । ପ୍ରଭୁ ଶ୍ରୀ ରାମଚନ୍ଦ୍ର ପଚାରୁଛନ୍ତି- 'କୁହ ହନୁମାନ, ରାବଣ ଦ୍ୱରା ସୁରକ୍ଷିତ ଲଙ୍କା ଦୁର୍ଗକୁ କିଭଳି ଭାବରେ ଦଗ୍ଧକଲେ ।' ନିର୍ଭୀକ ମନୋବାକ୍ୟରେ ବଖାଣିଲେ- 'ମୁଁ ବାନର ଜାତି ; ଡାଳରୁ ଡାଳ ଡେଇଁ ସହସ୍ର ଯୋଜନ ସିନ୍ଧୁକୁ ଲଂଘନ କରି ଲଙ୍କାପୁରରେ ପ୍ରବେଶ କଲି । ଲଙ୍କା ଦହନ ଏବଂ ସମସ୍ତ ରାକ୍ଷାସ-ରାକ୍ଷସୀଗଣଙ୍କୁ ନିଧନ କଲି । କେବଳ ତୁମର ଆଶୀର୍ବାଦ ହିଁ ମୋର ସମସ୍ତ ସଫଳତାର ପ୍ରତୀକ ହୋଇପାରିଛି ।' ଏଥିରୁ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପ୍ରତି ହନୁମାନଙ୍କ ଗଭୀର ସମର୍ପଣଭାବର ସୂଚନା ମିଳେ । ଏହି ସମର୍ପଣ ଭାବ କେବଳ ପୌରାଣିକ ଆଖ୍ୟାୟିକାରେ ସୀମାବଦ୍ଧ ନୁହେଁ । ସାମ୍ପ୍ରତିକ ସାମାଜିକ ଚଳଣୀରେ ମଧ୍ୟ ଏ ପ୍ରକାର ଭାବନାର ସୂଚନା ମିଳିଛି, ଯେଉଁଠି ଭକ୍ତ ଭଗବାନଙ୍କର ମିଳନ ଘଟିଛି । ଯେତେ ବଡ଼ ଆସନ/ ମର୍ଯ୍ୟାଦା ନେଇ ମନୁଷ୍ୟ ଜୀବନ ଧାରଣ କଲେ ବି ଅହଙ୍କାର ଶୂନ୍ୟ ମମତ୍ୱବୋଧସହ ସମର୍ପଣଭାବ ରଖିଲେ ସମାଜରେ ପ୍ରେମ ଓ ଶାନ୍ତି ପ୍ରକଟିତ ହୋଇପାରିବ । ଏହି ଆଦର୍ଶ ଭକ୍ତ ହନୁମାନଙ୍କଠୁ ଶିଖିବା ଏବଂ କାର୍ଯ୍ୟରେ ପରିଣତ କରିବା ସମସ୍ତଙ୍କର ବିଧେୟ । ସମସ୍ତେ ଅନୁଭବ କରିଥାନ୍ତି ଯେ ହନୁମାନ ଶ୍ରୀରାମଙ୍କ ପରମ ଭକ୍ତ । ଏହା କେବଳ ଆଂଶିକ ସତ୍ୟ । ରାମ ଓ ସୀତାଙ୍କ ଯୁକ୍ତିପୂର୍ଣ୍ଣ କଥୋପକଥନରୁ ଜଣାପଡ଼େ ଯେ ହନୁମାନ ସୀତାରାମଙ୍କ ଭକ୍ତ । ଅର୍ଥାତ ସୀତା ଓ ରାମଙ୍କ ଭକ୍ତ । ହନୁମାନଙ୍କ ଭଜନର ପ୍ରଥମ ପଦ ହେଲା-

*ସୀତାରାମ ସୀତାରାମ ସୀତାରାମ କହିୟେ ।*
*ଜାହୀବିଧି ରାଖେ ରାମ ତାହୀ ବିଧି ରହିୟେ ।*
*ମୁଖେ ମେଂ ହୋ ରାମ ନାମ, ରାମ ସେବା ହାଥମେଂ,*
*ତୁ ଅକେଲା ନହୀଂ ପ୍ୟାରେ, ରାମ ତେରେ ସାଥ ମେଂ ।*
*ବିଧି କା ବିଧାନ ଜାନି ହାନି ଲାଭ ସହିୟେ ।*
*ଜାହୀ ବିଧି..*

ଏକ ଘଟଣାକ୍ରମର ନିର୍ଯ୍ୟାସରୁ ବାରିହୋଇପଡ଼େ ଯେ ହନୁମାନ ଗୋଟିଏ ହାତରେ ଶୋଷିତ ଶ୍ରୀରାମଙ୍କୁ ପାଣିପାତ୍ର ଅର୍ପଣ କରୁଥିଲାବେଳେ ଅନ୍ୟ ହାତରେ ଘର୍ମାକ୍ତ ଶରୀରରେ ନିଜକୁ ଅସହାୟ ମନେକରୁଥିବା ମା' ସୀତାଙ୍କୁ ପଙ୍ଖା କରୁଥିଲେ । ପ୍ରଭୁଙ୍କ ପ୍ରତି ହନୁମାନଙ୍କ ଏକାତ୍ମ ଭାବ ଭକ୍ତି ଓ ସମର୍ପଣର ମହା ସଂଯୋଗ । ତେଣୁ ପ୍ରଭୁଙ୍କ ନିକଟତର ହେବା ପାଇଁ ତ ଜ୍ଞାନ-କୌଶଳରେ

ଆବଶ୍ୟକତା ନାହିଁ, ବରଂ ଅନାବିଳ ଭକ୍ତି-ପ୍ରେମର ଆବଶ୍ୟକତା ରହିଛି । ଏହି ବସ୍ତୁବାଦୀ ସମାଜରେ ପ୍ରତ୍ୟେକ ମନୁଷ୍ୟ ନିଜର ଅହଂକୁ ତେଜ୍ୟ କରି ଭକ୍ତି-ପ୍ରେମରେ ପ୍ରଭୁଙ୍କ ଶରଣାପନ୍ନ ହେଲେ, ନିଶ୍ଚିତ ଆଶୀର୍ବାଦ ପ୍ରାପ୍ତ ହୋଇପାରିବ । କଳୁଷିତ ମାୟାମୋହ ସଂସାରରୁ ମୁକ୍ତି ପାଇ ନିଜ ଜୀବନକୁ ସାର୍ଥକ ମଣିବ ।

ପ୍ରଭୁ ରାମଚନ୍ଦ୍ର ଓ ମା' ସୀତାଙ୍କର ପ୍ରତ୍ୟକ୍ଷ ବିବରଣୀ ଯାହାକି ରାମାୟଣରେ କଳ୍ପିତ ହୋଇଛି, ତାହାକୁ ଭକ୍ତ ହନୁମାନ ପ୍ରଥମେ ନିଜ ନଖରେ ସୁନ୍ଦର ଓ ବିସ୍ତୃତ ଭାବରେ ପାଷାଣ ଖୋଲରେ ଲେଖିଥିଲେ । ଏହା ଥିଲା ବାସ୍ତବିକ ରାମାୟଣ । ହନୁମାନ ଚାହୁଁଥିଲେ ରାମଚନ୍ଦ୍ରଙ୍କ କଥା ଯୁଗେଯୁଗେ ବିସ୍ତାରଲାଭ କରୁ । ବାଲ୍ମିକୀ ଏହି ରାମାୟଣକୁ ପଠନ କରିଥିଲେ । ଅଜାଣତରେ ଆଖିରୁ ଧାରଧାର ଲୁହ ବୋହିବାକୁ ଲାଗିଲା । ବାଲ୍ମିକୀ ଭାବିଥିଲେ ହନୁମାନଙ୍କଦ୍ୱାରା ଲିଖିତ ରାମାୟଣ କାଳେ ଅଧିକ ଗ୍ରହଣୀୟ ହେବ, ସେଥିପାଇଁ ଚିନ୍ତାଗ୍ରସ୍ତ ହୋଇପଡ଼ିଲେ । ହେଲେ, ବିଦ୍ୱାନ ହନୁମାନଙ୍କୁ ଏ କଥା ଅଛପା ରହିଲା ନାହିଁ । ତେଣୁ ଅନ୍ୟ ମନରେ ଦୁଃଖ ନ ଦେବାର ଆଶାରେ ନିଜ ଲିଖିତ ରାମାୟଣକୁ ସମୁଦ୍ର ଜଳରେ ବିସର୍ଜନ କରିଦେଲେ ଏବଂ ନିଜର ମହନୀୟତା ପ୍ରଦର୍ଶନ କରିଥିଲେ । ଏଭଳି ବିଶାଳ ହୃଦୟ ହନୁମାନଙ୍କର ହିଁ ଅଛି । ଏବଂ ନିଜ ପ୍ରଭୁଙ୍କ ପ୍ରତି ନିଷ୍ଠା, ଭକ୍ତିକୁ ସେ ପ୍ରତିପାଦନ କରିପାରିଥିଲେ । ନିଜର ଅଭିଳାଷକୁ ଚିରତାର୍ଥ କରିବା ଆଶାରେ ରାମାୟଣ ପାଠ ସମୟରେ ହନୁମାନ ଅଦୃଷ୍ଟ ରୂପରେ ଆସି ରାମାୟଣକୁ ଶୁଣିଥାନ୍ତି ବୋଲି ଲୋକ ବିଶ୍ୱାସ ରହିଛି ।

ରାମଚରିତମାନସରେ ଶ୍ରୀରାମ ହନୁମାନଙ୍କ ବିରାଟ ପ୍ରଶସ୍ତି ଗାନ କରିଛନ୍ତି । ହନୁମାନଙ୍କ ପ୍ରତ୍ୟେକ କାର୍ଯ୍ୟରେ ସଂଳତା କାମନା କରିଛନ୍ତି । ଭକ୍ତି ଓ ଭକ୍ତର ଏକ ଆଦର୍ଶ ନମୁନା ବାଢ଼ିଛନ୍ତି । ସୁଗ୍ରୀବ ହନୁମାନଙ୍କୁ କହିଛନ୍ତି- ହେ ବାନରଶ୍ରେଷ୍ଠ ହନୁମାନ, ଜଳ, ସ୍ଥଳ, ଆକାଶ ସବୁଠାରେ ତୁମେ ଚରାଚର କରିପାରୁଛ । ଅସୁର, ଗନ୍ଧର୍ବ, ନାଗ, ଦେବତା ଏପରିକି ପ୍ରକୃତି ଉପରେ ତୁମର ଅଗାଧ ପାଣ୍ଡିତ୍ୟ ଅଛି । ଏମିତି ଏକ ଅଭୟବାଣୀ ଶୁଣିଲାପରେ ଶ୍ରୀରାମ ନିଜର ନାମାଙ୍କିତ ମୁଦ୍ରିକାକୁ ହନୁମାନଙ୍କୁ ଅର୍ପଣ କରିଛନ୍ତି । ଆଶୀର୍ବାଦ ଦେଇ କହିଛନ୍ତି 'ତୁମେ ହିଁ ମୋ ପ୍ରାଣପ୍ରିୟା ସୀତାଙ୍କୁ ବୁଝେଇପାରିବ । ତୁମେ ଲଙ୍କା ଗମନ କର ଓ ନିଜ କର୍ତବ୍ୟକୁ ସୁବିନିଯୋଗ କରି ଶୀଘ୍ର ଂରିଆସ ।' ଏଠି ଭକ୍ତ ଓ ଭଗବାନଙ୍କ ଅପୂର୍ବ ସଂଯୋଗ ଥିବାର ସୂଚନା ମିଳୁଛି । ପ୍ରଭୁ ରାମଙ୍କ ପ୍ରତି ହନୁମାନଙ୍କ ଭକ୍ତି ଭାବକୁ ସାଉଁଟିଲା ବେଳକୁ ରାମାୟଣର କଥାବସ୍ତୁ ସ୍ମୃତିଗୋଚର ହୋଇଥାଏ । ଲଙ୍କାଗଡ଼ ଜୟ କରି ଭକ୍ତ ହନୁମାନ ପ୍ରଭୁ ଶ୍ରୀରାମ, ମାତା ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ଅଯୋଧ୍ୟା ଂରିଆସିଲାପରେ କୁଳଗୁରୁ ବଶିଷ୍ଠ ପ୍ରଶ୍ନଟିଏ ଉତ୍‌ଥାପନ କଲେ- ପ୍ରକୃତରେ ରାବଣକୁ କିଏ ବଧ କରିଛି ? ଶ୍ରୀରାମଚନ୍ଦ୍ର, ସୀତାଦେବୀ, ଲକ୍ଷ୍ମଣ ଓ ହନୁମାନ ନିଜ ନିଜର ବୌଦ୍ଧିକତାର ପରିଚୟ ଦେଲେ । ହେଲେ, ବଶିଷ୍ଠ ମହର୍ଷି ଆତ୍ମସନ୍ତୋଷ ଲାଭ କଲେନାହିଁ । ନିଜେ ଦ୍ୱନ୍ଦରେ ପଡ଼ି ଚାରିଜଣଙ୍କୁ ଚାରୋଟି ପ୍ରଶ୍ନ ପଚାରିଲେ-

ସଂସାରରେ ସବୁଠାରୁ ବଡ଼ ଧନୀ କ'ଣ ?
ସଂସାରରେ ସବୁଠାରୁ ବଡ଼ ବଳ କ'ଣ ?
ସଂସାରରେ ସବୁଠାରୁ ବଡ଼ ଦୀପ କ'ଣ ?
ସଂସାରରେ ସବୁଠାରୁ ବଡ଼ ରସ କ'ଣ ?

ସମସ୍ତେ ନିଜ ନିଜର ପଟୁତା ପ୍ରତିପାଦନ କଲେ । ଶେଷରେ ହନୁମାନ କହିଲେ- ପ୍ରଭୁ ରାମ ହିଁ ସମସ୍ତ ପ୍ରଶ୍ନର ଗୋଟିଏ ଉତର । ପ୍ରଭୁଙ୍କ ବିନା କିଛି ସମ୍ଭବ ନୁହେଁ । ମୁଁ କେବଳ ନିମିତ ମାତ୍ର । ମୁଁ ତାଙ୍କର ଶ୍ରୀଚରଣରେ ଦାସ ଭଳି ସମର୍ପିତ । ଏଥିର ସ୍ୱଷ୍ଟ ଅନୁମେୟ ଯେ ହନୁମାନ ପ୍ରଭୁଙ୍କ ପ୍ରତି କେତେ ଆସକ୍ତି । ସେ ଭକ୍ତ ଓ ଭଗବାନଙ୍କ ଐକ୍ୟ ସମନ୍ୱୟ ସ୍ୱରୂପ ।

ଅଯୋଧ୍ୟା ନଗରୀରେ ରାଜଭିଷେକ ଚାଲିଥିଲାବେଳେ ଶ୍ରୀରାମ ଯୁଦ୍ଧରେ ସହଯୋଗ କରିଥିବା ସମସ୍ତଙ୍କୁ ଉପହାର ଦେଲେ । ମାତା ସୀତା ହନୁମାନଙ୍କୁ ନିଜ ଗଳାରେ ପିନ୍ଧିଥିବା ମୋତିମାଳକୁ ଉପହାର ଦେଲେ । ମାତ୍ର ହନୁମାନ ମାଳରୁ ପ୍ରତ୍ୟେକ ମୋତି ଦାନ୍ତରେ ଛିଣ୍ଡେଇ କାନ ପାଖରେ ରଖି ନିରାଶମନରେ ଂିଙ୍ଗିଦେଉଥାନ୍ତି । ମାତା ସୀତା ଦେବୀ ବିଚଳିତ ତଥା ଆଚମ୍ଭିତ ହୋଇ ପଚାରିଲେ- ଏ ମୋତି ମାଳ ମୋ ପିତୃଦେବ ଦେଇଛନ୍ତି । ତୁମେ ଏହାର ମୂଲ୍ୟ ନ ଜାଣି ଂିଙ୍ଗିଦେଉଛ ! ନିର୍ଭୀକ ମନରେ ହନୁମାନ କହିଲେ- 'ମାତା, ପ୍ରତିଟି ମୋତି ଭିତରେ ରାମନାମ ଅଛି କି ନାହିଁ ପରୀକ୍ଷା କରିବାପାଇଁ ଏପରି କରୁଥିଲି । ରାମନାମ ବିନା ସେଗୁଡ଼ିକ ବାଲିଗରଡ଼ା ପରି । ସେହି ପବିତ୍ର ନାମ ମୋର ହୃଦୟ ଭିତରେ ଅଛି । ଏପରିକି ମୋ ଦେହର ପ୍ରତି ଲୋମରେ ବି ଭରିରହିଛି । ପ୍ରଭୁକୃପା ପାଇଁ ଧନ-ଦୌଲତର ଆବଶ୍ୟକତା ନାହିଁ । ତେଣୁ ଆପଣ ଦେଇଥିବା ମୋତିମାଳ ମୋର ପ୍ରୟୋଜନ ନାହିଁ ।' ଏହା କହି ନିଜ ହାତରୁ ଗୋଟାଏ ଲୋମ ଛିଣ୍ଡେଇ ମାତା ସୀତାଙ୍କ କାନ ପାଖରେ ଧରିଲେ । ସେ କେବଳ ଶୁଣିପାରିଲେ- ରାମ.. ରାମ.. । ଉଲ୍ଲସିତ

ହୋଇଗଲେ ମାତା ସୀତା । ହନୁମାନଙ୍କୁ ଭୁରିଭୁରି ପ୍ରଶଂସା କଲେ । ସତରେ ଅନନ୍ୟ ପ୍ରଭୁ ଭକ୍ତି ହନୁମାନଙ୍କର !

ହନୁମାନଜୀ କହୁଥିଲେ - ପ୍ରଭୁ ରାମ, ସୀତା ଦେବୀ ତାଙ୍କ ମଥାରେ ସିନ୍ଦୂର ବୋଳିଲେ ଆପଣଙ୍କ ଯେମିତି ମଙ୍ଗଳ ହୁଏ, ସେହିପରି ମୁଁ ମୋ ଦେହସାରା ସିନ୍ଦୂର ବୋଳିଲେ ଆପଣଙ୍କର ମଙ୍ଗଳ ହେବ । କାରଣ ଆପଣ ମୋ ସ୍ୱାମୀ, ମୋ ପ୍ରଭୁ । ପ୍ରଭୁ ରାମ କହିଲେ- ଯିଏ ହନୁମାନଜୀଙ୍କର ସର୍ବାଙ୍ଗରେ ସିନ୍ଦୂର ଲେପନ କରିବ, ତାଙ୍କୁ ରାମଭକ୍ତି ପ୍ରାପ୍ତି ହେବ ଓ ତାହାର ସମସ୍ତ ଦୋଷଖଣ୍ଡନ ହେବ । ହନୁମାନଜୀ କହିଲେ - ପ୍ରଭୁ, ଯିଏ ଆପଣଙ୍କ ନାମ ସଦାସର୍ବଦା ଜପ କରିବ, ନିରନ୍ତର ଲୟ ରଖୁଥିବ, ସେପରି ଭକ୍ତଙ୍କୁ ମୁଁ ସମସ୍ତ ପ୍ରକାର ବିପଦରୁ ରକ୍ଷା କରିବି । ପ୍ରଭୁ ତଥାସ୍ତୁ କହିଲେ ।

ବିଭିନ୍ନ ସ୍ଥାନରେ ହନୁମାନଙ୍କ ନାମକରଣରେ ବିଭିନ୍ନତା ଥିଲେ ମଧ୍ୟ ହନୁମାନ ଯେ ଦୁଃଖନାଶକ, ସଙ୍କଟମୋଚନ ଏହା ସ୍ୱୀକାର୍ଯ୍ୟ । କେବଳ ଏକନିଷ୍ଠ ସାଧନା, ଭକ୍ତିଭରା ପୂଜନର ଆବଶ୍ୟକତା ରହିଛି । ଯେ କୌଣସି ଦେବା/ଦେବୀ ପୀଠ ହେଉନା କାହିଁକି, ହନୁମାନଙ୍କ ଉପସ୍ଥିତି ଭକ୍ତ ମନରେ ଭକ୍ତି ଚେତନା ଜାଗ୍ରତ କରେ । ହନୁମାନ ଚାଳିସାର ଚୌପାଇରେ- *ସଙ୍କଟ ତେଂ ହନୁମାନ ଛୁଡାଓ୍ୱେ, ମନ କ୍ରମ ବଚନ ଧ୍ୟାନ ଜୋ ଲାଓ୍ୱେ ॥ ସଙ୍କଟ କଟୈ ମିଟୈ ସବ ପୀରା । ଜୋ ସୁମିରୈ ହନୁମତ ବଲବୀରା ॥ ଜୈ ଜୈ ଜୈ ହନୁମାନ ଗୋସାଇଁ । କୃପା କରହୁ ଗୁରୁ ଦେଓ କୀ ନାଇଁ ॥ ଜୋ ସତ ବାର ପାଠ କର କୋଇ । ଛୁଟହି ବନ୍ଦି ମହା ସୁଖ ହୋଇ ॥ ଜୋ ୟହ ପଢୈ ହନୁମାନ ଚାଳିସା । ହୋୟ ସିଦ୍ଧି, ସାଖୀ ଗୌରୀସା ॥*- ବର୍ଣ୍ଣନା କରାଯାଇଛି । ସେହିପରି ହନୁମାନଜୀକି ଆରତୀରେ ଲେଖାଅଛି- *ଆରତୀ ଜୀକୈ ହନୁମାନ ଲଲା କୀ । ଦୁଷ୍ଟ ଦଲନ ରଘୁନାଥ କଲା କୀ ॥*

ପବିତ୍ର ହନୁମାନଙ୍କ ଜନ୍ମ ଜୟନ୍ତୀରେ ମୁଁ ମୋର ଆରାଧ୍ୟ ଦେବତା ସଙ୍କଟମୋଚନ ତଥା ଶ୍ରୀରାମ ଭକ୍ତ ହନୁମାନଙ୍କୁ ପୂଜା-ଅର୍ଘ୍ୟ ପ୍ରଦାନ କରୁଅଛି ।

ମନୋଜବଂ ମାରୁତ ତୁଲ୍ୟବେଗଂ
ଜିତେନ୍ଦ୍ରିୟଂ ବୁଦ୍ଧିମତାଂ ବରିଷ୍ଠମ୍
ବାତାତ୍ମଜଂ ବାନରଯୂଥମୁଖ୍ୟଂ
ଶ୍ରୀରାମ ଦୂତଂ ଶରଣଂ ପ୍ରପଦ୍ୟେ ।

ଏଲ୍.ଆଇ.ଜି-୧୫,ନୟାପଲ୍ଲୀ
ବ୍ରିଟ୍ କଲୋନୀ, ଭୁବନେଶ୍ୱର ୭୫୧୦୧୨



# ମୂଲ୍ୟହୀନ

■ ମୀରା ବେଉରା

ସେଦିନ ପୁରସ୍କାର ସଭା, ମାନପତ୍ର, ଫୁଲତୋଡ଼ା– ସବୁ ଯେମିତି ଫିକା ପାଲଟି ଯାଇଥିଲା ସୁମିତ୍ରା ପାଇଁ । ଆଜି ସେ ଅନେକ କିଛି ପାଇଛି– ଲୋକପ୍ରିୟତା, ପ୍ରତିଷ୍ଠା, ଅନେକ କିଛି । କିନ୍ତୁ କେବଳ ପ୍ରତିଷ୍ଠା, ମାନସମ୍ମାନ, ଲୋକପ୍ରିୟତାରେ ସେ ନାରୀର ପେଟ ପୂରେନା, ମନ ଖୁସି ରହେନା । ସେ ସେଦିନ ଛଳଛଳ ଆଖିରେ ଉପଲବ୍ଧି କରିପାରୁଥିଲା । ଯେଉଁ ମାନସମ୍ମାନ, ପ୍ରତିଷ୍ଠା ପାଇଁ ସେ ପାଗଳ ଥିଲା, ଆଜି ତାକୁ ସେସବୁ ମୂଲ୍ୟବାନ୍ ଲାଗୁଛି । ସେଥିପାଇଁ ତାଙ୍କୁ ଅତୀତରେ ଅନେକ କିଛି ହରେଇବାକୁ ପଡିଛି । ଏତେବଡ଼ ପଦପଦବୀରେ ଥାଇ ନାରୀ କାହିଁକି ହାରିଯାଏ ? ଭିତରେ ସବୁ ଐଶ୍ୱର୍ଯ୍ୟ ଥାଇ ମଧ୍ୟ ମିତା ଯେମିତି ନିଜକୁ ବଡ଼ ଅସହାୟ ମଣୁଥିଲା ।

ପ୍ରକୃତରେ ନାରୀମାନେ ଉଚ୍ଚ ପଦପଦବୀରେ ରହିଲେ ମଧ୍ୟ ଯଦି ଦାୟିତ୍ୱକୁ ଠିକ୍ ଭାବରେ ଚଳେଇ ନ ପାରିଲେ ଏବଂ ପରିବାରର ସମସ୍ତ ଦାୟିତ୍ୱକୁ ଠିକ୍ ଭାବେ ତୁଲାଇ ନ ପାରିଲେ ଅଥବା ସମସ୍ତଙ୍କ ପ୍ରତି ଠିକ୍ ଠିକ୍ କର୍ତ୍ତବ୍ୟ ନ କଲେ ଅଥବା ସମସ୍ତଙ୍କୁ ଖୁସି ନ କଲେ; ତେବେ ଜୀବନରେ ହାରିଯାଆନ୍ତି । ତା' ପାଇଁ କ୍ଷମା, ମାନବଜାତିର କୌଣସି ମୂଲ୍ୟ ନ ଥିଲା । ସମସ୍ତେ ତାକୁ ସ୍ୱାର୍ଥପର କହୁଥିଲେ । କହୁଥିଲେ ମିତା କେବଳ ବଞ୍ଚିଛି ନିଜ ପାଇଁ । ନିଜ ସୁଖ, ସୁବିଧା, ପ୍ରତିଷ୍ଠା ପାଇଁ ମିତା କୁଆଡ଼େ ପାଗଳ । ସେ ନିଜକୁ କୁଆଡ଼େ ଭଲପାଏ ବୋଲି ତା' ନାଁ'ରେ ବିରାଟ ଅଭିଯୋଗ । ସେ କେବଳ ନିଜ ପାଇଁ ଲେଖେ । ନିଜ ଖୁସି ପାଇଁ ଲେଖେ । କାରଣ ଲେଖିବାକୁ, କହିବାକୁ ମିତା କୁଆଡ଼େ ଭଲପାଏ; କିନ୍ତୁ ମିତା ଏଥିରେ ସହମତ ନ ଥିଲା । ସେ ଭାବୁଥିଲା, ''ମୁଁ କେବଳ ମୋ ପାଇଁ ଲେଖୁଛି ! ମୋର କ'ଣ ଏ ପରିବାର ପାଇଁ, ଏ ସମାଜ ପାଇଁ, ଏ ଦେଶ ପାଇଁ, ଏ ରାଷ୍ଟ୍ର ପାଇଁ, ଏ ଜାତି ପାଇଁ କିଛି ଅବଦାନ ନାହିଁ । ମୁଁ କେବଳ କ'ଣ ନିଜ ପାଇଁ ଲେଖୁଛି । ମୁଁ ତ ଏତେ ସ୍ୱାର୍ଥପର ନୁହେଁ । ଏ ମିଥ୍ୟ ଅଭିଯୋଗ କାହିଁକି ? ମିତା କ'ଣ ନିଜ ପାଇଁ ବଞ୍ଚିଛି ? ଯଦି ନିଜ ପାଇଁ ବଞ୍ଚିଛି, ଏମିତି କୌଣସି ଦିନ କି ଛାଡ଼ି ନଥିଲା, ଯେଉଁଦିନ ମିତା ତା' ପରିବାରଠୁ ଦୂରେଇ ରହି ନିଜର ସୁଖ, ସୁବିଧାକୁ ଧ୍ୟାନ ଦେଉଥିଲା ।

ମିତା ସବୁବେଳେ, ପ୍ରତି ମୁହୂର୍ତ୍ତରେ ତାର ପରିବାର ପାଇଁ ସଦା ଚେଷ୍ଟିତ ଥିଲା । ଶାଶୂ, ଶ୍ୱଶୁରଙ୍କଠାରୁ ଆରମ୍ଭ କରି ସ୍ୱାମୀ, ପିଲା– ଏମିତିକି କୀଟପତଙ୍ଗ ପର୍ଯ୍ୟନ୍ତ କାହାକୁ ସେ ଅବହେଳା କେବେ କରିନି । ତେବେ ଏହି କ'ଣ ତା'ର ଭଲ ପାଇବାର ପୁରସ୍କାର ।

ଏ ମଣିଷ ଜାତିକୁ ଭଲପାଇଲା ବୋଲି ! ତାର ପରିବାର, ଘର, ପିଲାଛୁଆ, ତା'ର ଦେଶକୁ ଭଲପାଇବ ବୋଲି ଏହି କ'ଣ ତା'ର ମୂଲ୍ୟ ? ନିଜକୁ ବେଳେବେଳେ ଧିକ୍କାର କରୁଥିଲା । ଏହି ସେହି ମିତା, ଯିଏ ଦେଖିଥିବା ପ୍ରତିଛବିକୁ ଯଦି କାହାଣୀରେ ବର୍ଣ୍ଣନା ନ କରିପାରିଲା, ତେବେ ସେ ରାତିରେ ଶୋଇପାରେ ନାହିଁ । ସକାଳ ସୂର୍ଯ୍ୟକିରଣ ଓ ପ୍ରାକୃତିକ ଶୋଭାକୁ କଲମ ମୁନରେ ପ୍ରକାଶ କରି ନ ପାରିଲା, ତେବେ ତାକୁ କ'ଣ ହଜିଗଲା ପରି ମନେହୁଏ । କ'ଣ କେମିତି ଛାଡ଼ିଦେଇ ଆସିଛି ବୋଲି ମନେହୁଏ । ଠାକୁର ମୂର୍ତ୍ତିକୁ ସେଦିନ ହଲାଇ ହଲାଇ କହିଲା, ''ତୁମେ ପାଷାଣ ନା ପଥର ? ତୁମକୁ ପଚାରୁଛି– ଏ ତ୍ରିଭୁବନର କର୍ତ୍ତା କହିପାରିବ ? ଦୋଷତ୍ରୁଟି ନ ଥାଇ ମଧ୍ୟ ନାରୀ କାହିଁ ଏତେ ଦୁଃଖକଷ୍ଟରେ ସାରାଜୀବନ ସନ୍ତୁଳିତ ହୁଏ ଭଗବାନ !'' ସଙ୍ଗେ ସଙ୍ଗେ ହୃଦୟର କଥା ଶୁଣିବାକୁ ପାଇଲା ସେ, ''ଫଳନ୍ତି ବୃକ୍ଷକୁ ସମସ୍ତେ ଟେକା ପକାନ୍ତି । ତୁମକୁ ମଧ୍ୟ ସେହିଭଳି ଟେକା ପକାଯାଉଛି । ନିହାଣର ଚୋଟ ନ ଖାଇ କେହି କେବେ ସୁନ୍ଦର ମୂର୍ତ୍ତିଟିଏ ହୋଇପାରିନି । ଚୋଟ ଖାଇଲେ ହିଁ ଗୋଟିଏ ସୁନ୍ଦର ମୂର୍ତ୍ତି ତିଆରି ହୁଏ, ସୁନାଟି ମଧ୍ୟ ପୋଡ଼ି ପୋଡ଼ି ଆହୁରି ଉଜ୍ଜ୍ୱଳ ହୁଏ । ଠିକ୍ ସେହିଭଳି ଯେଉଁ ମଣିଷ ଜୀବନରେ ଧକ୍‌କା ଖାଇନି, ଠୋକର ଖାଇନି, ଘାତ ପ୍ରତିଘାତ ଦେଇଆସିନାହିଁ, ସେ କିପରି ମହାନ୍ ହେବ ? ତୁମେ ସେହି ପଥର, ଯେଉଁ ପଥର ଅନେକ ଚୋଟ ଖାଇ ମଧ୍ୟ ଭାଙ୍ଗିପଡ଼ିନି; ବରଂ ଗୋଟିଏ ସୁନ୍ଦର ମୂର୍ତ୍ତି ହୋଇ ପୂଜା ପାଉଛି । ଯେଉଁ ପଥର ଚୋଟ

ସହ୍ୟ କରି ନ ପାରେ, ସେ ପଥର ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଏ । ସେଥିରେ ଆଉ ମୂର୍ତ୍ତି ତିଆରି ସମ୍ଭବ ହୋଇପାରିନାହିଁ । ଗୋଟିଏ ଅପନ୍ତରା ଜାଗାରେ ପଡ଼ିରହେ । ତାହାର ସମାଜରେ କୌଣସି ମୂଲ୍ୟ ରହେନାହିଁ । କିନ୍ତୁ ମିତା ଯେ ଏକ ମୂଲ୍ୟବାନ ପଥର, ଯେଉଁ ପଥରକୁ ଲୋକେ, ଫୁଲ, ଚନ୍ଦନ, ସିନ୍ଦୂର, ଭୋଗ ଲଗେଇ ପୂଜା କରନ୍ତି, ସେଥିରେ ପୁଣି ଅଭିମାନ କାହିଁକି ?

ସେଦିନ ତା'ର ହୃଦୟର ବାଣୀ ତାକୁ ଚକିତ କରିଦେଲା । ତା'ପରେ ନିଜକୁ ଟିକେ ଆଶ୍ୱସ୍ତ ମନେକଲା । ତଥାପି ଯେମିତି ଦୋଷ କଲାପରି ତାକୁ ପ୍ରତି ମୁହୂର୍ତ୍ତରେ ଲାଗୁଥିଲା । ପୁଣି ବିଶ୍ଳେଷଣ କଲା ନିଜକୁ । ଯେମିତି କିଛି ବଡ଼ ଦୋଷ ତ କରିନି ମିତା । ମନରେ ଆସିଲା– ନିଜର ଭାବନାକୁ, ନିଜର ମନକଥାକୁ, ନିଜର ଅଭିବ୍ୟକ୍ତି, କାହାଣୀ, ଉପନ୍ୟାସ, ଗଳ୍ପ, କଥା, କବିତା ମାଧ୍ୟମରେ ପ୍ରକାଶ କରିବା କ'ଣ ପାପ ? ତା'ଛଡ଼ା ମୁଁ ରହୁଥିବା ସମାଜରେ ଏମିତି ଅନେକ ଘଟଣା ଘଟିଯାଉଥିବ ଆଉ ମୁଁ ନୀରବଦ୍ରଷ୍ଟା ହେଇ ସେସବୁ ଦେଖୁଥିବି । ସବୁବେଳେ କ'ଣ ଅନ୍ୟକୁ ଖୁସି କରୁଥିବା ମିଛ କାହାଣୀଗୁଡ଼ା ଲେଖୁଥିଲି ।

ଏମିତି ମିଛ କାହାଣୀ ଲେଖି ଲାଭ କ'ଣ ? କିନ୍ତୁ ଲିଖିତ ସତ୍ୟ କାହାଣୀ ଯଦି କାହାକୁ ଚେତାବନୀ ଦିଏ ବା ଦୁଃଖ ଦିଏ, ସେଥିରେ ତା'ର ଦୋଷ କେଉଁଠି ?

ଭାବନାରେ ପୂର୍ଣ୍ଣଚ୍ଛେଦ ଟାଣି ମିତା ତା'ର ମୁଣ୍ଡରୁ ଓଢ଼ଣାକୁ ଖସାଇଦେଇ ଆଗକୁ ପାଦ ବଢ଼ାଇଲା । ଆଗରେ ଯେ କେତେ ଦୀର୍ଘପଥ ରହିଛି ତା'ର । ଏମିତି ଭାଙ୍ଗିପଡ଼ିଲେ ସେ ଆଗକୁ ବା ଯିବ କେମିତି ?

*ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳସାହି, କଟକ*



# ଗଛ ଆମର ବନ୍ଧୁ

■ ବିଦ୍ୟୁତ୍ କୁମାରୀ ଲାଲା

ଟାଇଁ ଟାଇଁ ଖରା ହେଉଥାଏ । ଆଉ ଚାଲି ହେଉ ନଥାଏ । ପାଟି ଓଠସବୁ ଶୁଖିଯାଉଥାଏ । କାନମୁଣ୍ଡା ଟାଇଁଟାଇଁ ହେଉଥା । ନିଧି ମଉସା ଆଉ ଚାଲିପାରୁ ନ ଥାନ୍ତି । ସାଙ୍ଗରେ ଥାଏ ନାତି ଟୋକାଟା । କେଉଁଠି ଗୋଟେ ଗଛ ପାଉ ନ ଥାନ୍ତି ଟିକିଏ ବିଶ୍ରାମ ନେବାପାଇଁ । ତହଳବିକଳ ହେଉଥାନ୍ତି ଦୁହେଁ । ଶେଷକୁ ଦୁହେଁ ଯାଇ ଗୋଟିଏ ଚାକୁଣ୍ଡା ଗଛ ପାଇଲେ । ଯାଇଁ ସେହି ଗଛମୂଳେ ଟିକିଏ ଥକ୍କାମାରି ବସିଲେ । ନାତି କହିଉଠିଲା, ଜେଜେ ତୁମବେଳେ ଏମିତି ଗରମ ହେଉଥିଲା ନା ଏବେ ଏମିତି ଗରମ ହେଉଛି । ଜେଜେ କହିଉଠିଲେ, ଆରେ ନାତିଟୋକା ! ଆମବେଳେ ଏମିତି ଗରମ କେଉଁଠି ଥିଲା । ଆମବେଳେ ପ୍ରକୃତି ମା' ଏମିତି ରାଗୁ ନ ଥିଲା, ବର୍ତ୍ତମାନ ଯେମିତି ରାଗୁଛି । ରାଗିବାର ମଧ୍ୟ ଗୋଟିଏ କାରଣ ଅଛି । ଆମ ସ୍ୱାର୍ଥପର ମଣିଷ ସମାଜ ଦିନକୁଦିନ ଏତେ ହିଂସ୍ର ହୋଇଉଠିଛି ଯେ ନିଜ ସ୍ୱାର୍ଥ ଛଡ଼ା ତାକୁ ଆଉ କିଛି ଦିଶୁନାହିଁ । ଭାବୁଛି, ଧରାକୁ ସରା ମଣିବ; ହେଲେ ଦେଖୁନ କାହିଁ ଗୋଟିଏ ବି ଗଛ ଦିଶୁନି । ଏ ମଣିଷଗୁଡ଼ାକ ସବୁ ଗଛ କାଟି ପକାଇଲେଣି । କେଉଁଠି ବି ଟିକିଏ ଗଛ ନାହିଁ । ମଣିଷ ଜାଣିଶୁଣି ଏ ଉପଦ୍ରବ କରୁଛି । ପଶୁ ସମାଜକୁ ମଧ୍ୟ ନଷ୍ଟ କରିସାରିଲାଣି । ଜୀବଜଗତ ସବୁ ଧ୍ୱଂସ ପାଇବାରେ ଲାଗିଲେଣି । ଏମିତି ଯଦି ଲାଗି ରହିବ, ଆଉ କିଛିଦିନ ପରେ ଦେଖିବୁ ଏ ପୃଥିବୀ ଗୋଟିଏ ମରୁଭୂମି ପାଲଟିଯିବ । ସେଠି ନା ପଶୁଥିବେ ନା ମଣିଷ ଥିଲେ । ପୃଥିବୀଟା ଖାଲି ଜଳୁଥିବ ଗୋଟିଏ ଉତ୍ତପ୍ତ ପିଣ୍ଡୁଳା ପରି । ଜେଜେ ସିନା ଭବିଷ୍ୟତ କଥା କହିଦେଉଥାନ୍ତି; ହେଲେ ନାତି ଟୋକା ଡରି ଯାଉଥାଏ । ଭାବୁଥାଏ, ସତରେ କ'ଣ ଏ ପୃଥିବୀ ଗୋଟିଏ ମରୁଭୂମି ପାଲଟିଯିବ । ଆମେସବୁ ଖାଇବା କ'ଣ, ବଞ୍ଚିବା କେମିତି । ଏ ପ୍ରକୃତି ଯେ ଆମକୁ ଖାଦ୍ୟ, ବସ୍ତ୍ର, ବାସଗୃହ ଯୋଗାଉଛି । ଆଉ ଯଦି ପ୍ରକୃତି ନ ରହିବ ତେବେ ଆମେ ସବୁ ବଞ୍ଚିବା କେମିତି ? ତାକୁ ଭାରି କାନ୍ଦ ମାଡ଼ିଲା । କହିଲା ଜେଜେ ଏଥିପାଇଁ କ'ଣ କୌଣସି ଉପାୟ ନାହିଁ । ଜେଜେ କହିଲେ– ଯଦି ଆମେ ସମସ୍ତେ ମିଳିମିଶି ଗଛ ଲଗାଇବା ଏବଂ ତା'ର ଯତ୍ନ ନେବା ତା'ହେଲେ ଯାଇ ଏ ସମସ୍ୟାର ସମାଧାନ ସମ୍ଭବ ହେବ ନଚେତ୍ ଏ ପୃଥିବୀକୁ ବଞ୍ଚାଇବା ଭାରି କଷ୍ଟ ହେବ । ନାତି ଘରେ ଯାଇ ପହଞ୍ଚି ସାଥିପିଲାଙ୍କୁ ଡାକି ଏକାଠି କଲା ଏବଂ ଘର ଘର ବୁଲି ଲୋକଙ୍କୁ ବୁଝାଇଲା । କହିଲା ଗଛ ଆମର ଜୀବନ । ଯଦି ଆମେ ଏକାଠି ମିଶି ଗଛ ଲଗାଇବା ତେବେ ଏ ପୃଥିବୀ ବଞ୍ଚିବ, ଆମେ ବଞ୍ଚିବା ।

*– ବଙ୍ଗାଳୀସାହି, କଟକ*

# ଚାକିରିର ଟ୍ରାଜେଡ଼ି

■ ରାଜଲକ୍ଷ୍ମୀ ମିଶ୍ର

ଅନୁପମର ଅନୁଚିନ୍ତା : ନାଃ ! ଏ ଘର ଆଉ ଘର ପରି ଲାଗୁନି । ପ୍ରଥମେ ପ୍ରଥମେ ଭାବୁଥିଲି, ବେଶ୍ ଚଳିଯାଇପାରି । ଚାକର ପିଲାଟା ଅଛି ଚିନ୍ତା କ'ଣ ? ବରଂ ଭଲ ହେଲା । କଲେଜରୁ ଫେରିଲେ ଆଜି ତେଲ ନାହିଁ ଯାଅ ଆଣ, କାଲି ପରିବା ଆଣ, ମାଛ ଆଣ ଭାଇ ଆସିଛନ୍ତି । ହଉ ଔଷଧ ଆଣ ଲୁନାକୁ ଜର... ଏମିତି ବାର ଝାମେଲାରେ ମଣିଷ ଯନ୍ତ୍ର ପାଲଟି ଯାଉଥିଲା । ତେଣୁ ଅରୁଣିମାର ଏଠାରୁ ଯିବା ଖବର ଶୁଣି ସେ ଯେତେବେଳେ କାନ୍ଦି ଅସ୍ଥିର ହେଲା, ସେତେବେଳେ ମୁଁ ତାକୁ ବହୁତ ଉତ୍ସାହିତ କରିଥିଲି, ମନେ ମନେ ଖୁସି ବି ହୋଇଥିଲି । ଯା'ହଉ ଏଥରକ ଗବେଷଣାରେ ମନ ଦେଇପାରିବି । ଲୁନା, ମୀନା, ରୀନାଙ୍କ ସହ ଚାକରାଣୀ ମୀରାକୁ ଧରି ଯେତେବେଳେ ସେ ବସ୍‌ରେ ଉଠିଲା ସେତେବେଳେ ମୁଁ ମିଛରେ ତାକୁ ଖୁସି କରିବାକୁ ମୁହଁ ଶୁଖେଇଥିଲି ସିନା; କିନ୍ତୁ ମନେ ମନେ ନିଶ୍ଚିନ୍ତ ହୋଇଥିଲି । ଭଲ ହେଲା, ଆଜିଠାରୁ ପ୍ରଚୁର ସମୟ, ଅଖଣ୍ଡ ଅବସର, ନିର୍ଦ୍ଦିଷ୍ଟ ସମୟରେ ଘରକୁ ଫେରିବା ପାଇଁ ଆଉ ଅରୁଣିମାର ତାଗିଦ୍ ମଧ୍ୟ ନାହିଁ । ଅରୁଣିମା ଓ ପିଲାମାନଙ୍କୁ ସମ୍ବଲପୁରରେ ଛାଡ଼ିଦେଇ ଆସିବ ପରେ ଆଜି ଏ ଘରେ ପାଦ ଦେଇ ମୋର ହଠାତ୍ ମନେହେଉଛି ମୁଁ ଭାରି ଭୁଲ୍ କରିଛି । ଅରୁଣିମାକୁ ଅଧ୍ୟାପିକା ଚାକିରିରେ ଯୋଗଦେବାକୁ କହି ସତରେ ମୁଁ ଅନ୍ୟାୟ କରିଛି ।

ଅରୁଣିମାର ପୁରୁଣା ଚୂଡ଼ି ସେଲ୍‌ଫରେ ରହିଛି । ତା' ବେଣୀର କଣ୍ଟା, ସରିଯାଇଥିବା ସିନ୍ଦୂର ଡବା, ପିଲାମାନଙ୍କର ଛୋଟ ହୋଇଯାଇଥିବା ଜାମାପ୍ୟାଣ୍ଟ ଏଇପରି କେତେ କ'ଣ ଦେଖିବାମାତ୍ରେ ସ୍ୱତଃ ମୋ ମନଟା ଉଦାସ ହୋଇଗଲା । ମୁଁ ପଢ଼ିବାକୁ ବସିଲି, କେତେ କ'ଣ ମାନ-ଅଭିମାନର ସ୍ମୃତି ମତେ ଉଦ୍‌ଭ୍ରାନ୍ତ କରିଦେଲା । ତା' ପାଖକୁ ଚିଠିଟା ଲେଖିଲେ ମନଟା ଭଲ ଲାଗିବ ଭାବି ରାଇଟିଂ ପ୍ୟାଡ୍‌ଟା ଖୋଲି ଧରିଲି; କିନ୍ତୁ ଏ କ'ଣ ? ମୁଁ ରାଇଟିଂ ପ୍ୟାଡ୍‌ର ଅନେକ ସ୍ଥାନରେ ଲୁନାର ନୂଆ ଶିଖୁଥିବା ଅପଟୁ ଅକ୍ଷରର ସମାରୋହ– 'ବାପା', 'କଟକ ନଗର', 'ରବର', 'ରମାର ବର' ଇତ୍ୟାଦି । ଲୁନା କୁନି କୁନି ହାତ ଦିଓଟି, ତା'ର ସୁକୁମାର ମୁହଁଟି କାଗଜ ଉପରେ ଆପେ ଆଙ୍କି ହୋଇଗଲା । ମୁଁ ସେସବୁ ବନ୍ଦ କରିଦେଇ ବହିକୁ ଖୋଲି ଧରିଲି । ଚାକର ଭୀମା ରୋଷେଇସାରି ଦେଇ ଘରେ ବସି ଘୁମଉଚି । ମୁଁ ପଢ଼ିବାକୁ ଚେଷ୍ଟା କରିଲି । କେତେବେଳେ ନିଦ ହୋଇଯାଇଛି, ମୁଁ ଜାଣିନି । ନିଦ ଭାଙ୍ଗିଲା ମନ୍ଦିରର ଆଳତୀ ଘଣ୍ଟ ଓ ଶଙ୍ଖ ଧ୍ୱନି ଶୁଣି । ଚାହିଁ ଦେଖେ ତ ରାତି ପାହି ସକାଳ । ଦେହସାରା ମଶା କାମୁଡ଼ି ଫୁଲିଯାଇଛି ଏବଂ ଚେୟାରରେ ବସି ସାରାରାତି ଶୋଇପଡ଼ିଲି ଯେ, ବେକର ବାମ ପଟରେ ରକ୍କା ହୋଇଯାଇଛି । କାଲି ରାତିରେ ମୁଁ କିଛି ଖାଇନାହିଁ । ଅରୁଣିମା ଥିଲେ...... ସବୁ ତାର ସ୍ମରଣ ଥାଏ । ଘଣ୍ଟାର କଣ୍ଟାପରି ମୁହୂର୍ତ୍ତେ ତାର ଅବସର ନ ଥାଏ । ମତେ କିଛି ଚିନ୍ତା କରିବାକୁ ପଡ଼େନା । ଛୋଟ ଛୋଟ କଥା ଏପରିକି କଲେଜରୁ ଫେରିବା ସମୟରେ ହାତ ପାଖରେ ତଉଲିଆ, ପାଣି ସବୁ ଯୋଗାଇଦିଏ । ଦିନରାତି ବକର ବକର ହେଉଥାଏ, ଚକ୍ରପରି ଘୁରୁଥାଏ । ଏସବୁ ଚେତେଇ ଦିଏ ଅରୁଣିମାର ଅଭାବ ଯାହା ବିରକ୍ତିର ମାତ୍ରା ବଢ଼େଇଦିଏ, ଯାହା ଫଳରେ ଭୀମା ଛାଡ଼ି ଚାଲିଗଲା ।

ଅରୁଣିମାର ସ୍ୱଗତୋକ୍ତି : ନାଃ ! ଅଉ ସତରେ ଏଠି ଏମିତି ଚଳି ହେବନାହିଁ । ପିଲାଗୁଡ଼ାଙ୍କର ଦେହ ତ କେବେ ବି ଭଲ ରହୁନି । ସବୁ କାମ ମୋ ଦ୍ୱାରା ହବନି । ଘରୁ ବାହାରକୁ ବାହାରିଲେ ଅନୁପମଙ୍କର ଅନୁପସ୍ଥିତି ମୋ ଗୋଡ଼ ଦୁଇଟାକୁ ପଛକୁ ଟାଣେ, ଏପରିକି କ୍ଲାସ୍‌ରେ ବି ପଢ଼ଉ ପଢ଼ଉ ମୁଁ ଅନ୍ୟମନସ୍କ ହୋଇଯାଏ । ଡାକ ଆସିବା ବେଳେ ମୁଁ ଅଥୟ ହୋଇପଡ଼େ । ଚିଠି ଖଣ୍ଡେ ଅନୁପମଙ୍କଠାରୁ ପାଇଲେ ମୁଁ ସିଧାସଳଖ କ୍ୱାଟରକୁ ଚାଲିଆସେ । ସାରାଦିନର ପ୍ରତୀକ୍ଷାରେ ପୂର୍ଣ୍ଣଚ୍ଛେଦ ପଡ଼େ । ଦିନଯାକର କାମ ସରିଲା ପରି ଲାଗେ । ଆଉ ଚିଠି ନ ଆସିଲେ..... କମନ୍ ରୁମ୍‌ରେ ବସି ରହେ । ଆମ୍ବ ଗଛକୁ ଫୋପଡ଼ ମାରିଲା ଭଳି କେହି କେବେ ମୋ ମାନସିକ ଅବସ୍ଥାକୁ ଲକ୍ଷ୍ୟ କରି ପଚାରିଦିଏ– 'କ'ଣ ଦେହ ଭଲ ନାହିଁ ।' ହଠାତ୍ ଆଉ ଜଣେ କହିଉଠେ– 'କେମିତି ରହିବ ଯେ ? ସେ ସେଠି ଇୟେ ଏଠି । ପୁଣି ପିଲାଙ୍କୁ ଧରି ଏକୁଟିଆ ବିଚାରି ଘାଣ୍ଟି ହେଉଚି..... ତାଙ୍କ କଥା ମଝିରୁ ପୁଣି କେହି କହିଦିଏ– 'କି ଲାଭ ଏ ଚାକିରିରେ ? ଚାକିରି ବୋଲି ତ ଆଡ଼ହକ ! ସେଥିରେ ପୁଣି ଏମ୍.ଫିଲ୍ କି ପି.ଏଚ୍.ଡି. ନାହି ଯେ ଯୋଉ ମିଜରେ ବଲ୍ ପେ' ସ୍କେଲ୍.... ।' ପୁଣି କେହି ସେହି କଥା ଉପରେ କହିଦିଏ– 'ସେ ଯାହା ବି ହେଉ, ଏକା ଜାଗାରେ ହଜବ୍ୟାଣ୍ଡ୍ ଓ୍ୱାଇଫ୍ ରହିଲେ ସେ ଗୋଟେ ଚାକିରିର ମଜା ଥାଏ । ଆଉ ଅରୁଣିମା ସମ୍ବଲପୁରରେ ତ ତା' ହଜ୍‌ବ୍ୟାଣ୍ଡ୍ ଯାଇ ପାରାଦ୍ୱୀପରେ । ମୋର ଗଲାବର୍ଷ ବରଗଡ଼ ଟ୍ରାନ୍ସଫର ହୋଇଥିଲା ଯେ, ଆମର ଇୟେ କହିଲେ ତମେ ଚାକିରି ଛାଡ଼ିଦିଅ । ତା' ପରେ ସବୁ ଠିକ୍ ହୋଇଗଲା ପୂର୍ବ ପରି । ସମସ୍ତେ ଏକାଠି ।

*ବିଡ଼ାନାସୀ, କଟକ*

# ଅ ମ ର

■ ଅନନ୍ତ ଚରଣ ଦାଶ

ରାମ ନାମ ସତ୍ୟ ହେ । ହରିନାମ ସତ୍ୟ ହେ ଧ୍ୱନିରେ ରାସ୍ତା ଫାଟିପଡୁଛି । ରାସ୍ତାକଡ଼ର ଦୋକାନୀମାନେ ବଡ଼ ବଡ଼ ଆଖିରେ ସେ ଦୃଶ୍ୟ ଦେଖୁଛନ୍ତି । ଶବ ଶୋଭାଯାତ୍ରା ଆଗକୁ ଆଗକୁ ମାଡ଼ି ଚାଲିଥାଏ ସହରରୁ ଗାଁ'କୁ । ମଧୁପୁର ଗାଁ । ଶ୍ରୀମନ୍ତବାବୁଙ୍କ ମଝିଆଁ ପୁଅ ଅମର । ଗାଁ'ଗଣ୍ଡାରେ ତା'ର ଖୁବ୍ ପତିଆରା । ଶ୍ରୀମନ୍ତବାବୁ ପ୍ରାଇମେରୀ ଶିକ୍ଷକଟିଏ । ତିନି ପୁଅ, ଦୁଇ ଝିଅ ଆଉ ରୋଗଣୀ ସ୍ତ୍ରୀଟିକୁ ନେଇ ସଂସାର । ବହୁ ଆଶା କରିଥିଲେ ପୁଅମାନେ ତାଙ୍କରି ପରି ହେବେ, କୁଳ ଉଜ୍ଜ୍ୱଳ କରିବେ । ତାଙ୍କର ବଂଶର ନାମ ରଖିବେ । ହେଲେ ଫଳସବୁ ଓଲଟା ହେଲା । ମଝିଆଁ ପୁଅ ତିନି ତିନି ଥର ମାଟ୍ରିକ୍ ଫେଲ୍ । ଶେଷରେ ଗାଁ କଜିଆ ଘରେ ପୁରାଇଲା । ସବୁବେଳେ ଘରେ ପାଦ ଦେଲାମାତ୍ରେ ଭାଇଭଉଣୀଙ୍କୁ ମାରଧର । ଗାଁ' ସରପଞ୍ଚ ଧଡ଼ି ନାୟକ ଏଭଳି ପିଲାଙ୍କର ଥିଲା ଗୁରୁ । ପର କାନ୍ଧରେ ବନ୍ଧୁକ ରଖି ସେ ଗୁଳି ମାରୁଥିଲା । ଅଙ୍ଗରକ୍ଷୀ ଭାବେ ସବୁଆଡ଼େ ତାକୁ ଡାକି ନେଉଥିଲା । କି ମନ୍ତୁରା ପାଣି ତାକୁ ପେଇଥିଲା କେଜାଣି, ଘରେ କାହାକୁ ଟିକେ ମନଖୋଲା କଥାବାର୍ତ୍ତା ସେ କରୁ ନ ଥିଲା । ଏପରିକି ରୋଗଣା ମା' ପାଖରେ ବି ବସିବାକୁ ସମୟ ତା'ର ନ ଥିଲା । ଶ୍ରୀମନ୍ତବାବୁଙ୍କ ପୈତୃକ ଦଶ ଏକର ଜମିକୁ ଭାଗ କରି ନିଜ ଭାଗ ନେବାକୁ ଅମର ଦାବୀ କରିଥିଲା । ଭାଇଭଉଣୀ ସମସ୍ତଙ୍କ ଆଖିରେ ଲୁହ । ଶ୍ରୀମନ୍ତବାବୁ ବିରକ୍ତି ହୁଅନ୍ତି; ମାତ୍ର ତାଙ୍କର ପତ୍ନୀ ସବୁ ଭୁଲି ପୁଅ ପାଇଁ ପାଞ୍ଚ ତିଅଣ ଛଅ ଭଜା କରି ଥୋଇଥାନ୍ତି । ସେତିକି ମହାଆନନ୍ଦରେ ଖାଇ ପୁଣି ଚାଲିଯାଆନ୍ତି ରାଜନୀତି କରିବାକୁ ।

ସେଦିନ ଥିଲା ଜାଗର । ଶ୍ରୀମନ୍ତବାବୁଙ୍କ ପତ୍ନୀ ଆରପାରିକୁ ଚାଲିଗଲେ । ନୀରବ ହୋଇଗଲା ତାଙ୍କର ସୁନାର ସଂସାର । ପୁଅଝିଅମାନେ ପରସ୍ପରକୁ ଚାହିଁ କାଠ ପାଲଟିଗଲେ । ଅମର କିନ୍ତୁ କାହାକୁ କିଛି କହିପାରୁ ନ ଥାଏ । କ'ଣ ବା କହିବ । ଶ୍ରୀମନ୍ତବାବୁଙ୍କ ଆଖିରୁ ଲୁହଧାର ଝରୁଥାଏ ।

ଧଡ଼ି ନାୟକଙ୍କ ଖବର ଆସିଲା । ଅମର ଘରୁ ପଦାକୁ ଚାଲିଗଲା । କିଛି ସମୟ ପରେ ଫେରି ଚୁପ୍ ହୋଇ ବସିଲା । ପରେ ବାପାଙ୍କୁ ଧଡ଼ି ନାୟକ ତାଙ୍କୁ ଟଙ୍କା ମାଗୁଛି ବୋଲି କହିଲା । ଦୁଃଖରେ ଉବୁଟୁବୁ ହେଉଥିବା ଶ୍ରୀମନ୍ତବାବୁ କେବଳ ପୁଅ ମୁହଁକୁ ଚାହିଁଲେ । ତାଙ୍କ ଚାହାଣୀରୁ ଜଣାପଡୁଥିଲା ତାଙ୍କ ମନରେ ଚାପି ହୋଇରହିଥିବା କୋହ । ଅତି ସଂକ୍ଷେପରେ ପଚାରିଲେ– ''ଧଡ଼ି ନାୟକ କାହିଁକି ଟଙ୍କା ମାଗୁଛି ?'' ଅମର କହିଲା, ନିର୍ବାଚନବେଳେ ଗୋଟିଏ ଗଣ୍ଡଗୋଳ ପାଇଁ ମୋତେ ଜେଲ୍ ହୋଇଥାନ୍ତା, ସେ କୋଡ଼ିଏ ହଜାର ଟଙ୍କା ଦେଇ କେଶ୍‌ଟିକୁ ଦଫାରଫା କରିଥିଲେ । ଆଜି ସେ ଟଙ୍କା ନ ଦେଲେ ହୁଏତ ସେ ମତେ ହାଜତରେ ପୁରାଇଦେବ ।

ଶ୍ରୀମନ୍ତବାବୁଙ୍କ କୋହ, ରାଗରେ ପରିଣତ ହେଲା । ଗୁରୁଗମ୍ଭୀର କଣ୍ଠରେ କହିଲେ, ''ତୋ ଜନ୍ମକୁ ଧିକ୍, ଆରେ ସାହିପଡ଼ିଶାରେ ଗଣ୍ଡଗୋଳ କରି କି ନାମ କମାଉଛୁ । ରାଜନୀତିଆଙ୍କ ଗୋଲାମ ହୋଇ, କି ଅଇଁଠାପତର ଖାଉଛୁ । ସେମାନଙ୍କ ପାଇଁ ଜେଲ୍ ଯିବାକୁ ବାହାରିଛୁ । ତୋହରି ଚିନ୍ତାରେ ରୋଗଣୀ ମା'ଟି ଆଜି ଆଖି ବୁଜିଲା । ତୋ ବାଟ, ତୁ ଦେଖ । କିଛି କାମ କରି ପେଟ ପୋଷ । ଏପରି କାମ କର, ତୋର ପରିବାର ଲୋକେ ଯେପରି ମୁଣ୍ଡଟେକି ଏ ଗାଁ'ରେ ବଞ୍ଚିବେ । ଦୁଇଦୁଇଟା ଭଉଣୀଙ୍କର ବାହାଘର ହେବ । ତୁ ଏ ଗାଁ'ରେ ବରଂ ନ ରହି ଏଭଳି ଜାଗାକୁ ଯାଆ, ଯେଉଁଠି ତୁ ଶାନ୍ତିରେ ରହିବୁ, ଆମେ ମଧ୍ୟ ଶାନ୍ତିରେ ରହିବୁ ।

ଅମର ସେ ଜାଗାରୁ ଉଠି ଠିଆ ହେଲା । ଏକ ଦୀର୍ଘଶ୍ୱାସ ପକାଇ ଚାଲିଗଲା । ଆଉ ପଛକୁ ଚାହିଁନାହିଁ ।

ବର୍ଷ ପରେ ବର୍ଷ ବିତିଛି । କେହି କେହି କହନ୍ତି ସେ ଆତଙ୍କବାଦୀ ହୋଇଗଲା । କେହି କେହି କୁହନ୍ତି ସେ ଡକାୟତି କରି ଜେଲରେ ରହିଛି । କେହି କେହି କହନ୍ତି ପୁରୀ ବଡ଼ଦାଣ୍ଡରେ ଗେରୁଆ ପିନ୍ଧି ଭିକ ମାଗୁଛି । ଶ୍ରୀମନ୍ତ କିନ୍ତୁ କିଛି ବୁଝିପାରେନାହିଁ । ସବୁ ପୁଅଝିଅ ମଣିଷ ହେଲେଣି; ତଥାପି ଅମର କଥାଟା ଭାବିଲେ ମନଟା ତାଙ୍କର ଅସ୍ଥିର ହୋଇଯାଏ ।

ଦିନ ଗଡ଼ି ଚାଲିଥିଲା । ସକାଳ ସମୟ ହୋଇଥାଏ । ଖବରକାଗଜ ପଢୁ ପଢୁ ଦେଖିଲେ ଅମରର ଫଟୋ ଚିତ୍ର ଏବଂ ସମ୍ବାଦରେ ଲେଖାଯାଇଛି ଆତଙ୍କବାଦୀ ଶିବିର ଧ୍ୱଂସ କରି ଦେବାପାଇଁ ସହିଦ୍ ହୋଇଛନ୍ତି ଅମର । ତାଙ୍କର ମୃତ ଦେହ ତାଙ୍କର ଜନ୍ମସ୍ଥାନକୁ ପଠାଯାଉଛି । ଶ୍ରୀମନ୍ତବାବୁଙ୍କର ମୁଣ୍ଡ ଉପରେ ସୂର୍ଯ୍ୟ ସତେଯେପରି ଛିଡ଼ିପଡ଼ିଲେ । ତାଙ୍କର ହାତଗୋଡ଼ ଶିଥିଳ ହୋଇପଡ଼ିଲା । ପୁଅବୋହୂମାନେ ଦୌଡ଼ାଦୌଡ଼ି ହୋଇ ପହଞ୍ଚିଗଲେ । ଶ୍ରୀମନ୍ତବାବୁଙ୍କର ବାକ୍‌ଶକ୍ତି ଲୋପ୍ ପାଇଆସିଲା । କେବଳ ଥରୁଥିବା ହାତଟିକୁ ଆଗକୁ ଲମ୍ବାଇ ସୂଚାଇଦେଲେ ତାଙ୍କରି ଆଡ଼କୁ ମାଡ଼ି ଆସୁଥିବା ଧ୍ୱନିଟାକୁ ''ରାମ ନାମ ସତ୍ୟ ହେ ହରି ନାମ ସତ୍ୟ ହେ ।''

ପରିବାରର ଲୋକେ ଦେଖୁଥାନ୍ତି । ପୋଲିସବାହିନୀ ସହ ଆଗେଇ ଆସୁଥିଲା ଶବ ଶୋଭାଯାତ୍ରା । ସମସ୍ତଙ୍କ ମୁହଁରେ ଥିଲା 'ଅମର' ଅମର ରହେ ।

*– ଶିବାଜୀ ନଗର, କଟକ*

# ସେପାରିରେ ଜାଗା ଖଣ୍ଡେ ରଖିବ

■ ଶରତ ଚନ୍ଦ୍ର ମହାନ୍ତି

ପ୍ରୀତିନନ୍ଦା ! ଏ କ'ଣ କଲ ? ଜୀବନ ରାସ୍ତାରେ ଚାଲୁ ଚାଲୁ ତୁମେ ବାଟ ହୁଡ଼ିଗଲ କାହିଁକି ? ତୁମେ ପରା ଦିନେ ଅନ୍ୟମାନଙ୍କୁ ପରାମର୍ଶ ଦେଉଥିଲ– ''ମଣିଷ ନିଜ ପାଇଁ ଜନ୍ମ ହୋଇନି । ତା'କୁ ସମାଜ ପାଇଁ ତଥା ଅନ୍ୟମାନଙ୍କ ପାଇଁ କିଛି କରିବାକୁ ଅଛି । ସେତିକି କାମ ନ କଲେ ତା' ମାନବ ଜନ୍ମ ଠିକ୍ ଭାବେ ଚରିତାର୍ଥ ହୁଏନି ।'' ହେଲେ ପ୍ରୀତିନନ୍ଦା– ଏବେ ମୁଁ ବୁଝୁଛି ଯେ, ତୁମର ଏଇ କଥା କେଇପଦ ଖାଲି ଲୋକ ଦେଖାଣିଆ ଥିଲା । ତୁମେ ଅନ୍ୟମାନଙ୍କ ମୁହଁରେ ଟିକିଏ ହସ ଫୁଟାଇବାକୁ ଯାଇ ନିଜେ ହିଁ ତିଳ ତିଳ ହୋଇ ଜଳୁଥିଲ । ଯେମିତି ଅଜାଗା ଘାଆ ଦେଖି ହୁଏନି କି ଦେଖାଇ ହୁଏନି ।

ତୁମର ଅନିଚ୍ଛାସତ୍ତ୍ୱେ ସେଦିନ ତୁମ ବାପା ଅଭିନାଶ ସହିତ ତୁମକୁ ବାହା କରିଦେଲେ । ତୁମେ ସୁନା ପିଲାଟି ପରି ବୋହୂ ବେଶରେ ତାଙ୍କ ଘରକୁ ଚାଲିଗଲ । ମୁଁ କିନ୍ତୁ ଅଦୂରରେ ଥାଇ ନୀରବରେ ତୁମ ଦାମ୍ପତ୍ୟ ଜୀବନର ଶୁଭ ମନାସୁ ଥିଲି । ବୋଲ ମାନୁ ନ ଥିବା ଆଖିର ଲୁହକୁ ନିଜେ ପିଇଯିବା ଛଡ଼ା ମୁଁ ସେତେବେଳେ ଆଉ କ'ଣ କରିଥାନ୍ତି– କହିଲ ?

ସୀମାନ୍ତରୁ ଡାକରା ଆସିବାକ୍ଷଣି ଅବିନାଶ ବାହାଘ ପରେ କାର୍‌ଗିଲ୍‌କୁ ଚାଲିଯାଇଥିଲେ ଶତ୍ରୁର ମୁକାବିଲା କରିବାକୁ । ନିଜ ମାତୃଭୂମିକୁ ରକ୍ଷା କରିବାକୁ ଯାଇ– ସୁବେଦାର ଅବିନାଶ ପଟ୍ଟନାୟକ ସେଦିନ ସହିଦ୍ ହୋଇଯାଇଥିଲେ । ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ତୋପ ସଲାମି ଦେଇ ଗାଆଁ ଶ୍ମଶାନରେ ତାଙ୍କର ଶବ ସତ୍କାର କରାଯାଇଥିଲା । ନିଜେ ଆଖିରେ ନ ଦେଖିଲେ ବି ସମ୍ବାଦପତ୍ରରୁ ତାଙ୍କ ବିଷୟରେ ପୁଙ୍ଖାନୁପୁଙ୍ଖ ଜାଣିବାକୁ ପାଇଥିଲି । ଅକାଳରେ ତୁମକୁ ସେଦିନ ବୈଧବ ଯନ୍ତ୍ରଣାରେ ଛଟପଟ ହେବାକୁ ପଡ଼ିଥିଲା । ତା'କରେ ତୁମ ବାପା ତୁମକୁ ଶାଶୂଘରୁ ନେଇଆସି ନିଜ ପାଖରେ ରଖୁଥିଲେ । ତୁମର ମାନସିକ ଅବସ୍ଥା ସେତେ ଭଲ ରହୁ ନ ଥିଲା । ଯେଉଁ ମୁହଁରେ ଦିନେ ହସର ଶେଫାଳି ଫୁଟି ଅନ୍ୟକୁ ଆମୋଦିତ କରୁଥିଲା, ସେ ମୁହଁରୁ ତାହା ସବୁଦିନ ପାଇଁ କୁଆଡ଼େ ଉଭେଇଗଲା । ସତ କହୁଛି ପ୍ରୀତିନନ୍ଦା – ''ତୁମେ ସିନା ଆଜି ମୋ'ଠାରୁ ଅନେକ ଦୂରରେ; ହେଲେ ତୁମର ସେହି ଶୋଚନୀୟ ଅବସ୍ଥା ମୁଁ ମୋ' କଳ୍ପନା ଚକ୍ଷୁରେ ସ୍ପଷ୍ଟଭାବେ ଦେଖିପାରୁଛି ।

ମଣିଷ ଯାହା ଚାହେଁ – ଭଗବାନ ତାହା କରେଇ ଦିଅନ୍ତିନି । କଲେଜରେ ଆମେ ପାଠ ପଢ଼ିଲାବେଳେ କେତେ ସ୍ୱପ୍ନ ଦେଖିଥିଲେ କେଜାଣି ? ପାଠପଢ଼ା ଶେଷରେ ତୁମେ ଅଧ୍ୟାପିକାଟିଏ ହୋଇଥାନ୍ତି ଏବଂ ମୁଁ ଅଧ୍ୟାପକଟିଏ ହୋଇଥାନ୍ତି । ଆମେ ଛୋଟ ସଂସାରଟିଏ ଗଢ଼ିଥାନ୍ତେ । ଆନନ୍ଦ ଉଲ୍ଲାସରେ ଆମର ସେ ଟିକି ଘରଟି ଫାଟି ପଡୁଥାନ୍ତା । ଠିକ୍ ବର୍ଷକ ପରେ କୁନି କୁନି ପାଦ ପକେଇ ପୁଅଟିଏ କି ଝିଅଟିଏ ଆମ କୋଳକୁ ଆସିଥାନ୍ତା । ତା'ରି ଗୁଲୁରୁ ଗୁଲୁରୁ କଥାରେ ଆମେ ସବୁ ଦୁଃଖକୁ ପୂରାପୂରି ଭୁଲିଯାଉଥାନ୍ତେ । ହେଲେ ଆମର ସେହି ସ୍ୱପ୍ନର ତାଜମହଲ ସେମିତି ଅଧାଗଢ଼ା ହୋଇ ରହିଗଲା ।

ତୁମ ବାପାଙ୍କ ଦେହାନ୍ତ ପରେ ବୋଧହୁଏ ତୁମେ ତୁମ ଭାଇଭାଉଜଙ୍କ ସହିତ ଠିକ୍ ଭାବରେ ସମନ୍ୱୟ ରକ୍ଷାକରି ଚଳିପାରିଲ ନାହିଁ । ନିଃସଙ୍ଗ ମୁହୂର୍ତ୍ତଗୁଡ଼ାକ ହିଁ ତୁମକୁ ବେଶୀ ବାଧିଥିବ । ନ ହେଲେ ମାନସିକ ଭାରସାମ୍ୟ ହରେଇ ଆତ୍ମହତ୍ୟା କରିବାକୁ ଏଭଳି କୁତ୍ସିତ ସିଦ୍ଧାନ୍ତ କାହିଁକି ନେଇଥାନ୍ତ ?

ପ୍ରୀତିନନ୍ଦା ! ମୁଁ ଆଉ ପାରୁନି । ମୋତେ ବି ଏଠି କେହି ଠିକ୍ ଭାବରେ ବୁଝିପାରୁନାହାନ୍ତି । ତୁମକୁ ମୋ' ରାଣ – ''ସେପାରିରେ ଥାଇ ତୁମେ ତୁମ ପାଖରେ ମୋ' ପାଇଁ ଜାଗା ଖଣ୍ଡିଏ ରଖିଥିବ । ସେଠାକୁ ଗଲେ ଆମେ ଏକାଠି ରହିବା । ଏକାଠି ଖାଇବା । ହଜିଲାଦିନର କଥାଗୁଡ଼ାକ ତୁମେ ଗୋଟି ଗୋଟି କରି କହିଯାଉଥିବ ଏବଂ ମୁଁ ତୁମ କୋଳରେ ମଥା ଥାପି ଛୋଟ ହୁଁଟିଏ ଦେଇ ସେଗୁଡ଼ିକ ଶୁଣିଯାଉଥିବି ।''

*– କନ୍ତିଲୋ, ନୟାହାଟ, ପୁରୀ*

# ଦୁଇ ବନ୍ଧୁ

■ ଧର୍ମାନନ୍ଦ ବେହେରା

ଦୁଇ ସାଙ୍ଗ ଚକ୍ରଧର ଓ ହଳଧର । ସେମାନେ କଟକ ଜିଲ୍ଲାର ବଡ଼ମ୍ବା ଅଞ୍ଚଳରେ ଏକ ମଫସଲ ଅଞ୍ଚଳରେ ରହନ୍ତି । ପିଲାଟିଦିନରୁ ଭାରି ଯୋଡ଼ି । ପ୍ରଥମ ଶ୍ରେଣୀରୁ ସାଙ୍ଗ ହୋଇ ଗୋଟିଏ ଶ୍ରେଣୀରେ ପାଠ ପଢ଼ନ୍ତି । ଚକ୍ରଧର ବହୁତ ଭଲ ପଢ଼େ । ପାଠ ମୁହେଁ ମୁହେଁ । ହଳଧର ତୁଳନାତ୍ମକ ଭଲ ପଢ଼େ ନାହିଁ । ହଳଧର ଓ ଚକ୍ରଧର ଉଭଙ୍କର ଗୋଟିଏ କଥା । ଖିଆପିଆ ମଧ୍ୟ ଏକାଠି । ଦୁହେଁ ପରସ୍ପରକୁ ନ ଦେଖି ରହିପାରନ୍ତି ନାହିଁ । ସମୟ ଖୁବ୍ ଖୁସିରେ କଟାଉଥାନ୍ତି । ମାଟ୍ରିକ୍ ପରୀକ୍ଷା ପୂର୍ବରୁ ହଳଧର ଗାଆଁ ଛାଡ଼ି କଟକ ସହରକୁ ଆସିଲା ପାଠ ପଢ଼ିବାକୁ । ସେଠାରେ ତା'ର ବାପା ମନମୋହନବାବୁ ଚାକିରି କରନ୍ତି । ହଳଧର ପ୍ରାଇଭେଟ୍ ଟିଉସନ୍ ମଧ୍ୟ ହୋଇ ପାଠ ପଢୁଥାଏ । ମାଟ୍ରିକ୍ ପରୀକ୍ଷା ହେଲା । ଚକ୍ରଧର ଓ ହଳଧର ଉଭୟ କଥାବାର୍ତ୍ତା ହେଲେ । ହଳଧର କହିଲା, ବନ୍ଧୁ ତୁମେ ତ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବ । କିନ୍ତୁ ମୁଁ ଫେଲ୍ ହୋଇଯିବି । ଏହାଶୁଣି ଚକ୍ରଧର କହିଲା, ନାଇଁ ବନ୍ଧୁ ଆମେ ଉଭୟ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା । ମୁଁ ବାର୍ଷିକ ପରୀକ୍ଷା ଦେଉଛି । କିନ୍ତୁ ଏ ବାର୍ଷିକ ପରୀକ୍ଷା ଦେବନାହିଁ । ତୁମ ପାଇଁ ମୁଁ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବି । ସତକୁ ସତ ସେଇଆ ହେଲା । ବାର୍ଷିକ ମାଟ୍ରିକ୍ ପରୀକ୍ଷାରେ ଚକ୍ରଧର ପ୍ରଥମ ଶ୍ରେଣୀରେ ପାସ୍ କରି କଲେଜରେ ବିଜ୍ଞାନ ପଢ଼ିଲା । ସପ୍ଲିମେଣ୍ଟାରୀ ପରୀକ୍ଷାରେ ଚକ୍ରଧର ହଳଧର ପାଇଁ ବସି ପରୀକ୍ଷା ଦେଲା । ପ୍ରଶ୍ନ ଦେଖିବାକ୍ଷଣି ସେ ଆରମ୍ଭ କରେ ଲେଖା । ପ୍ରତ୍ୟେକ ପ୍ରଶ୍ନର ସଠିକ୍ ଉତ୍ତର ଦେଇପାରିଲା ।

ଦୁଇ ମାସ ପରେ ପରୀକ୍ଷା ଫଳ ବାହାରିଲା । ଖବରକାଗଜରେ ପ୍ରଥମ ପୃଷ୍ଠାରେ ବାହାରିଛି ପ୍ରଥମ ଦଶଜଣଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ହଳଧର । ହଳଧର କଟକରେ ଭଡ଼ା ରହୁଥିବା ଘର ପାଖ ଜଣେ ଆତ୍ମୀୟ ମଉସା ପଚାରିଲେ, ଆରେ ହଳଧର ! ତୁ ପରା ପରୀକ୍ଷା ଦେଇଥିଲୁ । କ'ଣ ଫଳ ହେଲା ? ହଳଧର ଉତ୍ତରଦେଲା, ଓଡ଼ିଶା ବେଷ୍ଟ୍ । ମଉସା ଜଣକ କହିଲେ, ଆରେ ତୁ ପରୀକ୍ଷା ଦେଇଛୁ ନା ତୋ' ପାଇଁ ଆଉ କିଏ ପରୀକ୍ଷ ଦେଇଛି ? ହଳଧର ଉତ୍ତରଦେଲା ଏପରି କ'ଣ ସମ୍ଭବ ? ଯେହେତୁ ହଳଧର ଓଡ଼ିଶା ଟପ୍ପର ହୋଇଛି । ତା'ପାଖକୁ ବହୁତ ବାର୍ତ୍ତା ଓ ଶୁଭେଚ୍ଛା ବାର୍ତ୍ତା ପହଞ୍ଚୁଥାଏ । ଏକଥା ଶୁଣିବାମାତ୍ରେ ଗାଁ'ର କେତେ ଅସହିଷ୍ଣୁ ବ୍ୟକ୍ତି ତା' ବିରୁଦ୍ଧରେ ଥାନାରେ ଦେଲେ । ଫଳରେ ବହୁତ ଅନୁସନ୍ଧାନ ଚାଲିଲା । କିନ୍ତୁ କିଛି ମିଳିଲା ନାହିଁ । ହଳଧରଙ୍କର ଭଲ ନମ୍ବର ଥିବାରୁ ମାର୍କ ଜରିଆରେ ସେ ସେଣ୍ଟ୍ରାଲ୍ ସରକାରଙ୍କ ଅଧୀନରେ ଏକ ଉଚ୍ଚ ପଦସ୍ଥ ଅଫିସର ଭାବେ ଅବସ୍ଥାପିତ ହେଲେ । ଚକ୍ରଧର ବିଜ୍ଞାନ ପଢ଼ି କୃତିତ୍ୱ ସହ ପାସ୍ କରି ଡାକ୍ତରୀ ପାଠ ପଢ଼ି ଡାକ୍ତର ହେଲେ । କିନ୍ତୁ ତାଙ୍କ ନାମରେ କେଶ୍ ଚାଲିଥିବାରୁ ସେ ସରକାରୀ ଚାକିରିରୁ ବଞ୍ଚିତ ହେଲେ । ସବୁବେଳେ ମନ ଦୁଃଖ । ବିବାହ ସମୟ ହେବାରୁ ତାଙ୍କ ବାପା ରୁନି ନାମ କଝିଅ ସହିତ ବିବାହ କରାଇଦେଇଥିଲେ । ଚକ୍ରଧରଙ୍କର ଶ୍ୱଶୁର ଜଣେ ପୋଲିସ ଅଫିସର । ଜୋଇଁଙ୍କର ସବୁବେଳେ ମନ ଦୁଃଖର କାରଣ ନିଜ ଝିଅଠାରୁ ଜାଣିବାକୁ ପାଇଲେ । ସମୟକ୍ରମେ ଯେଉଁ ଥାନାରେ କେଶ୍ ଥିଲା ସେହି ଥାନାକୁ ତାଙ୍କ ଶ୍ୱଶୁର ବଦଳି ହୋଇଆସିଲେ । ସେ ପ୍ରଥମେ ଦେଖିଲେ ଜୋଇଁଙ୍କର କେଶ୍ । କେଶ୍ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ପୋଡ଼ିଦେଲେ । ଫଳରେ ଚକ୍ରଧର ନିଶ୍ଚିନ୍ତରେ ରହିପାରିଲେ । ଆଜି ସୁଦ୍ଧା କେହି କାହାକୁ ଛାଡ଼ିପାରୁନାହାନ୍ତି ।

ଚକ୍ରଧର ଜଣେ ଡାକ୍ତର ହୋଇଥିବାରୁ ନିଜେ ପ୍ରାଇଭେଟ୍ ନର୍ସିଂହୋମ୍ ଖୋଲି ବେଶ୍ ଆନନ୍ଦରେ ଅଛନ୍ତି ।

ଆଜିପର୍ଯ୍ୟନ୍ତ ଚକ୍ରଧର ଓ ହଳଧରଙ୍କ ମଧ୍ୟରେ ନିବିଡ଼ ସଂପର୍କ ରହିଛି । ଦୁହେଁ କେହି କାହାରିକୁ ଛାଡ଼ିପାରନ୍ତି ନାହିଁ ।

*– ବୁଢ଼ୀଚଣ୍ଡୀ ଲେନ୍, ତୁଳସୀପୁର, କଟକ*

# ଅବାଞ୍ଛିତ ଅତିଥି

■ କବିତା ରଥ

ପ୍ରଭାତୀ କୋଳରେ ଦିନକରର ଦିନଚର୍ଚ୍ଚାର ପ୍ରଥମ ପାଦ ପକ୍ଷୀର କୋଳାହଳରେ ପରିବେଶ ମୁଖରିତ । ଫୁଲର ଖିଲି ଖିଲି ହସ ସାଥିରେ ପ୍ରଣୟୀ ଭ୍ରମରର କାର୍ଯ୍ୟରତ କର୍ମମୁଖରତା ଜୀବନର ପ୍ରଫୁଲ୍ଲତା ଗୁଣୁ ଗୁଣୁ ଗୀତ । ଝରକାର ତାର ଜାଲି ପଟୁ ସ୍ନିଗ୍ଧ ସୂର୍ଯ୍ୟାଲୋକ ପ୍ରବେଶ କରୁଥାଏ ରୁମ୍ ଭିତରକୁ ।

ସବୁଦିନ ପରି ଆଜି ବି ମନୋମାଳିନ୍ୟ ହୋଇଛି କାମିନୀ ଓ ତା' ପତି ମାନସର । ଏ ମନୋମାଳିନ୍ୟ ନା ଅର୍ଥର ନା ପାରିବାରିକ ଚଳଣି । କେବଳ ଭବିଷ୍ୟତର ଏକ ମସ୍ତବଡ଼ ଆଶା ରାକ୍ଷସଟା ଯେ ମାନସର ସଂପୂର୍ଣ୍ଣ ମନ ମସ୍ତିଷ୍କକୁ ଗ୍ରାସ କରିଛି । ଅସ୍ତବ୍ୟସ୍ତ ଘରର ଆସବାବପତ୍ର ଅନାବନା ହୋଇ ବିଛେଇ ପଡ଼ିଥାଏ । ସମୟ ଏଗାରଟା ହେବ, ସବୁଦିନ ପରି ସେଦିନ ଓ ଟିକିଝିଅ ଦିଶାର ସ୍କୁଲ ରିକ୍ସା ଠିନ୍ ଠିନ୍ ଶବ୍ଦ କରି ଦିଶା ଆସିବାର ସୂଚନା ଦେଲା ଗେଟ୍ ସାମ୍ନାରେ । ଝିଅଟା ନର୍ସରୀରେ ପଢୁଛି । ଗେଟ୍ ଖୋଲି ଘର ଭିତରକୁ ପ୍ରବେଶ କଲା । ବେଡ୍‌ରୁମ୍ ଭିତରକୁ ଯାଇ ଦେଖିଲା, ମା' ବେଡ୍‌ରେ ଶୋଇ କ'ଣ ଗୋଟିଏ ଭାବିଚାଲିଛନ୍ତି । ଆଖିରୁ ଅମାନିଆ ଅଶ୍ରୁ ନିର୍ଗତ ହେଉଛି । କୁନି ଝିଅଟିର ବି ଏ ଦୃଶ୍ୟ ଅଭ୍ୟାସରେ ପରିଣତ ହୋଇଗଲାଣି । ତଥାପି ତା'ର ଅନେକ କଥା କହୁଥାଏ । ଥର ଥର କଣ୍ଠରେ କହିଲା, ମା' ବଡ଼ ଭୋକ ହେଲାଣି ଖାଇବାକୁ ଦିଅ । ଭାବନା ରାଜ୍ୟରୁ ନିବୃତ ହୋଇ କାମିନୀ କହିଲେ, ଏଁ ତୁ ଆସିଲୁଣି ଝିଅ । ଭରା ମସ୍ତିଷ୍କରେ ନିଜର କର୍ତ୍ତବ୍ୟ ପାଳନ କରିବାକୁ ଯାଇ କାମିନୀ ଝିଅର ଇଉନିଫର୍ମ ଖୋଲି ଗାଧୋଇବା ପାଇଁ ବାଥ୍‌ରୁମ୍‌କୁ ନେଇଗଲା । ଟିକିଏ ସାବୁନ ଲଗାଇ ଦେବାରୁ କୁନିଝିଅ ଭେଁ କରି କାନ୍ଦି ଉଠିଲା । ତା' ବାଲ୍ୟ ଅଧିକାରରୁ ବଞ୍ଚିତ କଲାପରି ତା' ଆଇ ଠାକୁରଘରୁ ନିତ୍ୟାଭ୍ୟାସ ପାଟିତୁଣ୍ଡ ଆରମ୍ଭ କଲେ । ହଇଲୋ ଡାହାଣୀ ତୋ ଝିଅକୁ ଗାଧୋଇ ଦେଉଛୁ ନା ମାଆ ଝିଅ ଦୁହେଁ, ସେଠି ପାଲା ଲଗାଉଛ । କିଲୋ ତୁ ଯେମିତି କି ସେ ଝିଅଟା ବି ସେମିତି କହି ଅତି ତରବରରେ ଠାକୁର ଘରୁ ଆସି ଦିଶାର ହାତ ଧରି ଦୁଆର ଆଡ଼କୁ ଠେଲିଦେଲା । ଛୁଆଟା ଭେଁ ଭେଁ କରି କାନ୍ଦି ଉଠିଲା । କାମିନୀ ଦିଶା ଆଡ଼କୁ ଚାହିଁଥାଉ । ବୋଉ କିଛି ଖାଇନି ସକାଳ ପହରୁ, ଯାଇଥିଲା ଯେ ଭୋକ ହେଉଥିବ । ଏହି ଭୋକ ହେଉଥିବ କି ସେ ଛୁଆର ବାହାନାରେ ନିଜେ ସର୍ବଗିଳା ପରି ଖାଇବା ପାଇଁ ଟକଟକ ହେଉଛୁ ବା । ଝିଅଟା ନାଆଁରେ ଭିତରେ ଭିତରେ ଗିଳୁଥା ଆଉ ବାନ୍ତିଗୁରା କରୁଥା । ବିଚରା ପୁଅଟା ମୋର ସେଆଡ଼େ ଖଟି ଖଟି କଣ୍ଟା ହୋଇଗଲାଣି । ଏପଟେ ଦୁଇଟା ବୋଝ ପୁଣି । ଏ ଅଲକ୍ଷଣୀ ଝିଅ ପେଟୀ ପୁଣି ଗୋଟିଏ ଝିଅ ଥୋଇବ । ହଇଲୋ, ଏ ଛତରଖାଇ, ତୋ' ବାପଘରୁ କ'ଣ ଆଣିକି ପୋଷିବୁ ଯେ । ସେ ମିସିନି ପରୀକ୍ଷା କଲାପରେ ଦ୍ୱିତୀୟ ଗରଭରେ ପୁଣି ଝିଅ ଅଛି ବୋଲି ଜାଣିକି ଗରଭ ଖସେଇ ଦେଉନ କାହିଁକି ବା । ଆଜି ପୁଅ ଆସୁ ତୋର ଏ ଗେଲ ସୁଆଗ ଝଡ଼େଇଦେବି କହୁଛି । ଭୟସଙ୍କୁଳ ହୋଇ ମା'ଝିଅ ଦୁଇଟିଯାକ ଅପଲକ ନେତ୍ରରେ ଚାହିଁ ରହିଥାନ୍ତି । ଭୟାକୁଳ ହୋଇ ରୋଷେଇଘର ଭିତରକୁ ପଶିଗଲା କାମିନୀ । ଥରଥରୁଆ ହୋଇ ଟ୍ରେ'ଟାରେ କିଛି ଭାତ, ଡାଲି, ତରକାରି ନେଇ ଆସିଲା ଝିଅକୁ ଖୋଇଦେବା ପାଇଁ । କୁନିଝିଅ ସୁନା ପିଲା ପରି ସବୁ ଖୋଲା ଭାତକୁ ଖାଇନେଲା । କାମିନୀର ପେଟ ଖାଲି ଗୋଳାଘଣ୍ଟା ହେଉଥାଏ । ବାରମ୍ୱାର ବାନ୍ତି ଲାଗୁଥାଏ । ସବୁ କାମ ସାଥିରେ ପୁଣି ମାନସିକ ଯନ୍ତ୍ରଣା । ବେଳେବେଳେ ଭାବେ ଏତେ ପାଠଶାଠ ପଢ଼ି କିଛି ହେଲା ନାହିଁ । ସ୍ୱାମୀ ଶାଶୂଙ୍କର ଗଞ୍ଜଣା ଅସହ୍ୟ ହୋଇପଡୁଛି ଦିନକୁ ଦିନ । ହେ ଭଗବାନ ସ୍ତ୍ରୀ ଜନ୍ମଟାର କ'ଣ ରକ୍ଷା ନାହିଁ ! ମରଣରେ ଯାଇ ଛୁଟି । ଘରର ପାଇଟି ସାଥିରେ ସ୍ୱାମୀ ଆସିବାର ସମୟ ହୋଇଯାଏ । ମାନସର ଆଖି ଯୋଡ଼ାକ ଦିନକୁଦିନ ପରମାଣୁ ବୋମାଠାରୁ ଆହୁରି ଭୟଙ୍କର ଲାଗୁଛି କାମିନୀକୁ । ଆଖିରେ ଆଜି ଅଗ୍ନି ବର୍ଷା ହେଉଛି । ହେଲେ ତା'ର ଦୋଷ କ'ଣ ? ସେ କ'ଣ ନିଜେ ସୃଷ୍ଟିକାରିଣୀ । ଅଫିସ୍‌ରୁ ଆସି ମାନସ ଲୁଗା ବଦଳାଇଲା

ଆଉ ପ୍ରତିଦିନ ପରି କାମିନୀ ହାତରୁ ଚା' ଖାଇଲାନି । ସିଧା ଚାଲିଲା ବୋଉ ରୁମ୍‌କୁ । ସେଇଠି ଘଣ୍ଟା ଘଣ୍ଟା ଧରି ଚାଲୁଥାଏ ଗର୍ଭସଂହାର ପାଇଁ ଧାର୍ଯ୍ୟ କଥାଗୁଡ଼ିକ । ଏ କଥା ପଡ଼ିଲେ କାମିନୀର ଦେହ ହାତ ଭିଜିଯାଏ ଝାଳରେ । ତାକୁ ଲାଗେ ସତେଯେପରି ଭୂମିଟା ତା' ପାଦରୁ ଖସିଯାଉଛି । ନିରବରେ ଆଖିରୁ ଲୁହ ଗଡ଼େଇବା ଛଡ଼ା ତା'ର ଆଉ କିଛି ଉପାୟ ନ ଥାଏ । ପୁଣି ରାତିକୁ ଅଛି ପ୍ରଶ୍ନୋତ୍ତରଟିର ବୃହତ୍ ଘାଆଟିଏ । ଝିଅ ଖାଇସାରି ସଅଳ ଶୋଇପଡ଼େ । ଘରର ସମସ୍ତେ ଖାଇସାରି ଶୋଉ ଶୋଉ ରାତି ପ୍ରାୟ ସାଢ଼େ ଏଗାରଟା ହୋଇଯାଏ । ବେଡ୍‌କୁ ଯାଇ ଟିକିଏ ଆସ୍ୱସ୍ତିବୋଧ କରିବାକୁ ଚେଷ୍ଟା କରୁ କରୁ ଚାଲେ, ଚାପ ପରେ ଚାପ । କିରେ ତତେ ହଜାରେ ଥର କହିସାରିଲିଣି ଯିବୁକି ନାହିଁ ହସ୍‌ପିଟାଲ । ନ ହେଲେ ଦେଖିବୁ ବର୍ଷକୁ ଗୋଟିଏ ଗୋଟିଏ ଝିଅ ଥୋଉଥିବୁ । କୋଉଠୁ ପାଇବି ଯେ ବାହା ଦେବି । ତତେ ଆଜିକ ସମୟ ଦେଉଛି, ନିଷ୍ପତ୍ତି ନେବୁ ତ ନେ, ନଚେତ୍ ତୋ' ରାସ୍ତା ତୁ ଦେଖିବୁ । କାମିନୀର ମୁଣ୍ଡରେ ଶକ୍ତ ପଥର । ଧୀରେ ଧୀରେ ଚାପି ହୋଇଗଲା ପରି ଲାଗୁଥାଏ । ଶୋଇପଡ଼ିଲା ମନରେ କେତେ ପ୍ରଶ୍ନବାଚୀ ନେଇ । ରାତିରେ ସ୍ୱପ୍ନରେ ଦେଖିଲା କିଏ ଏକ ଦିବ୍ୟାତ୍ମା ଯେପରି ତା' ଆଡ଼କୁ ଆସୁଛି । ତା' ମୁହଁରେ ମୁହଁରେ ଯାତନାର ଚିହ୍ନ । ଆଖି ଝରକାରେ ଦୁଇଟୋପା ଲୁହ ଝାଙ୍କୁଥା'ନ୍ତି । କେତେବେଳେ ବାହାରି ଆସିବ ତା'ର ଠିକଣା ନାହିଁ । ତା' କରୁଣ ଅସ୍ପଷ୍ଟ ଆର୍ତ୍ତନାଦ ଭିତରେ ଚାପିହୋଇ ପଡୁଥାଏ କାମିନୀ । ତଥାପି ସାହସର ସହିତ ପ୍ରଶ୍ନ କଲା ତୁ କିଏ ? ତୁ କ'ଣ ମୋ ଅସୁସ୍ଥ ମନଟିରେ ପାହାଡ଼ଟିଏ ଲଦିଦେବୁ ନା କ'ଣ ? ନା' ମୁଁ କିଛି ଶୁଣିବାକୁ ଚାହେଁନା । ତୋର କୌଣସି ପ୍ରଶ୍ନର ଉତ୍ତର ମୁଁ ତୋ'ଠାରୁ ଆଶା କରେନା । କହି ଦଉଡ଼ି ଯାଇଥାଏ ସ୍ୱପ୍ନ ରାଜ୍ୟର ପଥରେ । ପୁଣି ପଛକୁ ଚାହୁଁଥାଏ ଭୟାକୁଳ ହୋଇ । ରାସ୍ତା ସରି ସରି ଆସୁଥାଏ, ହେଲେ ପଛରୁ ସେ କରୁଣ ଚିତ୍କାର ନିକଟରୁ ନିକଟତର ହୋଇପଡୁଥାଏ । ଦେହ ଝାଳରେ ଭର୍ତ୍ତି । ଦୀର୍ଘଶ୍ୱାସଟିଏ ଛାଡ଼ି ଏକ ଗଛ ମୂଳରେ ବସିପଡ଼ିଲା କାମିନୀ । ଆଖି ଖୋଲିଲାରୁ ଦେଖିଲା ସେହି ରୂପକାନ୍ତି । ସେ ତା' ଠାରୁ କ'ଣ ଆଶା କରୁଛି ? ଅପଲକ ନେତ୍ରରେ ଦୁହେଁ ଦୁହିଁଙ୍କ ଆଡ଼କୁ ଅନେଇ ରହିଥାନ୍ତି । ପୁଣି ସେଇ ଆତ୍ମାଟି ଡାକିଲା ମା' ମା' ମତେ ମନା କରିବ । ମା' ମୁଁ ତୋରି କୋଳରେ ଜନମ ନେବାକୁ ଚାହେଁ । ମତେ ଆଦରି ନେ, ଦେଖିବୁ ମୁଁ ତତେ କେବେ ନିନ୍ଦାର ଶିକାର ହେବାକୁ ଦେବି ନାହିଁ । ଭୟାକୁଳ ନୟନରେ ଧୀରେ ଧୀରେ ମମତା ସ୍ପର୍ଶ କଲା ପରି ଲାଗୁଥାଏ । ଲୋଭର ଏକ ଆସ୍ତରଣ ତା' ମନ ପରିଧି ଭିତରେ ଗୁଡ଼େଇ ହୋଇଗଲା । ନିଜ ଅଜ୍ଞତାରେ ତା' ମୁହଁରୁ ବାହାରି ଆସିଲା, ହଁ ମା' ମୁଁ ତତେ ନିଶ୍ଚୟ ସ୍ୱୀକାର କରିବି । ମୋ ପାଇଁ ତୁ ସ୍ୱାଗତିକା । କେହି ଅସ୍ୱୀକାର କଲେ ବି ତୋର ଚିନ୍ତା କରିବାର କାରଣ ନାହିଁ । ମୁଁ ନିଶ୍ଚୟ ତତେ କୋଳରେ ଆଶ୍ରା ଦେବି । ଭାଙ୍ଗିଦେବି ଅନ୍ଧବିଶ୍ୱାସର ଜଉଘରଟି । କାନରେ ହାତ ଦେଇ ଚିତ୍କାର କରି କହିବି, ହେ ସମାଜ, ମୁଁ ତୁମ କଥା ଶୁଣିବାକୁ ବାଧ୍ୟ ନୁହେଁ । ଆ ଧନ ଆ ଖାଲି ସ୍ୱପ୍ନରେ ନୁହେଁ, ବାସ୍ତବରେ ମୁଁ ତତେ ଆଶ୍ରା ଦେବି । ଏ ସମୟରେ ଚଟ୍‌କିନା କାମିନୀର ନିଦ ଭାଙ୍ଗିଗଲା । ଦେଖିଲା ନିଷ୍ପାପ ଝିଅଟି ଶୋଇପଡ଼ିଛି ତା' ପାଖକୁ ଲାଗି । ଝରକାରେ କାକର ସବୁ ସ୍ୱାଗତ କରୁଛନ୍ତି ତା' ନବଜୀବନର ବାର୍ତ୍ତାକୁ । ପ୍ରଥମ ପ୍ରତ୍ୟୁଷର ମନ୍ଦ ପବନ ଦାଲୁକାଏ ଝରକା ଦେଇ ତା'ଦେହରେ ବାଜିଲାରୁ ଦେହ ଲୋମ ଟାଙ୍କୁରି ଉଠିଲା । ତନ୍ଦ୍ରାଭିଜା ଆଖିଯୋଡ଼ିକ ଖୋଲିଦେଲା । ପୂରାପୂରି ଅନୁଭବ କଲା, ସେ ଏବେ ସେ ପୂରା ସ୍ୱପ୍ନ ରାଜ୍ୟରୁ ବାସ୍ତବକୁ ଫେରିଛି ।

ସକାଳଟିଏ ଆସେ କାହାପାଇଁ ଫୁଲଶେଯ ତ କାହାପାଇଁ କଣ୍ଟାବାଡ଼ ଧରି । କିଏ ହସେ କିଏ କାନ୍ଦେ । କିଏ ଅବା ନବପ୍ରଭାତରେ ନୂତନ ରାଗିଣୀ ତୋଳିଧରେ । ଏଇ ତ ଜୀବନ ଜଞ୍ଜାଳର ରୁଟିନ୍‌ର ବନ୍ଧା ଖାତାର ପୃଷ୍ଠାଟିଏ । କାମିନୀ କିନ୍ତୁ ଆଜି ସାଜିଛି ସର୍ବଶକ୍ତିମାନ୍ । ସବୁ ପ୍ରଶ୍ନର ଉତ୍ତର ଦେବାକୁ ତା' ପାଖରେ ଶକ୍ତି ଅଛି, ସାମର୍ଥ୍ୟ ଅଛି, ଭରି ରହିଛି ଅଜସ୍ର ଆତ୍ମବିଶ୍ୱାସ । ଦୈନନ୍ଦିନ ଜୀବନ ପରି ସେଦିନ ବି ସକାଳ ପହରୁ ଚାଲିଲା ଶାଶୂଙ୍କ ଗଞ୍ଜଣା ସ୍ୱାମୀଙ୍କ ଭ୍ରୂକୁଞ୍ଚନ ରୁକ୍ଷ ତାଗିଦ୍; କିନ୍ତୁ ସେ ସହି ନେଉଥିଲା ଦମ୍ଭର ସହିତ । ମନେ ମନେ ଖୋଜୁଥିଲା ରାହାଟିଏ । ଯେଉଁଠି ସେ ତା' ଝିଅ ସହିତ ଆତ୍ମରକ୍ଷା କରିପାରିବ । ମନେପଡୁଥାଏ, ବାପଘର କଥା । ହଁ, ସେ ଚାଲିଯିବ ପ୍ରୀତି ପାଖକୁ । ପ୍ରୀତି ଯେ ଅତି ଆତ୍ମନିର୍ଭରଶୀଳ ଝିଅଟିଏ । ଛୋଟଦିନରୁ କହୁଥିଲା କାମିନୀରେ ଦେଖିବୁ ମୁଁ ବାହା

ହେବିନି । ସତକୁ ସତ ବାହା ହେଲାନି । ବାପାମାଆଙ୍କର ଗୋଟିଏ ବୋଲି ଝିଅ । ପିତୃ ଅର୍ଜିତ ସମ୍ପତ୍ତିରେ ଖୋଲିଛି ଏକ ମସ୍ତବଡ଼ ନାରୀ ଆସ୍ଥା ନିବାସଟିଏ । ଅବଳା, ଦୁର୍ବଳା, ପ୍ରପୀଡ଼ିତା, ସ୍ୱାମୀ ପରିତ୍ୟକ୍ତା ନାରୀମାନଙ୍କ ପାଇଁ ଆଶ୍ରୟସ୍ଥଳ । ପ୍ରୀତି କଥା ତା'ର ମନେପଡ଼ିଗଲାରୁ ଆଖିଯୋଡ଼ାକ ତା'ର ନବକିରଣରେ ଉଲ୍ଲସିତ ହୋଇଉଠିଲା । ଖୋଲିଗଲା ମାନସ ଶିକୁଳି । ହଠାତ୍ ଗ୍ୟାସ୍‌ରେ ତରକାରି ବସେଇଦେଇ ଚାଲିଗଲା ବେଡ୍‌ରୁମ୍‌କୁ । ଟେଲିଫୋନ୍ ଡାଇରେକ୍ଟ୍ରିରେ ଫର୍ଦ୍ଦ ଫର୍ଦ୍ଦ ଓଲଟେଇ ଚାଲିଲା । ମୁଖମଣ୍ଡଳରେ ନୂତନ ଭଙ୍ଗୀ ଉଙ୍କି ମାରିଲା । ମିଳିଲା ପ୍ରୀତିର ଫୋନ୍ ନମ୍ବର । ସଙ୍ଗେ ସଙ୍ଗେ ତା' ପର୍‌ସନାଲ୍ ଡାଏରୀକୁ ଉତାରି ଆଣିଲା । ରନ୍ଧା ଶେଷ କଲା । ସ୍ୱାମୀଙ୍କୁ ଅଫିସ୍ ପଠେଇଦେଲା । ଫୋନ୍ କଲା ପ୍ରୀତି ପାଖକୁ । ହ୍ୟାଲୋ ପ୍ରୀତି ! ପ୍ରୀତି ଜାଣିପାରିଲା ତା'ର କଣ୍ଠଧ୍ୱନି, କାମିନୀ କିଲୋ । ଏତେଦିନରେ ତୋର ମୋ କଥା କେମିତି ମନେପଡ଼ିଲା । ହଉ ମୁଁ ଆଜି ଭାରି ଖୁସି । କ'ଣ, ତୋର ସଂସାର ସବୁ ଠିକ୍ ତ ? ଆଖିରେ ଲୁହ ଜକେଇ ଆସିଲା କାମିନୀର । ହଁଲୋ ପ୍ରୀତି, ଠିକ୍ ନ ଥିଲେ ବି ଠିକ୍ କହିଲେ ଚଲେ । ହ୍ୱାଟ୍, ଠିକ୍ କହିଲେ ଚଳେ, ମାନେ ଠିକ୍ ନାହିଁ ଜଣାପଡୁଛି । ଆଉ ଝିଅ, ସେ କ'ଣ ସ୍କୁଲ ଯାଉଛି ? ହଁ, ଯାଉଛି । ଆଲୋ ଏ କାମିନୀ ସବୁ ଖୋଲିକି କହଲୋ । ନା କହି ହେବନି ଫୋନ୍‌ଟାରେ ସେ ବହୁତ ଲମ୍ବା କଥା । ଆସନ୍ତା ରବିବାର ମୁଁ ବାପଘରକୁ ଯିବାର ଅଛି । ତୋ' ପାଖକୁ ଯିବି, ସେଇଠି ସବୁ କଥା ହେବା । ହଉ ରହିଲି । ସପ୍ତାହରେ ମାତ୍ର ତିନିଦିନ ବାକି ଥାଏ । ରବିବାର ହେବାରୁ କାମିନୀର ମନ ଆଉ ଘରେ ନ ଥାଏ । ଆଗାମୀ ଆଶାର ପ୍ରାଚୀର ଗଢ଼ିବାକୁ ସେ ବ୍ୟଗ୍ର ଥାଏ । ସବୁଦିନ ପରି ସେଦିନ ବି ଶାଶୂ କେତେ ଦେଖେଇ ଶିଖେଇ ଗପି ଚାଲିଥା'ନ୍ତି । ହେଲେ ତାଙ୍କ କଥାକୁ କାମିନୀର ଭ୍ରୂକ୍ଷେପ ନ ଥାଏ । ଆଜି ରବିବାର । ସକାଳୁ ସଜ ହେଉଥାଏ କାମିନୀ । ସ୍ୱାମୀ ପ୍ରଶ୍ନ କଲେ, କେଉଁଆଡ଼େ ବାହାରିଛୁ । ଆମ ଘରଆଡ଼େ ଯାଇ ଟିକିଏ ବୁଲିଆସିବି । ବାପାଙ୍କ ଦେହ ବି ମଝିରେ ମଝିରେ ଖରାପ ଥିଲା, ଘରୁ ଫୋନ୍ ଆସିଥିଲା । ଝିଅର ବି ଛୁଟି ଅଛି । ଯିବୁ ଯେ, ହେଲେ ମୋ' ପ୍ରଶ୍ନର ଉତ୍ତର । ସ୍ୱାମୀ ତୁମ କଥା ମୁଁ ମାନି ନେଉଛି, ହେଲେ ମୋ' ଫେରିଲା ପରେ– କହିଲା କାମିନୀ । ସ୍ୱାମୀ କହିଲେ, ହଉ ଠିକ୍ ଅଛି । ଶୀଘ୍ର ବାହାରିପଡ଼, ମୁଁ ବସ୍ ଷ୍ଟାଣ୍ଡରେ ଛାଡ଼ିଦେଇ ଅଫିସ୍ ଯିବି । ଅନେକ ନୂତନ ସ୍ୱପ୍ନର ଆଶା ଭିତରେ ଫନ୍ଦା ମନଟିକୁ ସାନ୍ତ୍ୱନା ଦେଲା କାମିନୀ । ଯାହାହେଉ ପିଞ୍ଜରା ଭିତରେ ଛଟପଟ ମନଟି ଆଜି ଟିକିଏ ମୁକ୍ତ ଆକାଶକୁ ମନ ଭରି ଦର୍ଶନ କରିବ । ଉଶ୍ୱାସ ଛାତିରେ ନିଶ୍ୱାସଟିଏ ମାରି ବାହାରିପଡ଼ିଲା ଝିଅକୁ ସାଙ୍ଗରେ ନେଇ । କେତେ ଦିନ ପରେ ଆସିଥିବାରୁ ବାପାମାଆ, ଭାଇଭାଉଜ ସମସ୍ତେ ଭାରି ଖୁସି । ଦି'ଦିନ ସେଠାରେ ରହିସାରିବା ପରେ ଫୋନ୍ କଲା ବାନ୍ଧବୀ ପ୍ରୀତି ପାଖକୁ । ମୁଁ ଆସିଯାଇଛି । ପ୍ରୀତି ଉତ୍ତର ଦେଲା, ରହ ଅପେକ୍ଷା କର ମୁଁ କାର୍ ଡ୍ରାଇଭରକୁ ପଠେଇ ଦେଉଛି, ତୁ ଆସିବୁ । ଉପରଓଳି ପ୍ରୀତିର କାର୍ ପହଞ୍ଚିଲା ଘର ସାମ୍ନାରେ । ଅଳ୍ପ କିଛି ଲୁଗାପଟାରେ ବାହାରିଲା କାମିନୀ ପ୍ରୀତି ଘରକୁ । କେତେଦିନର ପୁନର୍ମିଳନ, ଦୁଇ ବାନ୍ଧବୀ ଭାରି ଖୁସି । ପ୍ରୀତି କାମିନୀକୁ ଆଲିଙ୍ଗନ କଲା । ଦୁହିଁଙ୍କ ନୟନ ଯୁଗଳରୁ ଝରିପଡ଼ିଲା ଅବାରିତ ଆନନ୍ଦାଶ୍ରୁ । ନାରୀ ବୁଝେ ନାରୀର ମନ । ନାରୀ ପଢ଼ିପାରେ ଆନ ନାରୀଟିର ଯାତନାରେ ଅଙ୍କା ହୋଇଥିବା ଶବ୍ଦସବୁକୁ । କେତେ ଗପ କେତେ ଅତୀତ ସ୍ମୃତିପଟର ପର୍ଯ୍ୟାଲୋଚନା ଚାଲିଥାଏ । ଝିଅ ଖେଳୁଥାଏ ନୂଆ ଘରଟିରେ । କ୍ଷଣିକପାଇଁ ଭୁଲିଯାଇଥିଲା ଦୁନିଆର ଚଳଣି କଥା । ଏକ ନୂତନ ଦିଗନ୍ତରେ ଝଲସି ଉଠୁଥାଏ ନୂତନ ସୂର୍ଯ୍ୟ । ମନର ରାସ୍ତାରେ ବତୀଟିଏ ମିଟ୍ ମିଟ୍ କରି ଜଳିଉଠିଲା । କାମିନୀର ମୁଖମଣ୍ଡଳ ବେଶ୍ ପ୍ରସନ୍ନତା । ବାନ୍ଧବୀ ଯେ ଆଜି କାମରେ ଲାଗିଛି, ତା'ର ସେ ଠିକ୍ ଅନୁମାନ କରିପାରିଛି । ସେଇଠି ବେଦନାର ସମବେଦୀରେ ଦୁଇନୟନ ଲୁହ ବହିଗଲା ତରଙ୍ଗାୟିତ ସାଗର ପରି । ନ ଥିଲା ଚିନ୍ତା ଆଉ ଭୟର କିଞ୍ଚିତ୍ ପ୍ରଶ୍ନ । ସେଇଠି କାମିନୀର ହେଲା ବର୍ତ୍ତମାନ ବାସସ୍ଥଳୀ । ଆଉ ତା' ପରେ କେତେ ଫୋନ୍ ଆସିଛି ପତିର, ହେଲେ ଯିବା ପାଇଁ କାମିନୀ ନଛୋଡ଼ବନ୍ଧା ।

ଆଜି କିନ୍ତୁ କାମିନୀକୁ ଜମା ଭଲ ଲାଗୁ ନାହିଁ । ପ୍ରୀତି ଘରେ ନ ଥାଏ । ଅଫିସ୍‌ଆଡ଼େ ଯାଇଥାଏ । ସମୟ ଦିନ ଦୁଇଟା ହେବ, କଷ୍ଟେମଷ୍ଟେ ଉଠି ମୋବାଇଲ୍‌ରେ ଫୋନ୍ କଲା ବାନ୍ଧବୀ ପାଖକୁ । ପ୍ରୀତି ସଙ୍ଗେ ସଙ୍ଗେ ଆମ୍ବୁଲାନ୍‌ସ

ପଠାଇଲା । କାମିନୀ ନର୍ସିଂହୋମ୍‌କୁ ଚାଲିଲା । ଆଉ ଅଳ୍ପ ସମୟରେ, ଅଳ୍ପ କଷ୍ଟରେ ଜନ୍ମ ନେଲା ଗୁଲୁଗୁଲିଆ ଝିଅଟିଏ । ଝିଅ ହୋଇଛି ମ୍ୟାଡାମ୍ , ଷ୍ଟାଫ୍ ନର୍ସ କହୁଥାଏ । ଜାଣିଛି କହିଲା କାମିନୀ । ଆଖି ଖୋଲିଲା ବେଳକୁ ପ୍ରୀତି ତା' ପାଖରେ ଛିଡ଼ା ହୋଇଥାଏ । ଆଉ ତା' ଆଡ଼କୁ ଚାହିଁଥାଏ ନିଶ୍ଚିନ୍ତ ନୟନରେ । ମୁଖମଣ୍ଡଳରେ ଚେନାଏ ପ୍ରଫୁଲ୍ଲିତ ହସ ଖେଳିଉଠୁଥାଏ । କାମିନୀ ଆଖିରେ ବି ଦି'ଟୋପା ଆନନ୍ଦାଶ୍ରୁ ଝରିପଡ଼ିଲା ତା' ଅଜ୍ଞାତସାରରେ । ନିଜକୁ ପ୍ରସ୍ତୁତ କରିନେଲା ଲାଳନପାଳନ ପାଇଁ । ଆଉ ତା' ଜୀବନ ରାସ୍ତାରେ ନୂତନ ପାଦ ଦେଲା । ଆଉ ସେ ପାଦ ଯେ ପଶ୍ଚାତ୍‌ଗାମୀ ନୁହେଁ, ତାହା ବି ସେ ଠିକ୍ ଭାବରେ ବୁଝିପାରୁଥିଲା । ଆଉ ନିଶ୍ଚିନ୍ତରେ ସମୟ ଗଡ଼ି ଚାଲିଥାଏ । ଭାଗ୍ୟର ପଥେ ପଥେ ଆଉ କେତେବେଳେ ଝିଅ ଦୁଇଟି ବଡ଼ ହୋଇ ଯାଉଥାନ୍ତି ଜଣାପଡୁ ନ ଥାଏ । ବଡ଼ ଝିଅ ଇଞ୍ଜିନିୟରିଂ ପଢୁଥାଏ ଓ ଛୋଟ ଝିଅ ଡାକ୍ତରୀ । ତାଙ୍କର ସମସ୍ତ ଭାର ବହନ କରୁଥାଏ ବାନ୍ଧବୀ ପ୍ରୀତି । କି ଆଶ୍ଚର୍ଯ୍ୟ ! କେଡ଼େ ବିଶାଳ ତା ଅନ୍ତର । ଆଜିକାଲି ସମାଜରେ ବି ବାସ୍ତବିକ୍ ମଣିଷଟିଏ ଦେଖିବାକୁ ମିଳୁଛି । ଭାବୁଥାଏ କାମିନୀ, ତା'ପରେ ବର୍ବାଦି ବି କେତେଥର ଶୁଣି ସାରିଲାଣି ତା' କାନ । ବ୍ୟସ୍ତ ହୋଇପଡ଼େ, ବିବ୍ରତ ଲାଗେ, ତାକୁ ହେଲେ ସମ୍ଭାଳି ନିଏ । କାହା ଦୁଃଖରେ ହସିବା ଝିଅ ସେ ନ ଥିଲା । ଆଉ ଇଯେ ପୁଣି ତା'ର ପତି । ଝିଅମାନଙ୍କ ଆଗରେ କେବେ ବେଢ଼ି ପଡ଼ିଯିବ ଭାବି ଦିନେ ସନ୍ଧ୍ୟା ଚାରିଟାରେ ବଗିଚାରେ ବୁଲୁଥାଏ । କାମିନୀ ଦେଖିଲା ଗେଟ୍ ପାଖରେ ଛିଡ଼ା ହୋଇଥାଏ ତା'ର ଅତି ଆପଣାର ପତି । ମୁହଁରେ ଅନାବନା ଦାଢ଼ିର କେଶ ବେଶ୍ ରାଜୁତି । ଅତି ମଇଳା ସାର୍ଟଟାଏ, ପାଦରେ ଛିଣ୍ଡା ଚପଲ । ଆଖିରେ ଭରି ରହିଥାଏ କେତେ ଗ୍ଲାନି ଆଉ ନିହାତି ଦୟନୀୟତାର ଭାବ । ଏ ଦୃଶ୍ୟ ଦେଖି ଅବାକ୍ ହୋଇଗଲା କାମିନୀ । ଆଖିଯୋଡ଼ାକ ଏ ରୂପକୁ ମାନିବାକୁ ବାଧ ହେଉ ନଥାଏ । ତଥାପି ଚାହିଁଲା ଦମ୍ଭ କରି । ଚାରି ଚକ୍ଷୁର ମିଳନ ହେଲା । ପତା ପଡୁ ନ ଥାଏ । ଦୁହିଁଙ୍କର କାହାରି ମୁହଁରେ ଶବ୍ଦ ନାହିଁ । ମୂର୍ତ୍ତିବତ୍ ଛିଡ଼ା ହୋଇଥାନ୍ତି ଦୁହେଁ । କିଛିକ୍ଷଣ ହେଲାରୁ ସାମାନ୍ୟ ଭାବକୁ ଓହରି ଆସିଲେ ଦମ୍ପତିଦ୍ୱୟ । ଆସ, ଭିତରକୁ ଆସ । ଅତି କ୍ଷୀଣ କଣ୍ଠରେ କହିଲା କାମିନୀ । ଭୟାକୁଳ ହୋଇ ଧୀରେ ଧୀରେ ଭିତରକୁ ପାଦ ପକାଇଲେ କାମିନୀର ପତି । କୃତକର୍ମର ପଶ୍ଚାତ୍ତାପ ଓ ଲଜ୍ଜାରେ ମୁଣ୍ଡ ତଳକୁ ପୋତି ହୋଇଯାଉଥାଏ । ଶବ୍ଦ ସ୍ଫୁରିତ ହେଉ ନ ଥାଏ ମୁଖମଣ୍ଡଳରୁ । କାମିନୀ ବୁଝିପାରୁଥାଏ ପତିର ଭାବଭଙ୍ଗୀର ଅର୍ଥ । ଭିତରକୁ ଯାଇ କିଛି ଜଳଖିଆ, ଚା', କଟାଫଳ ନେଇଆସିଲା । ନିଅ ଖାଇଦିଅ କହି ପାଖ ଚେୟାର୍ ଉପରେ ବସିପଡ଼ିଲା । ମା' ଭଲ ଅଛନ୍ତି । ହଁ, ଭଲ ଅଛି ଯେ, ମଝିରେ ଦେହ ଭାରି ଅସୁସ୍ଥ ଥିଲା । ସେ ବି ତା'ର କୃତକର୍ମ ପାଇଁ ବହୁତ ପଶ୍ଚାତ୍ତାପ କରୁଛି । ଛାଡ଼, ପୂର୍ବ କଥା କହିଲା କାମିନୀ । ଝିଅମାନଙ୍କ କଥା କିଛି ପଚାରିବନି । ହଁ, କାହିଁକି ପଚାରିବନି । ହଷ୍ଟେଲରେ ରହି ପାଠ ପଢୁଛନ୍ତି । ବଡ଼ ଝିଅ ଇଞ୍ଜିନିୟରିଂ ଓ ସାନ ଡାକ୍ତରୀ ପଢୁଛି । ଇସ୍, ମୁଁ କେତେ ହତଭାଗା, ଝିଅମାନଙ୍କର ବାଲ୍ୟାବସ୍ଥାକୁ ଉପଭୋଗ କରିପାରିଲି ନାହିଁ । ତୁମେ କେତେ ମହାନ୍ ! କାମିନୀ, ତୁମ ଆଗରେ ମୁଁ ପରାସ୍ତ । ମୋ ଗର୍ବ ଅହଂକାର ଆଜି ମୋତେ ବିପଥଗାମୀ କରିଦେଇଛି । ମୁଁ ମୋ କୃତକର୍ମର ଫଳ ଭୋଗିସାରିଲିଣି । ଏବେ ଘରକୁ ଚାଲ । ଯିବି ଯେ ନିଶ୍ଚୟ ଯିବି ହେଲେ ଏବେ ନୁହେଁ, ଝିଅଙ୍କ ପରୀକ୍ଷା ସରିଗଲାପରେ । ଏତିକି କହି ଭିତରକୁ ଯାଇ ହଜାରେ ଟଙ୍କା ଆଣି ଧରେଇ ଦେଲା ସ୍ୱାମୀଙ୍କ ହାତରେ । ସଙ୍କୋଚପୂର୍ଣ୍ଣ ହାତରେ ଧରିଲା ତା' ସ୍ୱାମୀ । ହଉ ଯାଉଛି, ତୁମର ଫେରିବା ପଥର ଅପେକ୍ଷାରେ ରହିଲି କହି ଛଳଛଳ ଆଖିରେ ପ୍ରସ୍ଥାନ କଲା.... ।

*- ପଞ୍ଚାୟତ କଲେଜ ପାଖ, ରଥଭବନ, ବରଗଡ଼*

# ଭାରସାମ୍ୟ

■ ମାଧବୀ ପଟେଲ

ଜଣେ ସିଦ୍ଧ ପୁରୁଷ ଚତୁଃପାର୍ଶ୍ୱରେ ପରିବେଷ୍ଟିତ ଶିଷ୍ୟମାନଙ୍କୁ କିଛି ନୀତିବାଣୀ ଶୁଣାଉଥିଲେ । ସେ କହୁଥିଲେ ଆଜିକାଲିର ଶିକ୍ଷା କେବଳ ବୈଷୟିକ କୈନ୍ଦ୍ରିକ ନ ହୋଇ ନୈତିକ ଓ ବୌଦ୍ଧିକ ଶିକ୍ଷାର ସମ୍ମିଶ୍ରଣ ହେବା ଦରକାର । ତା'ହେଲେ ଛାତ୍ର ବା ଛାତ୍ରୀଟିଏ ନିଜର ଜୀବନ ନିର୍ବାହ ପାଇଁ ଏକ ପନ୍ଥା ପାଇବା ସଙ୍ଗେ ସଙ୍ଗେ ସତ୍‌ପଥରେ ଜୀବନକୁ ସୁସ୍ଥ,ସୁନ୍ଦର, ସୁମଧୁର ଓ ସୁଖଦ କରି ତୋଳିପାରିବ । ଆଜିକାଲିର ପଶ୍ଚିମ ଇଂରାଜୀ ଶିକ୍ଷା ଛାତ୍ରଟିର ନୈତିକତା, ଆଧାତ୍ମିକତା, ଅସହାୟ ପ୍ରତି ଦୟା, କ୍ଷମା, କରୁଣାଭାବ ପ୍ରକାଶ, ଗୁରୁଜନଙ୍କୁ ମାନ୍ୟତା, ନମ୍ରଭାବ ଠାରୁ ବିଚ୍ୟୁତ କରି ଦୂରକୁ ଠେଲି ନେଉଛି । ଯେଉଁଠି ଅଛି କେବଳ ସ୍ୱାର୍ଥପରତା ଅନ୍ୟକୁ ଠେଲି ନିଜେ ଉଠିବାର ପ୍ରଚେଷ୍ଟା । ବେଳେବେଳେ ଉଚ୍ଛୃଙ୍ଖଳତା ଏତେ ବୃଦ୍ଧି ପାଉଛି ଯେ ଅକ୍ଷମଣୀୟ ହୋଇପଡୁଛି ଗୁରୁଜନଙ୍କ ପାଖରେ । ନିଜ ହାତରେ ଲଗାଇଥିବା ବୃକ୍ଷଟିରେ ବିଷ ଫଳ ଫଳିବାର ଦେଖି ମାତାପିତା ଆଶ୍ଚର୍ଯ୍ୟ ହତୋତ୍ସାହିତ ଓ ମର୍ମାହତ ହୋଇପଡୁଛନ୍ତି । ସୁନ୍ଦର ଭବିଷ୍ୟତ କଳ୍ପନାର ସ୍ୱପ୍ନରେ ବିଭୋର ହୋଇ ବୁଡ଼ିଯାଇଥିବା ମାତାପିତା ଯେତେବେଳେ ସନ୍ତାନଠାରେ ବିପରୀତ ପରିବର୍ତ୍ତନ ଦୃଷ୍ଟିଗୋଚର କରନ୍ତି, ସେତେବେଳେ ସବୁ ସ୍ୱପ୍ନ ଧୂଳିସାତ୍ ହେବା ଅନୁଭବ କରନ୍ତି ଓ ସିଦ୍ଧ ପୁରୁଷଙ୍କର ଆଶ୍ରୟ ଲୋଡ଼ନ୍ତି । କେତେବେଳେ ଗୁରୁ ବା ସାଧୁଙ୍କଠାରୁ ଶୁଣନ୍ତି– ଜୀବନ ସାଗର ମନ୍ଥନରୁ ବିଷ ଓ ଅମୃତ ଅଲଗା କରିବାର ସମୟ ଆସିଯାଇଛି । ଧର୍ମ-ଅଧର୍ମର ଅଲଗା ଭାଗ ହୋଇଯିବା ଉଚିତ୍ ବୋଲି ଉପଦେଶ ଦେଇଥା'ନ୍ତି । ଯାହା ଦିନେ ଶ୍ରୀକୃଷ୍ଣ ଭୀଷ୍ମଙ୍କୁ ବୁଝାଇଥିଲେ ପାଣ୍ଡବ ଓ କୁରୁଙ୍କ ବିଭାଜନକୁ ନେଇ । କେତେକ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ଯଦି ଭାଇ ଭାଇ ଭିତରେ ଏ ମନାନ୍ତର ହେଉଥାଏ; କିନ୍ତୁ ଯୋଉଠି ପିତା ପୁତ୍ର ଭିତରେ ବିଭେଦ ସୃଷ୍ଟି ହେଉଥାଏ ସେଠାରେ ତ ବିଭାଜନ ସମୁଚିତ ନୁହେଁ ।

ଥରେ ଜଣେ ପୁଅ ଗୋଟିଏ ଧନୀ ପରିବାରର ଝିଅକୁ ଭଲପାଇ ବିବାହ ପାଇଁ ପ୍ରସ୍ତାବ ନେଇଆସିଲା । ଉଭୟ ପରସ୍ପରକୁ ଏତେମାତ୍ରାରେ ଭଲ ପାଉଥିଲେ ଯେ ଉଭୟ ପକ୍ଷର ଗୁରୁଜନ ବାହାଘର ପାଇଁ ବାଧ୍ୟ ହୋଇଗଲେ । ବିପତ୍ନୀକ ବୃଦ୍ଧ ବାପା ପୁଅ ବାହାଘରେ ସ୍ତ୍ରୀର ଅନୁପସ୍ଥିତିକୁ ସାଧ୍ୟ ମୁତାବକ ଭୁଲାଇବାକୁ ଆପ୍ରାଣ ଚେଷ୍ଟା କରିଥିଲେ । ବିବାହର କୌଣସି କାର୍ଯ୍ୟକୁ ନିମ୍ନମାନ ବା ଅଶୋଭନୀୟ ହେବାକୁ ଦେଇ ନ ଥିଲେ । ବୋହୂଟି ଶାଢ଼ୀ ଗହଣାରେ ସୁସଜ୍ଜିତ ହୋଇ ଘରେ ପାଦ ଥାପିଲା । ପୁତ୍ରର ମାଉସୀ ତାଙ୍କୁ ଧରି ବୃଦ୍ଧଙ୍କ ପାଖକୁ ଆଶୀର୍ବାଦ ଭିକ୍ଷା ପାଇଁ ନେଇଆସିଲେ । ପୁତ୍ର ଓ ପୁତ୍ରବଧୂ ବାପାଙ୍କର ପାଦ ଛୁଇଁ ଆଶୀର୍ବାଦ ନେଲେ । ବୃଦ୍ଧ ବାପା ପଚାରିଲେ ପୁଅ, ମୋର ତ ଆଖି ଦିଶୁନି, ବୋହୂ ଦେଖିବାକୁ କିପରି ? ପୁଅ କହିଲା– ପଦ୍ମ ଫୁଲପାଖୁଡ଼ା ପରି ଦୁଇଟି ଆଖି, ଚମ୍ପା ଫୁଲ ପରି ନାସିକା ଓ ଗୋଲାପ ଫୁଲ ପରି ଅଧର । ବୃଦ୍ଧ କହିଲେ ତୁ ତ ମୋ' ପାଇଁ ବୋହୂ ଆଣିନୁ ଯେ ଗୋଟିଏ ପୂଜାର ଥାଳି ନେଇଆସିଛୁ । ଯିଏ ଏ ଗୁଣ ମହକରେ ମୋର ଗୃହର ଈଶ୍ୱରଙ୍କୁ ସନ୍ତୁଷ୍ଟ କରି ରଖିବ । ହେଲେ ବୋହୂଟି ଗୃହଟିର ବାସ୍ତବିକତା ରୂପ ଦେଖି ଶଙ୍କିତ ହୋଇଗଲା । ତା'ର ଆଶା ଅନୁରୂପ କିଛି ନ ଥିଲା । ସେ ଆଧୁନିକ ଚଳଣିରେ ଅଭ୍ୟସ୍ତ । ଘର ପସନ୍ଦର କିଛି ଅତ୍ୟାଧୁନିକ ଉପକରଣର ଅନୁପସ୍ଥିତି ତାକୁ ହତୋତ୍ସାହିତ କରିଦେଲା । ଘରେ ଟିଭି, ଫ୍ରିଜ୍, ଗ୍ରାଇଣ୍ଡର ବା ଏମିତିକି ପାଇଖାନାଟିଏ ନାହିଁ । ବାହାରକୁ ଯିବାପାଇଁ ବସ୍‌ର ଆଶ୍ରୟ ଲୋଡ଼ା । ମୋଟର ସାଇକେଲ୍ ବା କାର୍ କଥା ତ ସ୍ୱପ୍ନ । ପିତ୍ରାଳୟରେ ସେ ଏସବୁର ଅଭ୍ୟସ୍ତ ଥିବାରୁ ତାକୁ ଚଳିବାକୁ କଷ୍ଟ ହଉଥାଏ । ତଥାପି କଷ୍ଟେମଷ୍ଟେ କିଛିଦିନ କାଟିଦେଲା । ସେ ସମୟ ଦେଖି ସ୍ୱାମୀକୁ ଏସବୁର ସୁବିଧା ପାଇଁ କହିଲା । ପୁଅ ମଧ୍ୟ ଏ କଥା ବାପା କାନରେ ପକାଇଲା । ବାପା କହିଲେ, ସେ କ'ଣ ଜାଣି ନ ଥିଲା ଆମ ମୋ ଗାଁ ଲୋକ ଏଠି ସବୁ ପାଇଁ ବାହାରକୁ ଯିବାକୁ ପଡ଼େ । ମୁଁ କ'ଣ ଜମି ବିକ୍ରି କରି ସଉକ ପୂରା କରିବି, ଗାଡ଼ି କିଣିବି । ମୋର ସେତେ ସାଧ୍ୟ ନାହିଁ । ସେ ପରିସ୍ଥିତି ସହ ଖାପଖୁଆଇ ଚଳୁ ।

ଝିଅ ଥରେ ବାପଘରକୁ ଗଲା । ଆଉ ଆସିବାର ନାଆଁ ଧରିଲାନି । ତାକୁ ଡାକିବାକୁ ଯିବାରୁ ସମୁଦି କହିଲେ, ତୁମ ଘରେ ମୋ ଝିଅ ଚଳିବା ମୁତାବକ ଜିନିଷ ନ କଲେ ସେ ସେଠିକି ଯିବ ନାହିଁ । ଏପଟରେ ପୁଅର ଅବସ୍ଥା ଗୁରୁତର । ସେ ସ୍ତ୍ରୀକୁ ଅତିମାତ୍ରାରେ ଭଲପାଉଥିବାରୁ ଦୁଃଖରେ ଅତ୍ୟନ୍ତ ମ୍ରିୟମାଣ ହୋଇ ରହୁଥିଲା, ହେଲେ ବାପା କଥା ବି ଠିକ୍ । ଜମିତକ ଯଦି ବିକିଦବ ତା'ହେଲେ ଲୋକେ କ'ଣ କହିବେ । ପିତୃ ଅର୍ଜିତ ସମ୍ପତ୍ତିରେ କାହାର ଅଧିକାର ନ ଥାଏ, ତାହା ପିଢ଼ି ପିଢ଼ି ହୋଇ ଦିଆଯାଏ ବୋଲି କହନ୍ତି । ଯିଏ ଏହାକୁ ବିକ୍ରି କରେ ତାକୁ କୁଳାଙ୍ଗାର ଆଖ୍ୟା ମିଳେ । ସେ କୁଳାଙ୍ଗାର ହୋଇପାରିବନି ବରଂ ସ୍ତ୍ରୀକୁ ଛାଡ଼ିଦବ ।

ବୁଢ଼ା ମଧ୍ୟ ଅଡୁଆରେ ପଡ଼ିଥାଏ । ସେ ଯଦି ତା' ନିଷ୍ପତ୍ତିରେ ଅଡି ସ୍ଥିର ଅଟଳ ରହେ ତା'ହେଲେ ପୁଅର ଘର ଭାଙ୍ଗିଯିବ । ଅଦିନରେ ଏକ ଦରଗଢ଼ା ଗୃହଟି ଗଢ଼ା ହେବା ଆଗରୁ ଭାଙ୍ଗି ଭୂତଳରେ ଧୂଳିସାତ୍ ହୋଇ ଲୋଟିପଡ଼ିବ । ସେ ତା' ଘରେ ଫୁଲପରି ନାତିନାତୁଣୀଙ୍କର ହସରୋଳ ଶୁଣିବାକୁ ଚାହୁଁଥିଲା । ହା, ହୁତାଶଭରା ଦୀର୍ଘଶ୍ୱାସ ନୁହେଁ । ତା'ର ସମ୍ପତ୍ତି ଥାଇ କ'ଣ କରିବ ? ସେ ପୁଅକୁ ପଠାଇଲା ବୋହୂକୁ ଫେରାଇ ନେଇଆସିବା ପାଇଁ । ସେ ତା'ର ସବୁ କଥାରେ ରାଜି ଅଛନ୍ତି ବୋଲି କହିଲା । ବୋହୂ ଖୁସିରେ ସ୍ୱାମୀ ସହିତ ଲେଉଟି ଆସିଲା । ବୋହୂଟିକୁ ପାଖକୁ ଡାକି ଶଶୁର କହିଲେ– ଏଇ ମୁଣାଭର୍ତ୍ତି ସୁନାଗହଣାତକ ତୋର ଶାଶୁର । ସେ ମଧ୍ୟ ତୋ' ପରି ଏକ ଧନୀ ପରିବାରର କନ୍ୟା ଥିଲା । ମୋତେ ପସନ୍ଦ କରି ବାହା ହୋଇଥିଲା, ହେଲେ ତା'ର କିଛି ଆପତ୍ତି ଅଭିପ୍ରାୟ ନ ଥିଲା । ସେ ମୋ' ଘରର ଅଭାବ ଅସୁବିଧା, ସୁଖଦୁଃଖ ସବୁକୁ ଆପଣାଇ ଦୁଃଖକୁ ସୁଖରେ ପରିବର୍ତ୍ତିତ କରିଦେଇଥିଲା । ତୋର ସ୍ୱାମୀଙ୍କୁ ପାଠ ପଢ଼େଇ ମଣିଷ କଲା । ଅଫିସର କଲା । ଆଉ କ'ଣ କରିଥା'ନ୍ତା । ଏସବୁ ଗହଣା ତା'ର ସନ୍ତକ । ଭାବିଥିଲି ଜୀବନ ଥିବାଯାଏ ଏହାକୁ ପାଖରେ ରଖିବି । ଅଲଗା ହେବାକୁ ଦେବିନି, ମଲାପରେ ତୋ'ର ହବ । ଯଦି ଭଗବାନଙ୍କ ଏହି ଇଚ୍ଛା, ତା'ହେଲେ ତୋର ସମ୍ପତ୍ତିକୁ ନେ, ତାକୁ ଯେମିତି ଖର୍ଚ୍ଚ କରିବୁ କର । ଏତେ ସୁନା ଅଛି ଯେ, ତୋର ଗାଡ଼ି ଓ ଅତ୍ୟାଧୁନିକ ସବୁ ଜିନିଷ ଆରାମରେ  ଆସିଯିବ । ସିଏ ମଲାପରେ ମଧ୍ୟ ତୁମର ସବୁ ବ୍ୟବସ୍ଥା କରି ରଖିଯାଇଛି ।

ଶଶୁରଙ୍କ ଏ ବିଚାର ଶୁଣି ଉପସ୍ଥିତ ଶିଷ୍ୟମାନେ କ୍ଷୁବ୍ଧ ଓ ଦୁଃଖିତ ହୋଇଗଲେ । କେହି କେହି କହିଲେ, ଏସବୁ ଉଚିତ୍ ହେଲାନି ।

କିନ୍ତୁ ସାଧୁ କହିଲେ, କଥା ସରିନି, ଆଗକୁ ବାକି ଅଛି । ଶଶୁରଙ୍କର ଏତାଦୃଶ ନିଷ୍ପତ୍ତି ବୋହୂ ମନରେ ଅତ୍ୟନ୍ତ ପ୍ରଭାବ ପକାଇଲା । ସ୍ୱାର୍ଥପରତାର ମାୟାଜାଲ ଅପସରିଗଲା ଶଶୁରଙ୍କ ବଦାନ୍ୟତା ଦେଖି । ତୁମ ପାଖରେ ଏହା ରଖ । ଆମେ ଦୁଇଜଣ ନିଜେ ପରିଶ୍ରମ କରି ଗୃହକୁ ସଜାଡ଼ି ନେବୁ । କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ । ତା'ପରେ ଦି'ଜଣ ପରିଶ୍ରମ କରି ଉପାର୍ଜିତ ଟଙ୍କାକୁ ସଞ୍ଚୟ କରି ଧୀରେ ଧୀରେ ଅତ୍ୟାଧୁନିକ ସବୁ ସରଞ୍ଜାମ ଘରକୁ ନେଇଆସିଲେ । ଶଶୁରଙ୍କର କିଛି ବଦାନ୍ୟତା ଓ ବୋହୂଟିର କିଛି ସ୍ୱାର୍ଥ ତ୍ୟାଗର ସୁଝ୍‌ବୁଝ୍ ବଳରେ ପରିବାରଟିଏ ଭାଙ୍ଗିବା ଆଗରୁ ରକ୍ଷା ପାଇଗଲା । ଶିଷ୍ୟମାନେ ଖୁସିରେ ତାଳି ମାରିଲେ ।

*- ଝାରସୁଗୁଡ଼ା*


**POWER HOUSE**

**(DISTRIBUTOR)**

**LUMINOUS, EXIDE, AMCO**

**MADHUPATNA, SAMRAT HALL, CUTTACK**
**RAM MANDIR ROAD, PHULBANI**
**MAIN ROAD, NAYAGARH**
**MOB. : 94371 24943**



# ପଦ୍ମା ପଣ୍ଡା

■ ଅନ୍ନଦା ପ୍ରସାଦ ରାୟ

କାବାରେର ଗୋଟିଏ କୋଣରେ ବସି କୋକାକୋଲା ପିଉ ପିଉ ଲକ୍ଷ୍ୟ କଲି ଜନୈକା ଭଦ୍ରମହିଳା ମୋ ପାଖ ଚେୟାରରେ ତାଙ୍କର ଚର୍ବିଳ ଦେହ ଢାଳି ବସିଛନ୍ତି ।

ଭଦ୍ରମହିଳାଙ୍କ ପ୍ରସାଧନର ରୁଚି ଥିଲା ଅପୂର୍ବ..... କାବାରେର ପାଦ ପ୍ରଦୀପ ଜଳିଉଠିଲା । ଭଦ୍ରମହିଳାଙ୍କୁ ଚିହ୍ନିଛି ଚିହ୍ନିଛି ମନେହେଲା– ବିଚିତ୍ର ତାଙ୍କର ପ୍ରସାଧନ.... ଶାଢ଼ୀ ତାଙ୍କର ନାଭିର ବହୁତ ତଳକୁ ରହିଥିଲା.... ଶାଢ଼ୀର କୁଞ୍ଚ ତାଙ୍କର ପୃଷ୍ଠଭାଗରେ ଥିଲା.... ମନେହେଲା ଭଦ୍ରମହିଳା ଶାଢ଼ୀଟି ପିନ୍ଧିସାରି ଯେପରି ସମ୍ପୂର୍ଣ୍ଣ ଘୂରାଇ ନେଇଛନ୍ତି; କଳାକାର ଯେପରି ତାର ସମସ୍ତ ସାଧନା, ସମସ୍ତ ପ୍ରାଣ ଢାଳିଦିଏ ତା'ର ସୃଜନରେ.... ସେହିପରି ଭଦ୍ରମହିଳା ତାଙ୍କର ପ୍ରସାଧନରେ ସମସ୍ତ ସାଧନା, ଏକନିଷ୍ଠତା ଭରି ଦେଇଛନ୍ତି ।

ସବୁଠାରୁ ଆକର୍ଷଣୀୟ ଥିଲା ତାଙ୍କର କେଶବିନ୍ୟାସ, ସତେ ଏକ ଘୂର୍ମନ୍ତ ପଦ୍ମ ।

ଆଖିରେ ତାଙ୍କର ରବୀନ୍ଦ୍ର ଭାବ.... ଓଠରେ କୃଷ୍ଣ କଳା ଲିପ୍‌ଷ୍ଟିକ୍‌ର ବହଳ ଆସ୍ତରଣ ।

ହଠାତ୍ ଭଦ୍ରମହିଳା ମତେ ପଚାରିଲେ–

– ଚିହ୍ନିପାରୁଛ ?

– କ୍ଷମା କରିବେ (ଭାବୁଥିଲି ଦିଲ୍ଲୀରେ ବି ମୋର ପରିଚିତା ?)

– ମୁଁ ପଦି ଅପା ।

ଆରେ ପଦି ଅପା, ତୁମେ ଏଠି କେଉଁଠି ?

(ଭାବୁଥିଲି ତୁମ ସିଲପଟ ଦେହରେ ଏତେ ମାଂସ କେଉଁଠୁ ଆସିଲା ?)

– ପରିବାର ନିୟନ୍ତ୍ରଣରେ ଏଠି ମୁଁ ସର୍ବମୟ କର୍ତ୍ତ୍ରୀ ।

– ମାନେ ତୁମେ ଚାକିରି କେବେ କଲ ?

– ଚାକିରି ତ ମୁଁ କରୁନି..... ଦେଶ ସେବା, ଅବୈତନିକ ।

– ବେଶ୍ ଭଲ ।

– ତୁମେ କେବେ ଆସିଛ ?

– ମୁଁ ଏଇ କାଲି ଆସିଛି ।

– କ'ଣ ବୁଲି ?

– ବୁଲିବା କ'ଣ ମୋ' ଭାଗ୍ୟରେ ଅଛି ପଦି ଅପା ?

– ଆଉ ।

– ଇଣ୍ଟରଭ୍ୟୁ ।

– ଆସିବ ମୋ ବସାକୁ....

– ନିଶ୍ଚୟ, ନିଶ୍ଚୟ ଆଜି ସନ୍ଧ୍ୟାକୁ ଯିବି ।

– ନାଁ ଆଜି ମୁଁ ରହୁନି.... ଆମେରିକାରୁ ଜଣେ ପ୍ରଫେସର ଆସିଛନ୍ତି, ତାଙ୍କୁ ଆଗ୍ରା ବୁଲେଇ ନେବି.... ସେଠୁ ଫେରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଘରେ ପାର୍ଟି ଅଛି । ତା'ପରେ ମୋର ଜଣେ ଗୁଜୁରାଟୀ ବନ୍ଧୁଙ୍କୁ ଛାଡ଼ିବାକୁ ଯିବି ଷ୍ଟେସନ ।

ପଦି ଅପା ମୋ ହାତକୁ ଭେନିଟ୍ ବ୍ୟାଗ୍‌ରୁ କାର୍ଡଟିଏ କାଢ଼ି ବଢ଼ାଇଦେଲେ ।

ଛୋଟ ଏକ କାର୍ଡ

ମିସ୍ ପି. ପଣ୍ଡା, ଏମ୍.ଏ.

ସେକ୍ରେଟାରୀ, ଫାମିଲି ପ୍ଲାନିଂ ଆସୋସିଏସନ୍

ଏଲ୍.ବି. ୭୬, ଡିଫେନ୍‌ସ କଲୋନୀ,

ନୂଆଦିଲ୍ଲୀ - ୧୪ ।

ପଦି ଅପା ମତେ କାଲି ଆସିବ କହି ବିପୁଳ ନିତମ୍ବ ଦୋହଲାଇ ଦୋହଲାଇ ଚାଲିଗଲେ । ମୁଁ ଚାହିଁରହିଥିଲି ଏଇ ମୋର ପଦି ଅପା, ପଦ୍ମାବତୀ ଦେଈ ଆଉ ମିସ୍ ପଦ୍ମା ପଣ୍ଡା ।

ପଦି ଅପା ମୋ' ଉପର ଶ୍ରେଣୀରେ ପଢୁଥିଲେ । ତାଙ୍କ ଗାଁ ନିମ୍ନ ପ୍ରାଇମେରୀ ସ୍କୁଲରୁ ବୃତ୍ତି ପାଇ ଆମ ଗୋଡ଼ିସାହି ଉ.ପ୍ରା. ସ୍କୁଲରେ ନାଁ ଲେଖେଇ ଥାନ୍ତି । ଚଟେଇରେ ବସି ଆମେ ପଢୁ । ସେ କିନ୍ତୁ ହେଡ୍ ପଣ୍ଡିତଙ୍କ କୋଳରେ ବସି ପଢ଼ନ୍ତି । ପଦି ଅପା ଶ୍ରେଣୀରେ ପ୍ରଥମ ହୋଇ ଯେ ପାସ୍ କଲେ ଯେ, ଆଉ ଜୀବନରେ ଦ୍ୱିତୀୟ ହୋଇ ନାହାନ୍ତି । ପଦି ଅପାଙ୍କୁ ମୁଁ ଭଲପାଉଥିଲି.... ଭାରି ଭକ୍ତି କରୁଥିଲି, ସେ ଭଲ ପିନ୍ଧନ୍ତି ନାହିଁ । ତାଙ୍କୁ ରଙ୍ଗୀନ ଶାଢ଼ୀ ପିନ୍ଧିବାର ମୁଁ କେବେ ଦେଖିନି । ସେ କଲେଜରେ ଏକମାତ୍ର ଛାତ୍ରୀ ଥିଲେ ଯେ ପାଦରେ କେବେ ଚଟି ପିନ୍ଧନ୍ତି ନାହିଁ । ତାଙ୍କର ସନ୍ନ୍ୟାସିନୀ ରୂପ ଲାଗି କେବଳ ଛାତ୍ର ନୁହନ୍ତି, ଅଧ୍ୟାପକମାନେ ବି ତାଙ୍କୁ ସମ୍ମାନ କରୁଥିଲେ । ତା' ପରଦିନ ସନ୍ଧ୍ୟାରେ ପଦି ଅପାଙ୍କ ଘରେ ପହଞ୍ଚିଲି..... ଘର ତ ନୁହଁ ବେଶ୍ ପ୍ରଶସ୍ତ ଏକ ହଲ୍.... କାନ୍ଥ ମୁଁ ଦେଖିପାରିଲିନି.... ଖାଲି ବହି ଖାଲି ବହି.... ବଖରା ସବୁ ଆଲମାରୀରେ ହୋଇଛି ଓଃ କେତେ ବହି, କେତେ ମୋଟା ମୋଟା ବହିଗୁଡ଼ା..... ଥାକ... ଥାକ..... ଆଲମାରୀ ଆଲମାରୀ ବହି .....ପଲଟିକ୍‌ସ, ଇକୋନମିକ୍‌ସ, ଫିଲୋସଫି, ରିଲିଜିୟନ୍, ସାଇକଲୋଜିରୁ ଆରମ୍ଭ କରି ଫିଜିକ୍‌ସ, ସେକ୍‌ସ ପର୍ଯ୍ୟନ୍ତ... ପଦି ଅପା

ତାଙ୍କର ବିପୁଳ ଦେହ ପରି ତାଙ୍କର ବିପୁଳ ସାଧନା.... ସତେ ଯେପରି ସେହି ବହି ଭିତରେ ମୁଁ ହଜିଯିବି.... ଘରର ଗୋଟିଏ କୋଣରେ ଗୋଟିଏ ବଡ଼ ପିଆନୋ, ଅନ୍ୟ ଏକ କୋଣରେ କିଛି ମଣିଷ ହାଡ଼, କେତେ ଖଣ୍ଡ ପଥର ପଡ଼ିଛି । ପଚାରିଲି– ପଦି ଅପା, ଏ ହାଡ଼, ଏ ପଥର କାହିଁକି ? କ'ଣ ମନ୍ତ୍ରତନ୍ତ୍ର ଶିଖୁଛ କି ?

– ନାଇଁ, ଆନ୍‌ଥ୍ରୋପୋଲଜିରେ ଏମ୍.ଏ.ଟା ଭାବିଛି ଏ ବର୍ଷ ଦେବି ।

– ଏମ୍.ଏ. ପୁଣି କାହିଁକି ପଢୁଛ ? ବରଂ ପି.ଏଚ୍.ଡି. କରୁନ ? ତୁମ ନିଜ ସବ୍‌ଜେକ୍ଟ ଫିଲୋସଫିରେ....

– ତା' ବି ଆରମ୍ଭ କରିଛି...... ଜଗନ୍ନାଥ ଧର୍ମ, ଦର୍ଶନ ଓ ସଂସ୍କୃତି ଉପରେ ।

ବେଶ୍ ଏକ ପକ୍‌କା ଘରଣୀ ଭଳି ସେ ମୋର ଖାଇବା ବାଢ଼ିଦେଲେ.... ଡାଇନିଂ ଟେବୁଲ ଉପରେ ବି ଗଦା ଗଦା ବହି.... ପଚାରିଲି.... ପଦି ଅପା ତୁମେ କ'ଣ ଖାଇଲାବେଳେ ବି ପଢ଼ ?

ସେ ହସି ହସି କହିଲେ– କେବଳ ଡାଇନିଂ ଟେବୁଲ୍‌ରେ ପଢ଼େ, ତା ବି ନୁହେଁ ବାଥରୁମ୍‌ରେ ବି ପଢ଼େ....

ଖାଇସାରି ବାଥ୍‌ରୁମ୍‌କୁ ଗଲି । ବାଥ୍‌ରୁମ୍ ଭିତରେ କେତେ ଯେ ବହି.... ସେ ବହିଗୁଡ଼ା ପ୍ରାୟ ସ୍ୱାସ୍ଥ୍ୟ ଯୌନ ସମ୍ପର୍କୀୟ । ''ହାଉ ଟୁ ଲିଭ୍ ହଣ୍ଡରେଡ୍ ଇୟରସ୍ ?'' ''କେୟାର ଅଫ୍ ବେଣ୍ଟେଡ୍ ବ୍ରେଷ୍ଟସ୍'', ''ଇଓର ବ୍ରେଷ୍ଟ୍ ଇଜ୍ ଇୟୋର ଫେସ୍'', ''ରେଡ୍ ଲିପସ୍ ଅର୍ ବ୍ଲାକ୍ ଲିପସ୍'' । ଇଶ୍ ନିଜ ଦେହର ଯତ୍ନ ଲାଗି କି ପ୍ରଚେଷ୍ଟା ପଦି ଅପାର ।

ବାଥରୁମ୍‌ରୁ ଫେରି ମୁହାଁମୁହିଁ ବସି ଗପ କଲୁ, ଗାଁ ଚାଟଶାଳୀରୁ ଆରମ୍ଭ କରି ଦର୍ଶନ, ଅର୍ଥନୀତି, ପରିବାର ନିୟନ୍ତ୍ରଣ ପର୍ଯ୍ୟନ୍ତ ।

– ଆଚ୍ଛା ପଦି ଅପା, ତୁମେ ତ ବାହା ହେଇନ, ପରିବାର ନିୟନ୍ତ୍ରଣ କ'ଣ ବୁଝାଇପାରୁଛ ?

– କେତେ ବୋକା ପିଲା ମ, (କହି ସେ ମୋ ଗାଲ ଆଉଁସି ଦେଲେ ।)

– ପଦି ଅପା ତୁମେ ପଢୁଛ ଏତେ, ଲେଖାଲେଖି କରୁନ ?

– ଯା ଯା ଲେଖାଲେଖି ମୁଁ କରିବି ? ଆଚ୍ଛା ତୁମେ ଆଜିକାଲି ଲେଖାଲେଖି କରୁଛ ନାଁ.....

(ମୁଁ ଚୁପ୍ ରହିଲି)

– ଆଚ୍ଛା ଆଗଭଳି ଲେଖୁଛ ନାଁ ଏବେ ଲେଖାର ଧାରା ବଦଳେଇ ଦେଲଣି ?

– ମାନେ ତୁମର ଯେଉଁ କବିତା ଲାଗି କଲେଜରେ ପଢ଼ିଲାବେଳେ ଭାରି ହଇଚଇ ହେଉଥିଲା, କ'ଣ ତା' ନାଁ'ଟା ତ ?

– ଯା ପଦି ଅପା ତୁମେ ଭାରି....

– ଆରେ ଝିଅପିଲା ଭଳି କଥା କହିଲଣି.... କ'ଣ ଭାରି ? କ'ଣ କହୁନ ସେ କବିତାଟାର ନାଁ ?

– ମୁଠାଏ..... ଆଉ କହିପାରିଲାନି ।

ହଁ, ହଁ, ମନେପଡ଼ିଲା, ମନେପଡ଼ିଲା, ''ମୁଠିଏ ସ୍ତନ..... ମୁଠାଏ ସପନ ଲାଗି ।''

– ସତେ ପଦି ଅପା ତୁମେ ଭାରି ଖରାପ ହୋଇଗଲଣି । (ଭାବୁଥିଲି ପଦି ଅପାଙ୍କୁ ମୁଁ ପା'ନ୍ତି କି ...... କ'ଣ ...... ପା'ନ୍ତି) ପଦି ଅପାଙ୍କ ଛାତିରୁ ଶାଢ଼ୀଟା ଖସିପଡ଼ିଥାଏ, ମୁଁ ଚାହିଁ ରହିଥାଏ ତାଙ୍କର ସେହି ଲୋଭନୀୟ ଛାତିକୁ ।

– ତୁମେ ଲେଖିଲ ତୁମେ ଖରାପ ହେଲନି ? ଆଉ ମୁଁ କହିଲି ବୋଲି ହେଲି ଖରାପ ?

(ତାଙ୍କର ଗୋରାଦେହର କଳା ବ୍ଲାଉଜ ତଳେ ଧଳା ବ୍ରେଷ୍ଟ୍ ସିୟାରର ଲେସ୍ ଭିତରେ ମୋର ଆତ୍ମା ହଜିଯାଇଥାଏ) ।

– କ'ଣ ଦେଖୁଛ ?

(ମୁଁ ଚମକିପଡ଼ିଲି, ସତେ ମୁଁ କ'ଣ ଦେଖୁଛି ? ମୁଠାଏ ମାଂସ ନାଁ ମୁଠାଏ ସପନ ?)

– କ'ଣ ଦେଖୁଛ କହୁନ..... ତୁମେ ତ ଆମ ବାଲିକୁଦ ରାଜା....

– ମାନେ ।

– ମାନେ ବାଲିକୁଦ ରାଜ୍ୟ ଜାଣିଛ, ତା'ର ରାଜା ଖାଲି ନାରୀର ଲଙ୍ଗଳା ଲଙ୍ଗଳା ଦେହର ବିଭିନ୍ନ ଭଙ୍ଗୀ ଦେଖିବାକୁ ଭଲପା'ନ୍ତି.... ଖାଲି ଦେଖିବାକୁ....... ସେ ଥିଲେ ଜଣେ ପିଫିଟମ..... କେତେ କଥା ଯେ ତୁମେ ଜାଣ ପଦି ଅପା, ହେଲା ଏବେ ମୁଁ ବାଲିକୁଦ ରାଜା ବା ତୁମରି ଭାଷା ପିଫିଟମ୍; କିନ୍ତୁ ତୁମେ କ'ଣ ସେଇ....ସେଇ....

– କୁହ, କ'ଣ କହୁଛ ।

– ରାଗିବନି, ତୁମେ କ'ଣ ଏକ୍‌ଜିବିସନିଷ୍ଟ ନୁହେଁ ?

ଆଖି ତାଙ୍କର ଛଳ ଛଳ ହୋଇଆସିଲା, ମୁଁ ତାଙ୍କୁ ମୋ ଛାତିରେ ଆଉଜାଇ ଆଖି ଲୁହ ପୋଛିଦେଲି । ସେ ମୋ କୋଳରେ ବସିପଡ଼ିଲେ । ତାଙ୍କର ଓଠଥରି ଉଠୁଥାଏ, ମୁଁ ତାଙ୍କରି ଓଠରେ ଓଠ ମିଶାଇଦେଲି ।

– ଆଜି ରାତିକ ମୋ ଘରେ ରହିଯାଅ । (ବଡ଼ ଦରଦୀ ସେ ସ୍ୱର)

ତା'ପରେ ତାଙ୍କରି ଶଯ୍ୟାରେ ତାଙ୍କରି ଦେହରେ ଦେହ ଜଡ଼ାଇ ଶୋଇପଡ଼ିଲି । ଉତ୍ତେଜନା ମୋ ଦେହରେ ଭରିଯାଇଥାଏ । ମୁଁ ତାଙ୍କର ନିବୀ ବନ୍ଧନରେ ହାତ ରଖିଲି, ସେ ଚିତ୍କାର କରି କହିଉଠିଲେ....''ନାଁ..... ଏ କ'ଣ ?''

ମୁଁ ପୁଣି ତାଙ୍କର ଗଣ୍ଡ, ଅଧର, ବକ୍ଷରେ ଅବିଶ୍ରାନ୍ତ ଚୁମା ଢାଳି ତାଙ୍କୁ ଭିଡ଼ି ଧରିଲି ମୋର ସମସ୍ତ ଶକ୍ତି ଦେଇ । ତା'ରି ଭିତରେ ତାଙ୍କ ପିଠିପଟର ବ୍ଲାଉଜ୍ ବୋତାମ୍ କେତେଟା ଖୋଲିଗଲା, ସେ ମତେ ଏକ ଶକ୍ତ ଚାପୁଡ଼ା ଦେଇ ଚିତ୍କାର କଲେ.... ନା.... ନା....

(ମତେ ବଡ଼ କାନ୍ଦ ଲାଗିଲା, ଦୈହିକ ଓ ମାନସିକ ଉତ୍ତେଜନାରେ ମୁଁ କାନ୍ଦୁଥିଲି)

ସେ ମୋର ଆଖିର ଲୁହ ତାଙ୍କ କାନିରେ ପୋଛିଦେଇ ତାଙ୍କ ଛାତିରେ ମୋ ମୁହଁ ଗୁଞ୍ଜିଦେଇ କହିଲେ ଛୋଟ ଛୁଆ ଭଳି ଶୋଇପଡ଼, ଦୁଷ୍ଟାମୀ କରନି, ମୋ ରାଣ, ମୋ ସୁନାଟାପରା ।

ପଦି ଅପା ଶୋଇପଡ଼ିଲେ..... ମୋ ଆଖିରେ ନିଦ ନାହିଁ, ଭୋର୍ ହୋଇଆସୁଛି.... ପଦି ଅପା ଶୋଇଛନ୍ତି, ଅବିନ୍ୟସ୍ତ ଶାଢ଼ୀ ଓ ସାୟାର ଘେର ଭିତରେ ଶୋଇଛନ୍ତି ପଦି ଅପା, ତାଙ୍କର ମାଂସଳ ନଗ୍ନ ବାହୁ କପାଳ ଉପରେ ଅଛି । ବାହୁମୂଳର ଗହଳ କୃଷ୍ଣକଳି ଲୋମବଲ୍ଲୀର ବାହୁଲତା ଭିତରେ ଲୁଚି ରହିଛି ତାଙ୍କ ଜୀବନର ସମସ୍ତ ରହସ୍ୟ; ବିପର୍ଯ୍ୟସ୍ତ ବ୍ଲାଉଜ୍ ଓ ବ୍ରେସାୟର ଭିତରେ ଛତିଶ ବର୍ଷୀୟା ପଦି ଅପାର ସ୍ତନଦ୍ୱୟ ଯେ କୌଣସି ଷୋଡ଼ଶୀର ସ୍ତନ ଭଳି କମନୀୟ, ଲୋଭନୀୟ ହୋଇରହିଛି । ନିଃଶ୍ୱାସ ପ୍ରଶ୍ୱାସର କ୍ରିୟା ଭିତରେ ସ୍ତନର ଉତ୍‌ଥାନ ପତନର ଲୀଳା ସତେଯେପରି ତାଙ୍କ ଜୀବନର ଉତ୍‌ଥାନ, ପତନର କଥା ସୂଚାଇ ଦେଉଛି । ଜ୍ୟାମିତିର ବୃତ୍ତ ଭଳି ତାଙ୍କ ସ୍ତନ ଆଉ ତାଙ୍କର ଜୀବନ ବୃତ୍ତ । ଆଖି ଦୁଇଟି ନିଦ୍ରିତ ପଦ୍ମପରି ବୁଜି ହୋଇ ରହିଛି । ଅସଂଯତ ସାୟାର ଘେର ଭିତରେ ଦେଖିପାରୁଥିଲି ସ୍ୱଷ୍ଟଭାବେ ତାଙ୍କର ବିପୁଳ ନିତମ୍ବର ପ୍ରୋଫାଇଲ୍ । ସତେଯେପରି ସେ ନିତମ୍ବର ଡିକେୟେନ୍‌ସ ନାହିଁ । ନିତମ୍ବର ବିପୁଳତା ଭିତରେ ଦେଖୁଥିଲି ତାଙ୍କ ଜୀବନର ସମସ୍ତ ପୂର୍ଣ୍ଣତା । ଦେଖିପାରୁଥିଲି ତାଙ୍କର ଗଭୀର ନଗ୍ନ ନାଭିର ଗଭୀରତା ଭିତରେ ସୃଷ୍ଟିର ପୂର୍ଣ୍ଣ ପରିପୂର୍ଣ୍ଣତା । ମୁଁ ତାଙ୍କର ଦେହର ଛାଞ୍ଚ ଭିତରେ, ସବୁ ବିନ୍ଦୁରେ, ଏ ତାଙ୍କ ମନର ରହସ୍ୟ ।

ଶୋଇଛନ୍ତି ପଦି ଅପା, ଶୋଇପଡ଼ିଛନ୍ତି, ତାଙ୍କର ସାପ ଜୁଡ଼ାର ପେଡ଼ି ଭିତରେ ଶୋଇପଡ଼ିଛନ୍ତି ମେକିଆଭେଲି, ରସେଲ୍, ରାଧାକ୍ରିଷ୍ଣନ୍, ପ୍ଲେଟୋ, ହେଭଲକ ଇଲସ୍ ।

ଏଇ ରୂପ ରସମୟୀ ନାରୀଟିକୁ ଦେଖି ମୋ ମନରେ ଘୃଣା ଓ କରୁଣା ଜାତ ହେଉଥିଲା । ଏତେ ସୁନ୍ଦର ଦେହରେ କ'ଣ ଟିକେ ହେଲେ ଭୋକ ନାହିଁ, ଟିକେ ହେଲେ ଏ ସ୍ତନରେ ଶୋଷ ନାହିଁ – ନାଁ, ନାହିଁ ।

କେବଳ ଅଧ୍ୟୟନ ଓ ଗବେଷଣା ଭିତରେ ଜୀବନର ସମସ୍ତ ପୂର୍ଣ୍ଣତା, ଏଇ କ'ଣ ବିଶ୍ୱାସ ତାଙ୍କର ?

ମୁଁ ତାଙ୍କ ଓଠରେ ଚୁମା ଦେଲି, ସେ ଚୁମା ଏକାନ୍ତ ମନର, ଏକାନ୍ତ ପ୍ରାଣର.... ସେ ଉଠିପଡ଼ିଲେ ।

''ସକାଳ ହେଲାଣି ନାଁ, ତୁମେ ବସ ମୁଁ ପିଆନୋ ବଜାଏ । ପ୍ରତିଦିନ ମୁଁ ସକାଳେ ପିଆନୋ ଅଭ୍ୟାସ କରେ, ସେ ପିଆନୋ ବଜାଇଲେ ।

ମୁଁ କହିଲି ପଦି ଅପା ମୁଁ ଚାଲିଯାଉଛି – ମୋର ଗୋଟିଏ କଥା ରଖିବନି ?

– କୁହ ?

– ଥରୁଟିଏ ଦେଖିବି ।

– କ'ଣ ?

– ମୁଠାଏ....

– ଦେଖନି, କେବଳ ମୁଠାଏ ସ୍ୱପ୍ନରେ ରହିଯାଅ....

– ମୋ ରାଣ ପଦି ଅପା ।

ବେଶ୍ ତେବେ ଦେଖ, କାଲି ରାତିସାରା ଦେଖିବ ବୋଲି ପାଗଳ ହୋଇଯାଉଥିଲ, ଆଜି ଏ ଦିନର ସ୍ୱଷ୍ଟ ଆଲୋକରେ ଦେଖ.... ମୁଠାଏ....

(ସେ ନିଜର ବ୍ଲାଉଜ୍, ବ୍ରେସିୟାର୍ ଖୋଲିଦେଲେ)

ଯାହା ଦେଖିଲି, ତାହା ନ ଦେଖିଥିଲେ ଭଲ ହୋଇଥା'ନ୍ତା । ଗୋଟିଏ ପଟେ କି ସୁନ୍ଦର, କି ଲୋଭନୀୟ ସ୍ତନ, ଅମୃତର ଭଣ୍ଡାର, ଅପରପଟେ ପ୍ୟାଡ୍ ତଳେ ଶୂନ୍ୟ, ମହାଶୂନ୍ୟ.... ଶୂନ୍ୟତାର ଭଣ୍ଡାର, ମୋ ଆଖିରେ ଲୁହ ଭରିଗଲା ।

– କ'ଣ ଯେ,

– ମୁଠାଏ ସ୍ତନ ଆଉ ମୁଠିଏ ସପନ, ମୁଠାଏ ମାଂସ ଆଉ ମୁଠିଏ ପ୍ୟାଡ୍ । ମୁଠିଏ କ୍ୟାନ୍‌ସର....

– ମୁଁ ସେଇ କଥା ଭାବୁଥିଲି – (ମୁଠାଏ ସପନ, ମୁଠିଏ କ୍ୟାନସର)

– ତୁମେ କାନ୍ଦୁଛ ? ସେ ମତେ ତାଙ୍କର ଶୂନ୍ୟପଟ ଛାତିରେ ଚାପି ଧରି କହିଲେ – ମୁଠିଏ ସପନ, ମୁଠିଏ ସପନ..... ତାଙ୍କରି ସରୁ ସରୁ ଆଙ୍ଗୁଳିରେ ପିଆନୋ ବାଜୁଥିଲା..... କି ଆତୁର ସେ ଧ୍ୱନି.... କି ଦରଦୀ ସେ ସ୍ୱର ।

*କୃଷ୍ଣକାନ୍ତ ଭବନ, ତେଲେଙ୍ଗାବଜାର, କଟକ ।*

# ପ୍ରତିହିଂସା

■ ଭ୍ରମରବର ସାହୁ

କାମ, କ୍ରୋଧ, ମୋହ, ମାୟା, ରାଗ, ହିଂସା ଇତ୍ୟାଦି ମନୁଷ୍ୟର ଗୋଟିଏ ଖରାପ ଗୁଣ ବା ପ୍ରକୃତି । ଏହା ମଧ୍ୟରୁ ଗୋଟିଏ ଗୁଣର ବଶବର୍ତ୍ତୀ ହେଲେ, ନିଜର ଜ୍ଞାନ ବା ମନୁଷ୍ୟତ୍ୱ ହରାଇ ବସେ । ସେ କ'ଣ କରିବାକୁ ଯାଉଛି ? ଏ କାର୍ଯ୍ୟ କରିବା ଦ୍ୱାରା କେତେ ଲାଭ ବା କ୍ଷତି ହେବ ? ଏହାର ଭବିଷ୍ୟତ ଲକ୍ଷ୍ୟ ବା ପରିଣାମ କ'ଣ ହେବ ? ଏ କଥା ଚିନ୍ତା କରିବା ପୂର୍ବରୁ ବିପଥଗାମୀ ହୋଇଯାଏ । ଯାହାଦ୍ୱାରା କି ତାର ଭବିଷ୍ୟତ ଜୀବନ ଅନ୍ଧକାରମୟ ହୋଇଯାଏ । ଶେଷରେ ସେ କେବଳ ଅନୁତପ୍ତ ବହ୍ନିରେ ଜଳି ଜଳି ନିଜ ଭାଗ୍ୟ ଉପରେ ଦୋଷଦେବା ଛଡ଼ା ତା'ନିକଟରେ ଅନ୍ୟ କିଛି ଉପାୟ ନ ଥାଏ । ତାହା କେବଳ ଏ ପ୍ରବନ୍ଧଟିରୁ ସ୍ପଷ୍ଟ ପ୍ରମାଣିତ ହୁଏ ।

୧୯୧୮ ମସିହା ଅପ୍ରେଲ ମାସ ୨୫ ତାରିଖ ଶୁକ୍ରବାର ଅପରାହ୍ନ ୧ଟା ସମୟ । ସବୁ ପିଲା କ୍ଲାସ୍‌ରୁମ୍‌ରୁ ଖୁସିରେ ବାହାରକୁ ବାହାରିପଡ଼ିଲେ । ସେମାନଙ୍କ ମଧ୍ୟରୁ ମଣ୍ଟୁ ଓ ଚିଣ୍ଟୁ ଦୁଇ ସାଙ୍ଗ । ଗୋଟିଏ ସାଇକେଲ ଚଢ଼ି ମଣ୍ଟୁ ଘର ଆଡ଼କୁ ଗଲେ । ମଣ୍ଟୁ ହେଉଛି ଜଗତପୁର ଗ୍ରାମର ରାମବାବୁଙ୍କ ଗୋଟିଏ ବୋଲି ପୁଅ । ତାଙ୍କର ଜମିବାଡ଼ି, ଗାଡ଼ିମଟର, ବ୍ୟାଙ୍କ ବାଲାନ୍‌ସ ବହୁତ ଅଛି । ରାମବାବୁ ଜଣେ 'ଏ' କ୍ଲାସ୍ କଣ୍ଟ୍ରାକ୍ଟର । ସେ ସରକାରଙ୍କ ରାସ୍ତାଘାଟ, ପୋଲ, ବିଲ୍‌ଡିଂ ଆଦି କାମ କରନ୍ତି । ମଣ୍ଟୁ ତାଙ୍କର ପୁଅ ହିସାବରେ ଭବିଷ୍ୟତରେ ତାଙ୍କର ସବୁ ଧନର ମାଲିକ ହେବ । ଏକଥା ଚିନ୍ତା କରି ସେ ପୁଅର ପାଠପଢ଼ା ପ୍ରତି ନଜର ଦେଇ ବହୁତ ଗେହ୍ଲାରେ ବଢ଼ାଇଥାନ୍ତି । ତାର ଯେତେବେଳେ ଯାହା ଦରକାର ଅବିଳମ୍ବେ ତାହା ଯୋଗାଇ ଦିଅନ୍ତି; କିନ୍ତୁ ଚିଣ୍ଟୁ ହେଉଛି ଚାରିବାଟିଆ ଗ୍ରାମର ଗୋପାଳ ଦାଶଙ୍କ ପୁଅ । ଗୋପାଳ ଦାଶ ହେଉଛନ୍ତି ଜଣେ ଦିନ ମଜୁରିଆ । ପ୍ରତିଦିନ ମୂଲ ଲାଗି କୁଟୁମ୍ବ ପୋଷେ । ଦିନେ କାମକୁ ନ ଗଲେ କୁଟୁମ୍ବ ଉପବାସ ରହନ୍ତି । ଚିଣ୍ଟୁ ହେଉଛି ଏକମାତ୍ର ପୁଅ ୧୩ ବର୍ଷର ଓ ରୀତା ବୋଲି ଗୋଟିଏ ଝିଅ ୧୦ ବର୍ଷର । ଦୁଇଟି ପୁଅଝିଅଙ୍କୁ ନେଇ ଛୋଟ ପରିବାର । ସେ ବୋଧେ ସରକାରଙ୍କର ଜନ୍ମ ନିୟନ୍ତ୍ରଣକୁ ପାଥେୟ କରି ଛୋଟ ପରିବାର ଗଢ଼ି ଖୁବ୍ ସୁଖରେ କାଳ କାଟୁଛନ୍ତି ।

ମଣ୍ଟୁ ଓ ଚିଣ୍ଟୁ ବିଦ୍ୟାଳୟରୁ ଯାଇ ମଣ୍ଟୁର ଘରେ ପହଞ୍ଚିଲେ । ସାଇକେଲଟି ଦାଣ୍ଡରେ ରଖି ଦେଇ ମଣ୍ଟୁ ଘର ଭିତରକୁ ପଶିଗଲା । ଦେଖିଲା ଘରେ ବାପା କି ମା' ନାହାନ୍ତି । ତାର ପ୍ରତିହିଂସାର ବହ୍ନି ଜଳିଉଠିଲା । ଏଇଟା ଥିଲା ତା' ପାଇଁ ସୁବର୍ଣ୍ଣ ସୁଯୋଗ । ସେ ଚିଣ୍ଟୁକୁ ବାଡ଼ିପଟକୁ ଡାକି ନେଇ କୂଅ ଭିତରେ ଥିବା ଗୋଟିଏ ବଡ଼ କଇଁଚକୁ ଦେଖିବାକୁ କହିଲା । ଚିଣ୍ଟୁ କୂଅ ଭିତରକୁ ନଇଁ ଚାହିଁବା ସମୟରେ ମଣ୍ଟୁ ତାକୁ ପଛପଟୁ କୂଅ ଭିତରକୁ ଠେଲିଦେଲା । ଚିଣ୍ଟୁର ମୁଣ୍ଡ କୂଅ ନନ୍ଦରେ ବାଜି ଫାଟିଗଲା ଓ ସେ କୂଅ ଭିତରେ ପଡ଼ି ପାଣିରେ ବୁଡ଼ିଗଲା । ଏ କଥା କେବଳ ମଣ୍ଟୁ ଛଡ଼ା କେହି ଜାଣନ୍ତି ନାହିଁ । ଏହାପରେ ମଣ୍ଟୁ ଖାଇ ସାଇକେଲ ଧରି ସ୍କୁଲକୁ ଚାଲିଗଲା ।

ଅପରାହ୍ନ ୪ଟା ବାଜିଲା । ବିଦ୍ୟାଳୟ ଛୁଟି ହେଲା । ସବୁ ପିଲା ନିଜ ନିଜର ଘରକୁ ଗଲେ । କିନ୍ତୁ ଚିଣ୍ଟୁ ଫେରିଲା ନାହିଁ । ଚିଣ୍ଟୁର ମା' ରମାଦେବୀ ଗାଁ'ରେ ପଢୁଥିବା ସବୁ ପିଲାଙ୍କୁ ଯାଇ ପଚାରିଲେ । ସମସ୍ତେ ତାକୁ ଦେଖିନାହାନ୍ତି ବୋଲି କହିଲେ । ସଞ୍ଜ ହେଲା । ଗୋପାଳବାବୁ କାମରୁ ଘରକୁ ଫେରିଲେ । ଚିଣ୍ଟୁ ଘରକୁ ଫେରିନାହିଁ ବୋଲି ରମାଦେବୀ ତାଙ୍କୁ କହିଲେ । ଏହାଶୁଣି ଗୋପାଳବାବୁ କହିଲେ, ସେ କେଉଁ ସାଙ୍ଗ ଘରକୁ ବୁଲି ଯାଇଥିବ । ଘରକୁ ସଞ୍ଜବେଳ ପରେ ଫେରିବ ନାହିଁଯେ, ତୁମେ କାହିଁକି ବ୍ୟସ୍ତ ହେଉଛ ? କ୍ରମେ ରାତି ଅଧିକ ହେଲା । ଚିଣ୍ଟୁ ଘରକୁ ଫେରିଲା ନାହିଁ । ଏହା ଦେଖି ଗୋପାଳବାବୁ ଓ ରମାଦେବୀଙ୍କ ମନ ଗୋଳେଇ ଘାଣ୍ଟି ହେଲା । ରାତି ଦଶଟା ବେଳକୁ ଗୋପାଳବାବୁ ଚିଣ୍ଟୁର ସାଙ୍ଗ ମଣ୍ଟୁ ଘରକୁ ଗଲେ । ସେଠାରେ ସେ ଚିଣ୍ଟୁର ଖବର ମଣ୍ଟୁକୁ ପଚାରିଲେ; କିନ୍ତୁ ସେ ଚିଣ୍ଟୁକୁ ଦେଖିନାହିଁ ବୋଲି ମନା କରିଦେଲା । ଗୋପାଳବାବୁ ନିରାଶ ହୋଇ ଘରକୁ ଫେରି ରମାଦେବୀଙ୍କୁ ଚିଣ୍ଟୁର ଖବର ମିଳିଲା ନାହିଁ ବୋଲି କହିଲେ । ଦୁହେଁ ରାତିରେ ନ ଖାଇ ନ ପିଇ ମନଦୁଃଖରେ ରହିଲେ । ହେଲେ ଆଖିକୁ ନିଦ ଆସୁଛି ବା କେଉଁଠୁ ? ଦୁହେଁ କେବଳ ଏକଡ଼ ସେକଡ଼ ଲେଉଟାଇ ଶେଯରେ ପଡ଼ିରହିଲେ । ରାତି ପାହି ସକାଳ ହେଲା ।

ସୂର୍ଯ୍ୟଙ୍କର ସୁନେଲି କିରଣ ଚାରିଆଡ଼େ ବିଛାଇ ହୋଇପଡ଼ିଲା । ତଥାପି ଚିଣ୍ଟୁ ଘରକୁ ଫେରିଲା ନାହିଁ । ଗୋପାଳବାବୁ ଚିଣ୍ଟୁ ନିରୁଦ୍ଦିଷ୍ଟ ବୋଲି ଜଗତପୁର ଥାନାରେ ଏତଲା ଦେଲେ । ପୋଲିସ ମଧ୍ୟ ଚିଣ୍ଟୁକୁ ଚାରିଆଡ଼େ ଖୋଜାଖୋଜି କଲେ; କିନ୍ତୁ ତା'ର କୌଣସି ଖବର ପାଇଲେ ନାହିଁ ।

ତା'ପରଦିନ ଅପ୍ରେଲ ମାସ ୨ ତାରିଖ ଶନିବାର । ମଣ୍ଟୁ ବିଦ୍ୟାଳୟରୁ ଫେରି ମା'କୁ ଖାଇବାକୁ ମାଗିଲା । ରାମବାବୁ ଘରେ ଥିବାରୁ ମା'ବାପ ପୁଅ ଦୁଇଜଣଙ୍କ ପାଇଁ ଖାଇବାକୁ ବାଢ଼ିଦେଲେ । ବାପପୁଅ ମିଶି ଖାଇବା ସମୟରେ ରାମବାବୁ ଦେଖିଲେ ପୁଅର ମୁହଁ ଶୁଖିଯାଇଛି । ତା' ମନରେ ସରସତା ନାହିଁ । ସେ ମଣ୍ଟୁକୁ ଏହାର କାରଣ ପଚାରିବାରୁ ସେ କହିଲା, ଦେହଟି ଆଜି କାହିଁକି ଭଲ ଲାଗୁନାହିଁ । ବିଶେଷକରି ଚିଣ୍ଟୁ ପାଇଁ ମୋ ମନ ଭାରି ଦୁଃଖ । ଏ କଥାଶୁଣି ରାମବାବୁ ସେ କଥାରେ ଗୁରୁତ୍ୱ ନ ଦେଇ ଶୋଇବାକୁ ଗଲେ । ମଣ୍ଟୁର ମା' ଖାଇସାରି ଅଇଁଠାବାସନ ଗୋଟେଇ କୂଅ ନିକଟକୁ ଧୋଇବାକୁ ଗଲେ । ସେଠାରେ ସେ କୂଅରେ ଯାହା ଦେଖିଲେ, ସେଥିରେ ସେ ନିଜକୁ ବିଶ୍ୱାସ କରିପାରିଲେ ନାହିଁ । ସେ ବଡ଼ପାଟିରେ ରାମବାବୁଙ୍କୁ ଡାକ ପକାଇଲେ । ଏ କ'ଣ କୂଅ ଭିତରେ ଭାସୁଛି ଦେଖିବ ଆସ । ପାଟିଶୁଣି ରାମବାବୁଙ୍କ ସହିତ କେତେକ ଗାଁ ଲୋକ କୂଅ ନିକଟରେ ରୁଣ୍ଡ ହୋଇଗଲେ । ସମସ୍ତେ ଦେଖିଲେ କୂଅ ଭିତରେ ଗୋଟିଏ ଶବ ଫୁଲିଯାଇ ଭାସୁଛି । ତଳ ପଟକୁ ତାର ମୁହଁ ଥିବାରୁ ତାକୁ ଠିକ୍‌ଭାବରେ ଚିହ୍ନ ହେଉ ନାହିଁ । ସମସ୍ତେ ମିଶି ଶବକୁ କୂଅ ଭିତରୁ ବାହାରକୁ ଆଣିଲେ । ଦେଖିଲେ ମଣ୍ଟୁର ସାଙ୍ଗ ଚିଣ୍ଟୁ କୂଅରେ ମରିପଡ଼ିଛି । ସଙ୍ଗେ ସଙ୍ଗେ ଏ ଖବର ଚାରିଆଡ଼େ ପ୍ରଚାର ହୋଇଗଲା । ସମସ୍ତେ ତାକୁ ଦେଖିବା ପାଇଁ ଆସି କୂଅ ନିକଟରେ ରୁଣ୍ଡ ହେଲେ । ଥାନାରୁ ବଡ଼ବାବୁ, ଚିଣ୍ଟୁର ବାପାମା' ମଧ୍ୟ ସେଠାରେ ପହଞ୍ଚିଲେ ।

ଚିଣ୍ଟୁର ବାପ, ମା' ଦୁହେଁ ମୁଣ୍ଡ ବାଡ଼େଇ କାନ୍ଦିବାକୁ ଲାଗିଲେ । ତାଙ୍କର ସଂସାର ଉଚ୍ଛନ୍ନ ହୋଇଗଲା ବୋଲି ବେଶି ମୁଣ୍ଡ ବାଡ଼େଇ କାନ୍ଦିଲେ । ଲୋକମାନେ ସମସ୍ତେ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ, ଯାହା ତ ହବାର ଥିଲା ତାହା ହୋଇଯାଇଛି । ମୁଣ୍ଡ ପିଟି କାନ୍ଦିଲେ ସେ କ'ଣ ଆଉ ଫେରିଆସିବ । ଥାନାର ବଡ଼ବାବୁ ପ୍ରଥମେ ରାମବାବୁ ଓ ମଣ୍ଟୁକୁ ଗାଡ଼ିରେ ବସାଇ ଥାନାକୁ ନେଇଗଲେ ଓ ଶବକୁ ପୋଷ୍ଟମର୍ଟମ୍ କରିବାକୁ ଅର୍ଡର ଦେଲେ । ପୋଲିସ ଗାଡ଼ିରେ ବସିବା ପରେ ମଣ୍ଟୁର ଦେହ ଥରିବାକୁ ଲାଗିଲା । ଥାନରେ ପହଞ୍ଚିବା ପରେ ବଡ଼ବାବୁ ମଣ୍ଟୁକୁ କଅଁଳେଇ ପଚାରିଲେ । ସତ କୁହ ମଣ୍ଟୁ, ଚିଣ୍ଟୁ କିପରି କୂଅରେ ପଡ଼ିଲା । ତୁମେ ସତ ନ କହିଲେ ଏହି ଧରିଥିବା ରୋଲରରେ ତୁମକୁ ପିଟି ପିଟି ସାବାଡ଼ କରିଦେବି । ଏହା କହି ବଡ଼ବାବୁ ଧରିଥିବା ରୋଲ୍‌ବାଡ଼ିଟକୁ ଟେବୁଲ ଉପରେ ଦୂର୍‌କିନା ପିଟିଦେଲେ ।

ଏହା ଦେଖି ମଣ୍ଟୁ ଚଟ୍‌କିନା ଚମକି ପଡ଼ିଲା । ତା' ଦେହ ଥରିବାକୁ ଲାଗିଲା ଓ ସେ ସତକଥା କହିବାକୁ ଆରମ୍ଭ କଲା । ଆମେ ଯେତେବେଳେ ପଞ୍ଚମ ଶ୍ରେଣୀରେ ପଢୁଥିଲୁ, ଚିଣ୍ଟୁ ଶ୍ରେଣୀରେ ପ୍ରଥମ ଓ ମୁଁ ଦ୍ୱିତୀୟ ହୋଇଥିଲି । ସେ ପରୀକ୍ଷାରେ ମୋ'ଠାରୁ ପାଞ୍ଚ ନମ୍ବର ଅଧିକା ରଖିଥିଲା । ଏହାଶୁଣି ବାପା ମୋ ଉପରେ ବିରକ୍ତ ହେଲେ ଓ ମୁଁ ଷଷ୍ଠ ଶ୍ରେଣୀରେ ଫାଷ୍ଟ୍ ହେବାପାଇଁ ଭଲ୍ ସାର୍‌ଙ୍କ ନିକଟରେ ଟ୍ୟୁସନ୍ ଦେଲେ । ବର୍ଷ ଶେଷରେ ବାର୍ଷିକ ପରୀକ୍ଷାରେ ସେ ମୋ ଠାରୁ ୭ ନମ୍ବର ରଖି ଫାଷ୍ଟ ହେଲା ଓ ମୁଁ ଦ୍ୱିତୀୟ ହେଲି । ଏଥିପାଇଁ ବାପା ମୋ ଉପରେ ରାଗିଯାଇ ମାରଧର୍ କଲେ । ତା'ପରେ ସପ୍ତମ ବୋର୍ଡ ପରୀକ୍ଷାରେ ସେ 'ଓ' ଗ୍ରେଡ୍ ଓ ମୁଁ 'ଏ' ଗ୍ରେଡ୍‌ରେ ପାସ୍ କଲି । ଏହା ଦେଖି ବାପା ମୋ ଉପରେ ଭୀଷଣ ରାଗିଯାଇ ମାରଧର୍ କଲେ ଓ ଘରୁ ବାହାରିଯିବାକୁ କହିଲେ । କହିଲେ, 'ଅପଦାର୍ଥ, ତୋ ଦ୍ୱାରା କିଛି ହୋଇପାରିବ ନାହିଁ । ସେ ମୂଲିଆ ପିଲାଟି ଯାହା କଲା, ତୋ ପିଛାରେ ଏତେ ଟଙ୍କା ଖର୍ଚ୍ଚ ହୋଇ ସୁଦ୍ଧା ତା' ପଛରେ ରହିଲୁ । ତୋ ମୁହଁ ଆଉ ମୁଁ ଚାହିଁବି ନାହିଁ । ଏ ପ୍ରକାର ବହୁ ଧିକ୍କାର କଲେ । ଏ କଥା ମୋତେ ଭାରି ବାଧିଲା । ମନରେ ଭାରି ରାଗ ହେଲା । ସେହିଦିନଠାରୁ ମୁଁ ତାକୁ କିପରି ରାସ୍ତାରୁ ହଟାଇବି ଓ ଶ୍ରେଣୀରେ ଫାଷ୍ଟ୍ ହେବି ଏହି ଭୂତଟି ମୋ ମୁଣ୍ଡରେ ସବାର ହେଲା । ମୁଁ ସେହିଦିନଠାରୁ ଚିଣ୍ଟୁକୁ ସବୁଦିନ ପାଇଁ ମୋ ରାସ୍ତାରୁ ହଟାଇବା ନିମନ୍ତେ ସୁଯୋଗ ଉଣ୍ଢୁଥିଲି । ଏବେ ସେ ସୁଯୋଗ ଆସି ମୋ ନିକଟରେ ପହଞ୍ଚିଲା । ମୁଁ ସେ ସୁଯୋଗକୁ ହାତଛଡ଼ା କରନ୍ତି ବା କିପରି ? ମୁଁ ତାକୁ ସ୍କୁଲରୁ ଆମ ଘରକୁ ଡାକିଆଣିଲି । ଘରେ ପହଞ୍ଚି ଦେଖିଲି, ଘରେ ବାପାମା' କେହି ନାହାନ୍ତି । ଏହାକୁ ମୁଁ ସୁବର୍ଣ୍ଣ ସୁଯୋଗ ଭାବି ଚିଣ୍ଟୁକୁ ଆମ ବାଡ଼ିରେ ଥିବା କୂଅ ନିକଟକୁ ଡାକିନେଇ କୂଅରେ ଥିବା ବଡ଼ କଇଁଛ ଦେଖିବା ପାଇଁ କହିଲି ଓ ସେ ନଇଁପଡ଼ି କୂଅକୁ ଚାହିଁବାମାତ୍ରେ ମୁଁ ପଛପଟୁ ତାକୁ କୂଅକୁ ପେଲିଦେଲି । ଏ କଥା ସବୁ ଥାନାର ବଡ଼ବାବୁ ଶୁଣିବା ପରେ ଚିଣ୍ଟୁ ମରିବା ପଛରେ ମଣ୍ଟୁ ଓ ତା' ବାପା ଉଭୟେ ସମପରିମାଣରେ ଦାୟୀ ବୋଲି ଅନୁଭବ କଲେ । ତା' ପରଦିନ ବାପ, ପୁଅ ଦୁଇଜଣଙ୍କୁ କୋର୍ଟ ଫରୁଆର୍ଡ କରିଦେଲେ । ସେ ଚିନ୍ତା କଲେ ଯେ, ବାପ ପୁଅ ଦୁଇଜଣ କୋର୍ଟରେ ନିଜର ଦୋଷ ଅନୁଯାୟୀ ଦଣ୍ଡ ପାଇବେ । ସେମାନଙ୍କୁ ଦଣ୍ଡ ଦେବାକୁ ମୁଁ କିଏ ?

*-ନାଛିଗାଁ, କୃଷ୍ଣପ୍ରସାଦ, ନିଆଳୀ, କଟକ*

# ନିୟତି ଡାକୁଛି

■ ଦଶରଥ ସାମଲ

ଉଲଗ୍ନ ଆକାଶ । ନୀରବ ନିସ୍ତବ୍ଧତା ଚାରିଆଡ଼େ । ସାଇଁ ସାଇଁ ହୋଇ ପବନ ବହୁଛି । କିଟ୍‌ମିଟ୍ ଅନ୍ଧକାର । ଦାରୁଣ ବିପର୍ଯ୍ୟୟରେ ଅଭିଶପ୍ତ ରବିଶଙ୍କର ଆଜି ଅନ୍ୟମନସ୍କ । ହୃଦୟ ଫାଟି ପଡୁଛି । ବିଚରା ଧ୍ୱଂସସ୍ତୂପରେ ଦଣ୍ଡାୟମାନ । ପୁରୁଣା କଥାକୁ ହଜମ କରି କରି ଆଜି ଅସହାୟର ଶେଷ ସ୍ୱର୍ଶରେ । ତାଙ୍କ ପାଖରେ ସମସ୍ତ ଗନ୍ଧହୀନ, ସ୍ୱର୍ଶହୀନ ହୋଇପଡ଼ିଛି । ଜୀବନର ଯୌବନିକ ପାହାଚର ପାଦଦେଶରେ ଦାଦନ ଖଟିବାକୁ ଯାଇଥିଲା ସେ । ଭାବିଥିଲା ଫେରିଆସି ପରିପୂର୍ଣ୍ଣ ଜୀବନଯାପନ କରିବ । ମନୁଷ୍ୟ ଭାବେ ଏକପ୍ରକାର; କିନ୍ତୁ ସର୍ବମୟ କର୍ତ୍ତାଙ୍କର ଉଦ୍ଦେଶ୍ୟ ଅନନ୍ୟ । ଜୀବନର ସମସ୍ତ କାଳିମା, ସମସ୍ତ ଶୂନ୍ୟତା ତାକୁ କରିଛି ଅସ୍ତବ୍ୟସ୍ତ । ସେ ପଙ୍ଗୁ ପାଲଟି ଯାଇଛି । ଚେନା ଚେନା ଆକାଶରେ ଆଜି ଜୀବନର ଅଣଚାଷ ମୂର୍ତ୍ତି ଝଡ଼ର ପ୍ରାବଲ୍ୟ । ବାପ, ଅଜା, ଗୋସିବାପା ଅମଳରୁ ଗ୍ରାମରେ ତାଙ୍କ ପରିବାରକୁ ସମସ୍ତେ ଜାଣନ୍ତି । ବିପଦ ଆପଦରେ ପରିବାରଟି ଅତି ସାହାଯ୍ୟକାରୀ । ସମସ୍ତଙ୍କର ଅତିପ୍ରିୟପାତ୍ର ରବିଶଙ୍କର; କିନ୍ତୁ ଆଜି ସେ ଅଚିହ୍ନା ସମସ୍ତଙ୍କ ପାଖରେ । ନାହିଁ ତାର ସାହାରା । ମନରେ ଅବଶୋଷର କଳାମେଘ । କ'ଣ କରିବ ? ଜୀବନକୁ ଫାଶୀଖୁଣ୍ଟରେ ଦେବାକୁ ହେବ । ଭାବି ଭାବି ସ୍ଥିର କଲା ଆତ୍ମହତ୍ୟା ହିଁ ଶ୍ରେୟସ୍କର । ଭାବୁ ଭାବୁ ଆସି ପହଞ୍ଚିଗଲା । ରେଳଷ୍ଟେସନ୍‌ରେ ଘନ ଅନ୍ଧକାର ଭିତରେ ଷ୍ଟେସନର ମିଞ୍ଜି ମିଞ୍ଜି ଆଲୁଅ । ଭାବୁଥିଲା ଘରକୁ ଫେରିବାପରେ ସ୍ତ୍ରୀ ଗୀତା ସହିତ ଭେଟ ହେବ । ପୁଅ ମୁନା ଓ କୁନାକୁ ପାଠ ପଢ଼ାଇ ବଡ଼ ମଣିଷ କରିବ; କିନ୍ତୁ ହାୟ କ'ଣ ଘଟିଗଲା, ଏଇ କେତେଟା ବର୍ଷ ଭିତରେ ।

ଗ୍ରାମରେ ପହଞ୍ଚି ଦେଖେ ଘର ଭାଙ୍ଗିରୁଜି ଯାଇଛି । ସଂପୂର୍ଣ୍ଣ ଶୂନ୍‌ଶାନ୍ । ନାଁ ସ୍ତ୍ରୀ ଅଛି ନାଁ ପିଲା ଦୁଇଟି ଅଛନ୍ତି । କଇଁ କଇଁ ହୋଇ କାନ୍ଦି କାନ୍ଦି ବିଚରା ଅସହାୟ ହୋଇପଡ଼ିଛି । ଚିନ୍ତାକଲା ଭୋକ ଉପବାସରେ ସେ ଆଉ କେତେଦିନ କାଟିଥା'ନ୍ତା । ଯୁବାବସ୍ଥା । ଭୁଲିଗଲା ପ୍ରାଣର ସ୍ୱାମୀକୁ । ପବିତ୍ର ସଂପର୍କକୁ ପେଟର ଭୋକ ତାକୁ ଅଥୟ କଲା । ଅଭାବୀ ପରିବାର ପିଲାମାନଙ୍କର ବିକଳ ଭୋକିଲା ପେଟ ତାକୁ ଅଥୟ କରିଥିବ । କିନ୍ତୁ ଯେଉଁ ପବିତ୍ର ସଂପର୍କ, ପ୍ରୀତି ସଂପ୍ରୀତିର ମନମୋହିନୀ ଯାଦୁକର ଇନ୍ଦ୍ରଜାଲ, ଛୋଟ ସଂସାର ଗଢ଼ିବାର ସଂକଳ୍ପ ଆଜି ସୁଦୂର ପ୍ରସାରୀ ତଥା ତୁଚ୍ଛ ଏବଂ ମୂଲ୍ୟହୀନ । ପରିବର୍ତ୍ତନର ଦ୍ୱାରରେ ଲୋଭନୀୟ ସଂସାର ଗଢ଼ିବା ପାଇଁ ଆଜି ସେ ବିକ୍ରିକରି ଦେଲା ତା'ର ଦେହକୁ । ବୋଧେ ପଳାଇଗଲା ଧନୀଲୋକର ଧନର ପ୍ରଲୋଭନରେ । ଆଉ ବଞ୍ଚିବାର ଲୋଭ ମୋର ନାହିଁ । ଜୀବନକୁ ଶେଷ କରିବାର ବଜ୍ର ଶପଥ ତାକୁ ଅବାକ୍ କରିଦେଲା ।

ପିଲା ଦୁଇଟିର ରୁପାଜହ୍ନ ପରି ଗୋଲବସର ମୁହଁ ଦୁଇଟି ଆଖି ଆଗରେ ଝଲସି ଯାଉଛି । ଏ ଦୁନିଆ ଖାଲି ମିଛ ଆଉ ମିଛ । ପ୍ରହେଳିକା ମଧ୍ୟରେ ସେ ବଞ୍ଚିପାରିବ ତ ? ଅନୁଶୋଚନା, ଦୁଃଖକଷ୍ଟ, ମାନସିକ ଭାରସାମ୍ୟ ହରାଇ ସେ ପାଗଳ ହୋଇଯିବ । ମୃତ୍ୟୁ ହିଁ ଶ୍ରେୟସ୍କର । ରବିଶଙ୍କର ରେଲ ଲାଇନ୍‌ରେ ଡେଇଁବା ପୂର୍ବରୁ କେହି ଜଣେ ଜୋର୍‌ଜବରଦସ୍ତ ତାକୁ ଧରି ଅଟକାଇଲେ । ତା'ର ଆତ୍ମା ବିଳାପ କରି ଉଠିଲା । ବାବୁ – ଛାଡ଼ିଦିଅନ୍ତୁ ମୋତେ । ମୁଁ ବଞ୍ଚିପାରିବି ନାହିଁ । ମୁଁ ପାପୀ, ନରକ ମୋର ଶ୍ରେୟସ୍କର ସ୍ଥାନ । ବଞ୍ଚିବାର ଅଧିକାର ମୁଁ ହରାଇ ବସିଛି । ପଛକୁ ଫେରି ଦେଖେତ ଡାକ୍ତର ଉମାବଲ୍ଲଭ ପଟ୍ଟନାୟକ । ସ୍ୱନାମଧନ୍ୟ ବିଲାତ ଫେରନ୍ତା ଡାକ୍ତର । କହିଉଠିଲା – 'ବାବୁ ଆପଣ ! ଆରେ ହଁ କିଛିଦିନ ହେଲା ଆସି ଏହି ସହରରେ ରହୁଛି । ଅବସର ଗ୍ରହଣ କରିଛି । ସମସ୍ତ କଥା ଶୁଣିବାପରେ ବାବୁ ମୋତେ ଦୟା କରନ୍ତୁ । ମୁଁ ଏକୁଟିଆ ରହିପାରିବି ନାହିଁ । ମୁଁ ଅସହାୟ, ମାନସିକ ରୋଗଗ୍ରସ୍ତ । ଅମାନିଆ ଲୁହ ବିନା ବାଧାରେ ଗଡ଼ିଚାଲିଛି । ଡାକ୍ତରବାବୁ ବୁଝାଇ ବୁଝାଇ ଥକିପଡ଼ିଲେ । ଆରେ ଆତ୍ମହତ୍ୟା ମହାପାପ । ତୁ ତୋ ଆତ୍ମାର ମାଲିକ ନୁହଁ । ଏହା ଭଗବାନଙ୍କର ବରଦାନର ଏକ ସାଂକେତିକ ଚିହ୍ନ । ତୁ ଦେଖ୍ । ତୁ ମୋ ପାଖରେ ଥିଲାବେଳେ ମୋର ସ୍ତ୍ରୀ ତୋତେ ପୁଅ ପରି ପାଳିଥିଲେ । ମୁଁ ଆଜି ନିଃସହାୟ । ତୁ ଚାଲ୍, ଆମ ପାଖରେ ରହିବୁ । ମୋ ପାଖରେ ଯେଉଁ ଲୋକଟି ଅଛି ସେ କିଛିଦିନ ପୂର୍ବରୁ ଗୋଟିଏ ସ୍ତ୍ରୀ ଲୋକ ଓ ଦୁଇଟି ପିଲାଙ୍କର ଜୀବନ ରକ୍ଷା କରି ମୋର ପଡ଼ୋଶୀ ପରି ଚଳୁଛନ୍ତି । ତୁ ମୋ ପାଖରେ ରହି

ରୋଗୀମାନଙ୍କର ସେବାଶୁଶ୍ରୂଷା କରିବୁ । 'ମାନବ ସେବା ହିଁ ଈଶ୍ୱର ସେବା' । ଈଶ୍ୱରଙ୍କର ଦୟା ଥିଲେ, ତୁ ନିଶ୍ଚୟ ତୋର ପିଲାମାନଙ୍କୁ ପାଇପାରିବୁ । ଧୈର୍ଯ୍ୟ ଧର । ଧୈର୍ଯ୍ୟ ହିଁ ଈଶ୍ୱର । ତୋତେ ନିଶ୍ଚୟ ସୁପଥ ମିଳିବ । ପ୍ରୀତି-ସଂପ୍ରୀତି ଜୀବନର  ପରମ ଲକ୍ଷ୍ୟ । ଦୟା, କ୍ଷମା ଈଶ୍ୱରୀୟ ରାଜ୍ୟରେ ଯୁଗେ ଯୁଗେ ଉଜ୍ଜୀବିତ । ତୋର ଜୀବନ ଅନ୍ୟମାନଙ୍କୁ ସାହାଯ୍ୟ କରିଚାଲିଛି । ତୁ ଆଶା ରଖ, ଦିନେ ନା ଦିନେ ତୋର ମୁକ୍ତି ଅବଶ୍ୟ ହୋଇପାରିବ ।

ଚିନ୍ତା କଲା, ଯିଏ ତା'ର ଇହକାଳ ପରକାଳର ଦେବତା, ଯିଏ ଜୀବନରେ ଶପଥ ନେଇଥିଲା ସମସ୍ତ ବାଧାବିଘ୍ନକୁ ସାମ୍ନା କରିବ ଓ କେବେହେଲେ ସ୍ୱାମୀଠାରୁ ଦୂରେଇ ଯାଇ ପାରିବ ନାହିଁ, ଯାହାପାଇଁ ସେ ବାଟକୁ ଅପେକ୍ଷା କରିଥିଲା ସେ ତ ତାକୁ ଛାଡ଼ି କେଉଁଆଡ଼େ ପଳାଇଗଲା । ଆଉ ଜୀବନରେ ସ୍ୱାମୀ-ସ୍ତ୍ରୀର ପବିତ୍ର ସଂପର୍କର ମୂଲ୍ୟ କ'ଣ ? ଆଉ ବଞ୍ଚି ଲାଭ ନାହିଁ । ଏକଥା ଭାବୁ ଭାବୁ ଡାକ୍ତରବାବୁ ତାକୁ ଗାଡ଼ିରେ ବସାଇ ନେଇଗଲେ । ଘରେ ପହଞ୍ଚି ସେ ଡାକ୍ତରଙ୍କ ପାଖରେ ଥିବା ସନାତନ ନାମଧାରୀ ଲୋକଟିକୁ ଦେଖି ଭାବିଥିଲା, ଏ ନିଶ୍ଚୟ ସେଇ ସ୍ତ୍ରୀଟିକୁ ପାଖରେ ରଖି ଭବିଷ୍ୟତ ଜୀବନ ଗଢ଼ିବ; କିନ୍ତୁ ଜାଣିବାକୁ ପାଇଲା ସ୍ତ୍ରୀଟି ଆତ୍ମହତ୍ୟା କରିବା ପାଇଁ ଯାଉଥିବା ସମୟରେ ହଠାତ୍ ସନାତନ ସେଠାରେ ପହଞ୍ଚିଯାଇଥିଲା । ତା'ର ଜୀବନ ସେ ରକ୍ଷାକରିପାରିଥିବାରୁ ସେଦିନ ଭଗବାନଙ୍କୁ ଅଶେଷ ଅଶେଷ କୃତଜ୍ଞତା ଜଣାଇଥିଲା । ସେ ଡାକ୍ତରଙ୍କ ପାଖରେ ରହି ପିଲା ଦୁଇଟିକୁ ମଣିଷ କରିବା ପାଇଁ ଜୋର୍‌ଦାର ଉଦ୍ୟମ ଜାରି ରଖିଛି ।

ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ସେ ସ୍ତ୍ରୀ ଲୋକଟି ଆଉ କେହି ନୁହନ୍ତି, ସେ ହିଁ ରବିଶଙ୍କରଙ୍କ ସ୍ତ୍ରୀ ଓ ପିଲା ଦୁଇଟି  ତାଙ୍କ ନିଜର । ପରସ୍ପର ଭେଟାଭେଟି ପରେ କାନ୍ଦର ଲହରୀ ଉଛୁଳି ପଡ଼ିଲା । ନିସ୍ତବ୍ଧତା ଭିତରେ ଆଶାର ଉଜ୍ଜ୍ୱଳ ଦୀପଶିଖା । ସୃଷ୍ଟିକର୍ତ୍ତା ଯୁଗେ ଯୁଗେ ଧର୍ମର ରକ୍ଷକ ହୋଇଥାନ୍ତି । ପରସ୍ପର ଅତୀତ ଓ ବର୍ତ୍ତମାନକୁ ଦେଖି ଏହା ଭଗବାନଙ୍କର ତାଙ୍କ ପ୍ରତି ଅଶେଷ କରୁଣା । ଅନ୍ତରରୁ ଗଭୀରତମ କୃତଜ୍ଞତା ଜଣାଇବାବେଳେ ଡାକ୍ତରବାବୁ ଅତ୍ୟନ୍ତ ଖୁସି ହୋଇ ବିଶ୍ୱନିୟନ୍ତାଙ୍କ ପାଖରେ ବିନମ୍ର ପ୍ରଣତି ଜଣାଇ ସ୍ୱର୍ଗୀୟ ଧାରାରେ ନିଜକୁ ହଜାଇଦେଲେ । ଦୁନିଆରେ ପର କିଏ, ଆପଣା କିଏ ? ପ୍ରଭୁ ନୀଳାଦ୍ରିବିହାରୀ ମୋର ହିଁ ସର୍ବସ୍ୱ । ସେହି ହିଁ ଦରିଦ୍ରର ଅପସରା । ସେହି ହିଁ ବିଶ୍ୱାସର ଫଳ ଓ ଭକ୍ତିର ପ୍ରତିଧ୍ୱନି । ସେହି ହିଁ ମନୋବାଞ୍ଛାର କଳ୍ପବଟ । ସାଧନାର ବାଇଶି ପାବଛ, ପତିତପାବନ, ଶ୍ରଦ୍ଧାର ଧୂଳି, ସମନ୍ୱୟର ବଡ଼ଦାଣ୍ଡ ଏବଂ ଅହଂକାରର ମହାପ୍ରଳୟ । ଏହି ସମୟରେ ପାଖ ଦେବାଳୟରୁ ଘଣ୍ଟାର ନିନାଦିତ ସ୍ୱର ସମସ୍ତଙ୍କୁ  କୋଳେଇ ନେଲା । ଧନ୍ୟ ସାଂସାରିକ ପଥ । ଯୁଗେ ଯୁଗେ ଧର୍ମ ସଂସ୍ଥାପନ କରିବା ପାଇଁ ବିଶ୍ୱନିୟନ୍ତା ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇ ନ୍ୟାୟ, ଧର୍ମରକ୍ଷା କରିଥାନ୍ତି । ଏଥିପାଇଁ ଗଙ୍ଗାଧର ମେହେର ଲେଖିଥିଲେ –

(୧) 'କି ଦେଇ ପୂଜିବି    ଯାହା ମୁଁ ଦେଖୁଛି
ସବୁ ତୁମରି ପ୍ରସାଦ
ଯାହା ପରସାଦ  ତାଙ୍କୁ ଅରପିଲେ
ହେବ ସିନା ଅପରାଧ ।'

(୨) 'ମୁଁ କାର' ମାତର    ମୋର ନୁହେଁ ବୋଲି
କହିବାକୁ ନାହିଁ ବାଟ
ଦୂରୁ ଶ୍ରୀଚରଣେ    ଅର୍ପଣ କରୁଛି
ଘେନ ତା' ବିଶ୍ୱ ସମ୍ରାଟ ।'

*- ମିରିଜାପୁର, ବଡ଼ବନ୍ତ, ଯାଜପୁର*

# ବନ୍ଦେ ମାତରମ

■ ପ୍ରଫୁଲ୍ଲ କୁମାର ସାହୁ

ଗୋବରା ! ଫେରିଆ....ଫେରିଆରେ ବାପା । ମୋ ଧନ, ମୋ ସୁନାଟା ପରା । ତୁ କ'ଣ ତୋ ମା' ଉପରେ ରାଗିଛୁ । ମୋ ଡାକ ତୋତେ ଶୁଭୁନି । ଏତେଦିନ ହେଲା ତୋ' ମା'କୁ ଛାଡ଼ି କେମିତି ରହିଛୁରେ । ନା, ମୁଁ ଆଉ ଜମା ତୋତେ ଛାଡ଼ିବିନି, ସେ ସରବନାଶିଆ ଯୁଦ୍ଧକୁ । ଏଇ ଦେଖୁଛ ଦେଖୁଛ ଗୋବରାବାପା, ମୋ ଧନ ମୋତେ ମା' ମା' ଡାକି ଦଉଡ଼ି ଆସୁଛି । ଆ, ଆ ବାପା ମୋ କୋଳକୁ ଆ । ତୁ ନଡ଼ିଆକୋରା ଖାଇବାକୁ ଭଲପାଉନା ? ରଖିଛି, ରଖିଛିରେ ତୋ ପାଇଁ ନେ, ନେ ଖାଇଦେ ଖାଇଦେରେ । ତୁ ଜାଣିଛୁନାରେ ଧନ, ତୋ ବାହାଘର ମୁଁ ଠିକ୍ କରିଦେଇଛି । ଭାରି ସୁନ୍ଦରୀ ଝିଅଟେ । ତା ପାଇଁ ନା, ହାର, କାନଫୁଲ, ନାକଫୁଲ, ଚୁଡ଼ି, ପାଉଁଜି ସବୁ କିଣିରଖିଛି । ମୋ ବୋହୂ ପିନ୍ଧିଲେ ନା ତାକୁ ଭାରି ମାନିବ ।

ଏ ପାଗଳର ପ୍ରଳାପ, ଗୋଟିଏ ବୋଲି ପୁଅକୁ ହରାଇଥିବା ଦୁଃଖିନୀ ମା'ର । କେମିତି ସହିବ ସେ । କୋଉ ଆଗକୁ ଅଛି ନା ପଛକୁ । ତା' ମୁହଁକୁ ଚାହିଁ ସ୍ୱାମୀକୁ ହରାଇଥିବା ଦୁଃଖ ବି ଭୁଲି ଯାଇଥିଲା । ଭୁଲିଯାଇଥିଲା ବୈଧବ୍ୟ ଯନ୍ତ୍ରଣା । ଗୋବର୍ଦ୍ଧନର ମା' ମା' ଡାକରେ ବିଦଗ୍ଧ ପ୍ରାଣରେ ଶୀତଳତା ଭରି ଦେଉଥିଲା ।

ସ୍ୱାଧୀନତା ସଂଗ୍ରାମୀ ସତ୍ୟଜିତ୍ ଦାସଙ୍କର ପତ୍ନୀ କମଳା ଦେବୀ । ଖାନ୍‌ଦାନ୍ ପରିବାର । ଭରପୁର ଧନସମ୍ପତ୍ତି । ଆଖପାଖ ପ୍ରାୟ ବହୁ ଅଞ୍ଚଳରେ ସତ୍ୟଜିତ୍‌ବାବୁ ବେଶ୍ ଜଣାଶୁଣା ବ୍ୟକ୍ତି । ନ୍ୟାୟ ନିଶାପରେ ଆଗ ଡାକରା । ସୁ-ସଂଗଠକ । ଛୁଆଁଛୁତି ଜାତିପ୍ରଥାକୁ ସେ ଘୃଣା କରନ୍ତି । ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଇଂରେଜୀ ସରକାର ବିରୁଦ୍ଧରେ ସଭା ସମିତି କରି ଲୋକଙ୍କୁ ପ୍ରବର୍ତ୍ତାଉଥିଲେ । ବହୁବାର ଜେଲଦଣ୍ଡ ପାଇଛନ୍ତି । ମହାତ୍ମାଗାନ୍ଧୀଙ୍କର କର ବା ମର ଡାକରାରେ ଆଗକୁ ନେତୃତ୍ୱ ନେଇ ପୋଲିସ ଗୁଳିରେ ଶହୀଦ ହୋଇଗଲେ ।

ଆଖି ଲୁହକୁ ପୋଛିଦେଇ, ମନର କୋହକୁ ବୁକୁତଳେ ଚାପିଦେଇ, ଦୁଇ ବର୍ଷର ପୁଅ ଗୋବର୍ଦ୍ଧନକୁ କୋଳରେ ଭିଡ଼ି ଧରି କମଳାଦେବୀ ଭୁଲିଯାଇଥିଲେ ସ୍ୱାମୀ ବିଚ୍ଛେଦକୁ ।

ଦେଶ ସ୍ୱାଧୀନ ହେବାପରେ ସ୍ୱାଧୀନତା ସଂଗ୍ରାମୀ ଓ ସହିଦମାନଙ୍କୁ ଦେଶବାସୀଙ୍କ ତରଫରୁ ସରକାର ସମ୍ମାନ ପ୍ରଦାନ କରିବା ସହ ସହିଦ ସ୍ମୃତି ସ୍ତମ୍ଭ ନିର୍ମାଣ କରିଛନ୍ତି । ଏସବୁ କମଳାଦେବୀଙ୍କୁ ବିଶେଷଭାବରେ ପ୍ରଭାବିତ କରିପାରିନି । ନିଜେ ନିଜକୁ ସାନ୍ତ୍ୱନା ଦେଇ ମନକୁ ବୁଝାଇଦେଇଛନ୍ତି ଯେ, ସେ ହେଉଛନ୍ତି ଜଣେ ଦେଶଭକ୍ତ ସ୍ୱାମୀଙ୍କର ପତ୍ନୀ । ସ୍ୱାମୀ ତାଙ୍କର ଦେଶ ପାଇଁ ଜୀବନ ଦେଇଛନ୍ତି । ତାଙ୍କ ବିୟୋଗରେ ଲୁହ ଗଡ଼ାଇ ସହିଦଙ୍କର ଅମର୍ଯ୍ୟାଦା କରିବେ କାହିଁକି ?

ଜାଣିବା ବୟସରେ ପୁଅ ଗୋବର୍ଦ୍ଧନ ମା'କୁ ପଚାରେ, ମୋ ସାଙ୍ଗମାନଙ୍କର ବାପା ଅଛନ୍ତି, ମୋ ବାପା କାହାନ୍ତି । କମଳଦେବୀ ପୁଅକୁ କୋଳେଇ ନେଇ କହନ୍ତି, ଧନରେ ! ତୋ ବାପା ନା ଅମର ହୋଇଯାଇଛନ୍ତି, ଏଇ ଫଟୋରେ ତୋତେ ଚାହିଁଛନ୍ତି । ତୁ ବଡ଼ ହେଲେ ବାପାଙ୍କ ନାଁ ରଖିବୁ ।

ଅମର ହୋଇଯାଇଛନ୍ତି ? କ'ଣ ମା' ବାପା କୋଉଦିନ ଫେରିବେ । ସରଳପ୍ରାଣା କୋମଳମତି ଶିଶୁ ମା'କୁ ପ୍ରଶ୍ନ କରେ । ମା' କମଳାଦେବୀ କ'ଣ କହି ପିଲାଟାକୁ ବୁଝାଇବେ । ବାପାଙ୍କୁ ଦେଖିବାକୁ ଜିଦ୍ ଧରୁଛି । କଥା ଛଳରେ ବାପାଙ୍କ କଥା ଭୁଲାଇବାକୁ ଚେଷ୍ଟା କଲେ ମଧ୍ୟ ସେ ବୁଝୁନି । କିଛି ସମୟ ମନରୁ ଯଦି ଭୁଲିଯାଏ, ପର ସମୟରେ ପୁଣି ପଚାରେ ।

ଦଶବାରବର୍ଷ ବୟସରେ ଗୋବର୍ଦ୍ଧନ ଜାଣିପାରିଛି ଯେ ତା' ବାପା ନାହାନ୍ତି । ସହିଦ ହୋଇଯାଇଛନ୍ତି । ଦେଶପାଇଁ ଜୀବନ ଦେଇଛନ୍ତି । ସହିଦ ଦିବସରେ, ସ୍ୱାଧୀନତା ଦିବସରେ ତା' ବାପାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି । ବାପାଙ୍କର ଜୟଧ୍ୱନି ପଡୁଛି । ଗୋବର୍ଦ୍ଧନର ମନରେ ଦେଶପ୍ରେମ ଜାଗିଉଠେ । ଲୋମମୂଳ ଟାଙ୍କୁରି ଉଠେ । ସେ ଗର୍ବ କରେ ଯେ ତା' ବାପା ହେଉଛନ୍ତି ଜଣେ ସ୍ୱାଧୀନତା ସଂଗ୍ରାମୀ ବୀର ସହିଦ ।

ତାଙ୍କରି ପୁଅ ମୁଁ । ବୀର ସହିଦ ହେଉଛନ୍ତି ମୋ ବାପା । ମୋ ବାପାଙ୍କର ନାଁ ରଖିବି । ତାଙ୍କପରି ଜଣେ ଦେଶଭକ୍ତ ହେବି । ଆମକୁ ଦେଇଯାଇଥିବା ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିବି । ମୁଁ ଜଣେ ସୈନିକ ହେବି, ଦେଶପାଇଁ ମୁଁ ମଧ୍ୟ ଜୀବନ ଦେବି ।

ଗୋବର୍ଦ୍ଧନ ମନରେ ଜାଗ୍ରତ ହୁଏ ଦେଶପ୍ରେମ । ତା'ମନରେ ଗୋଟିଏ ସ୍ୱପ୍ନ ସେ ଜଣେ ସୈନିକ ହେବ । ସ୍ୱପ୍ନ ପୂରଣ ହେଲା ଜାତୀୟ ସୈନ୍ୟବାହିନୀରେ ଯୋଗଦେଲା ।

କମଳାଦେବୀ ଏକମାତ୍ର ପୁଅକୁ ସୈନ୍ୟ ବିଭାଗରେ ପଠାଇବାକୁ ଅନିଚ୍ଛା ଥିଲେ ମଧ୍ୟ, ଅଟକାଇପାରିଲେନି କାହିଁକି

ନା ସେ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କର ପତ୍ନୀ । ବୀର ପୁତ୍ରର ଜନନୀ । ଜଣେ ଦେଶଭକ୍ତଙ୍କ ପାଖରେ ସଂକୀର୍ଣ୍ଣ ସ୍ୱାର୍ଥ ବଡ଼ ନୁହେଁ । ପୁଅକୁ ହସି ହସି ବିଦାୟ ଦେଲେ କମଳା ଦେବୀ ।

ଗୋବର୍ଦ୍ଧନ ବର୍ଷକ ପରେ ଘରକୁ ଫେରିଲା । ମା'ର ପାଦଧୂଳି ମଥାରେ ବୋଳି ନିଜକୁ ଧନ୍ୟ ମନେକଲା । ଭାବୁଥିଲା ଏଇ ପାଦଧୂଳି ମୋ ଭାରତମାତାର ଧୂଳି । ଯା'ର ମୁହଁପୋଛା କାନିପଣତ ଦିଶୁଥିଲା ତ୍ରିରଙ୍ଗା ପତାକା ପରି । ମୋ ମା' ହିଁ ଭାରତମାତା । ଭାବପ୍ରବଣ ହୋଇ ଗୋଟିଏ ପାଦ ପଛକୁ ପକାଇ ମା'ଙ୍କୁ ସାଲ୍ୟୁଟ୍ କଲା ଗୋବର୍ଦ୍ଧନ । କହୁଥିଲା ବନ୍ଦେ ମାତରମ୍ ।

କମଳାଦେବୀଙ୍କ ଆଖିରୁ ଆନନ୍ଦର ଲୁହ ଦୁଇଟୋପା ଝରିପଡ଼ିଲା । ପୁଅକୁ କୋଳେଇ ନେଇ କହୁଥିଲେ ତୁ ଦେଶ ଓ ଦଶର ନାଁ ରଖ ।

ମା' ମୋ ପାଇଁ ନଡ଼ିଆକୋରା ରଖିଛୁ ନା । ଖାଇବାକୁ ଭାରି ମନ ହେଉଛି କହିଲା ଗୋବର୍ଦ୍ଧନ । ଆଣୁଛିରେ ବାପା ଆଣୁଛି, ଏଇ ନେ ଖାଇଦେ । ତୁ ଆସିବା ଜାଣି ଆଗରୁ ବନେଇ ରଖିଛି । ଏଇ ଅବସରରେ କମଳାଦେବୀ ଗୋବର୍ଦ୍ଧନକୁ କହନ୍ତି ।

ଧନରେ ତୋ ପାଇଁ ବାହାଘର ସ୍ଥିର କରିଛି । ଝିଅଟି ଭାରି ସୁନ୍ଦରୀ ଠିକ୍ ସରଗର ପରୀ ପରି । ଛୁଟି ବେଶିଦିନ ଅଛି ତ ! ଆରେ କ'ଣ କହୁଛୁ? ଭାବବିହ୍ୱଳରେ କମଳା ଦେବୀ ଗୋବର୍ଦ୍ଧନକୁ ହଲାଇ ଦେଲେ ।

ମା'ର ମନକଥା ବୁଝିପାରିଲା ଗୋବର୍ଦ୍ଧନ । ବାହାଘର ପାଇଁ ମା' କାହିଁକି ବ୍ୟସ୍ତ ହେଉଛି । କେତେଦିନ ଆଉ ଏକା ଏକା ରହିବ ? ବୋହୂଟିଏ ଆସିଲେ ତା'ର ସମୟତକ କଟାଇଦେବ । ମୁଣ୍ଡ ହଲାଇ ମା'କୁ ସମ୍ମତି ଜଣାଇଲା ଗୋବର୍ଦ୍ଧନ ।

ବାହାଘର ଦିନ ବି ସ୍ଥିର ହେଲା । ଆଗକୁ ମାତ୍ର ପନ୍ଦର ଦିନ । ଏତେ କମ୍ ସମୟ ମଧ୍ୟରେ ଦାୟିତ୍ୱ ତୁଲାଇବା କଷ୍ଟ । ଏ ବାହାଘର ତ ସାଧାରଣ ବାହାଘର ଭଳି ହେବନି । ଏକମାତ୍ର ପୁଅର, ଖାନ୍‌ଦାନ୍ ପରିବାରର । ଆଡ଼ମ୍ବର ସହ ଯେମିତି ହବା କଥା ହେବ । ରୋଷଣୀ, ବାଣ ଏମିତି ହେବ ଲୋକଙ୍କ ମନ ଭିତରେ ଛବି ଭଳି ଆଙ୍କି ହୋଇ ରହିବ । ଆଖପାଖ ପଚାଶ ଖଣ୍ଡ ଗାଁ ବନ୍ଧୁବାନ୍ଧବ ସମସ୍ତେ ପ୍ରୀତିଭୋଜନରେ ସନ୍ତୁଷ୍ଟ ହେବେ । ଆଉରି କେତେ କ'ଣ ?

ବାହାଘର ଆଉ ମାତ୍ର ଦୁଇଦିନ । ଡାକବାଲା ଆସି ଗୋବର୍ଦ୍ଧନକୁ ଟେଲିଗ୍ରାମ୍‌ଟେ ଦେଇ ଚାଲିଗଲା । ପଢ଼ିଲା ଗୋବର୍ଦ୍ଧନ । ମା' କମଳାଦେବୀ ଆସି ପଚାରିଲେ, ଆରେ ଧନ ଡାକବାଲା କ'ଣ ଦେଇଗଲା କିରେ ? ମା'କୁ କ'ଣ କହିବ କିଛି ଭାବିପାରୁ ନଥିଲା ଗୋବର୍ଦ୍ଧନ । ପାଦ ତଳୁ ମାଟି ଯେମିତି ଖସି ଖସି ଯାଉଛି । କୁମ୍ଭକାର ଚକ୍ର ପରି ପୃଥିବୀଟା ତା' ଚାରିପାଖରେ ଘୂରୁଛି । ଅମାବାସ୍ୟାର ଘନ ଅନ୍ଧାର ଭିତରେ ସେ ଯେମିତି ହଜିଯାଉଛି । କିରେ କ'ଣ କିଛି କହୁନୁ ? ଗୋବର୍ଦ୍ଧନକୁ ହଲାଇଦେଲେ କମଳଦେବୀ ।

ମା'.... ଆରେ ଚଞ୍ଚଳ କହ । କହିଲେ କମଳାଦେବୀ । ଏ ବାହାଘର ହୋଇପାରିବ ନାହିଁ ମା' । ମୋତେ ବର୍ତ୍ତମାନ ଯିବାକୁ ପଡ଼ିବ । ଆରେ କାହିଁକି କ'ଣ ପାଇଁ, ଯୁଦ୍ଧରେ ଯୋଗଦେବାପାଇଁ । ଭାରତ-ପାକିସ୍ଥାନ ଯୁଦ୍ଧ ଆରମ୍ଭ ହୋଇଯାଇଛି ମା', ଯେମିତି ହେଲେ ମୋତେ ଯିବାପାଇଁ ପଡ଼ିବ ।

ଗୋବର୍ଦ୍ଧନର କଥାଶୁଣି କମଳାଦେବୀଙ୍କ ବକ୍ଷ ବିଦୀର୍ଣ୍ଣ ହେଲାପରି ଲାଗିଲା । ଆକାଶଟା ମଥାରେ ଖସିପଡ଼ିଲା ଭଳି ଅନୁଭବ ହେଲା । କଣ୍ଠରୁଦ୍ଧ ହୋଇଗଲା । ମୁଣ୍ଡ ଘୂରାଇଦେଲା । ବସିପଡ଼ିଲେ କମଳାଦେବୀ । ଗୋବର୍ଦ୍ଧନ ମା' ପାଖରେ ବସିପଡ଼ି ମନ ଭିତରେ ବହୁଥିବା ଅଶାନ୍ତି ଝଡ଼କୁ ପ୍ରଶମନ କରିବାକୁ ଚେଷ୍ଟା କଲେ । ତୁ କାହିଁକି ମନଦୁଃଖ କରୁଛୁ ମା' । ଯୁଦ୍ଧ ସରିଗଲେ ମୁଁ ପୁଣି ତୋ କୋଳକୁ ଫେରିଆସିବିନି ? ବାହାଘର ପରେ ହୋଇପାରିବ । ତୁ କହିଲୁ ମା' ବାପା ଆମକୁ ଯେଉଁ ସ୍ୱାଧୀନତାର ସମ୍ପଦ ଦେଇଯାଇଛନ୍ତି ତାକୁ ରକ୍ଷା କରିବା ମୋର କ'ଣ କର୍ତ୍ତବ୍ୟ ନୁହେଁ ? ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ଦେଶର ସ୍ୱାର୍ଥ ମୋ ନିକଟରେ କ'ଣ ବଡ଼ ନୁହେଁ ? ଦେଶମାତୃକା ଉପରେ ବିପଦ ମାଡ଼ି ଆସୁଥିବାବେଳେ ତା'ର ପ୍ରତିରୋଧ କରି ଦେଶର ସମ୍ମାନ ବଜାୟ ରଖିବା ମୋର କ'ଣ କର୍ତ୍ତବ୍ୟ ନୁହେଁ । ତୁ କହ ମା' ତୋ ପୁଅକୁ ପଣତ ଘୋଡ଼ାଇ ରଖି ଶତ୍ରୁ ହାତରେ ଦେଶକୁ ଟେକିଦେଇ ତୁ ଗର୍ବ କରିପାରିବୁ ? ବୀର ପ୍ରସବିନୀର ପରିଚୟ ଦେଇପାରିବୁ ?

ନା, ନା, ମୁଁ ପାରିବି ନାହିଁ । ତୁ ଯାଆ । ଶତ୍ରୁର ଦୃଢ଼ ମୁକାବିଲା କର । ତୁ ଯୁଦ୍ଧ କର । ଜୀବନ ବିନିମୟରେ ଭାରତମାତାର ସ୍ୱାଧୀନତା ଅକ୍ଷୁଣ୍ଣ ରଖ୍ । ମୁଁ ସହିଦ ସ୍ୱାଧୀନତା ସଂଗ୍ରାମୀଙ୍କର ପତ୍ନୀ ଆଉ ତୋ'ପରି ବୀର ପୁଅର ମା' । ମୁଁ ତୋତେ ହସି ହସି ବିଦାୟ ଦେଉଛି ।

ଯୁଦ୍ଧରେ ଯୋଗଦେଲା ଗୋବର୍ଦ୍ଧନ । ଶତ୍ରୁପକ୍ଷର ଗୋଟାକ ପରେ ଗୋଟେ ଘାଟି ଦଖଲ କରି ଆଗକୁ ଆଗକୁ ମାଡ଼ିଚାଲିଲେ । ଭାରତୀୟ ସୈନ୍ୟବାହିନୀ ପାକିସ୍ଥାନର ବହୁ ସୈନ୍ୟ ନିହତ ହେଲେ । ଭାରତର ନିଶ୍ଚିତ ବିଜୟ ଉଜ୍ଜ୍ୱଳ ସମ୍ଭାବନା ଦୃଶ୍ୟ ହେଉଥିଲାବେଳେ ପାକିସ୍ଥାନ ପକ୍ଷରୁ ଗୋଟାଏ ଗୁଳି ଆସି

ଗୋବର୍ଦ୍ଧନର ବକ୍ଷ ଭେଦ କଲା । ସେଇଠି ଟଳିପଡ଼ିଲା ଗୋବର୍ଦ୍ଧନ । କଣ୍ଠରୁ ବାହାରୁଥିଲା ଭାରତମାତା କି ଜୟ । ବନ୍ଦେମାତରମ୍ । ଯୁଦ୍ଧ ଭୂମିରେ ସହିଦ ହୋଇଗଲା ଗୋବର୍ଦ୍ଧନ ।

ଗାଁ'ରେ କମଳଦେବୀଙ୍କ ମନରେ ଅନେକ ଆଶଙ୍କା ସୃଷ୍ଟି ହେଉଥିଲା । ପେଟରେ ଭୋକ ନାହିଁ, ଆଖିରେ ନିଦ ନାହିଁ । କେବଳ ଗୋବର୍ଦ୍ଧନର ମୁହଁ ଦିଶିଯାଉଥିଲା । ଗୋବର୍ଦ୍ଧନର ମା' ମା' ଡାକ ଶୁଭିଯାଉଥିଲା । ଠିକ୍ ଏତିକିବେଳେ ଡାକବାଲା ଟେଲିଗ୍ରାମ୍ ଦେଇ ଚାଲିଗଲା । ଖୋଲି ପଢ଼ିବାକୁ ସାହାସ କରିପାରୁ ନ ଥିଲେ କମଳାଦେବୀ । ସତେଯେମିତି ସ୍ଥାଣୁ ପାଲଟି ଯାଇଥିଲେ ।  ଅଶୁଭ ଲକ୍ଷଣ ପରିଲକ୍ଷିତ ହେଲା । ଦକ୍ଷିଣ ଆଖି ସ୍ଫୁରିଲା । କୁକୁରମାନଙ୍କର କରୁଣ ସ୍ୱର । ଡାମରାକାଉମାନେ ବହୁସଂଖ୍ୟାରେ ଉଡ଼ି ଉଡ଼ି ରାବୁଥିଲେ ।

ମାଉସୀ ! ମାଉସୀ ! କ'ଣ କରୁଛ । ମାଉସୀ ଖିଆପିଆ କଲଣି । ମୁଁ ଦେଖୁଛି ତମେ ସବୁବେଳେ ଗୋବର୍ଦ୍ଧନର କଥା ଭାବୁଛ । ଯୁଦ୍ଧ ସରିଗଲେ ସିଏ ତମ କୋଳକୁ ଫେରିଆସିବନି ? ତମେ ମନଦୁଃଖ କରନା ମାଉସୀ । ଚାଲିଲ ଖାଇବ ଚାଲ । ହାତରେ ଟେଲିଗ୍ରାମ୍ ଦେଖି ଚକିତ ହୋଇଗଲା ମାନସ । ଗୋବର୍ଦ୍ଧନର ଅନ୍ତରଙ୍ଗ ବନ୍ଧୁ । ଗୋବର୍ଦ୍ଧନ କହିଯାଇଥିଲା ମା'ର ସମସ୍ତ କଥା ବୁଝିବା ପାଇଁ । ମାଉସୀ ! ଗୋବର୍ଦ୍ଧନ ଟେଲିଗ୍ରାମ୍ ପଠାଇଛି କି ? ଦେଖିବା କ'ଣ ଲେଖିଛି । କମଳାଦେବୀଙ୍କ ହାତରୁ ନେଇ ପଢ଼ିଲା ମାନସ । ମୁଁ ଠିକ୍ ପଢୁଛି ତ ? ଗୋବର୍ଦ୍ଧନ ଆଉ ନାହିଁ ? ସହିଦ ହୋଇଯାଇଛି । ମାନସର ଆଖିକୁ ଆଉ ଅକ୍ଷରଗୁଡ଼ିକ ଦେଖାଗଲା ନାହିଁ । ପ୍ରତ୍ୟେକଟି ଅକ୍ଷର ଗୋଟିଏ ଗୋଟିଏ ତୀର ପରି ତାର ବକ୍ଷ ଭେଦ କଲା । ମର୍ମାହତ ହୋଇପଡ଼ିଲା ମାନସ ।

କମଳାଦେବୀ କହିଲେ, ଆରେ ଗୋବର୍ଦ୍ଧନ କ'ଣ ଲେଖିଛି କିରେ ? କହୁନୁ କାହିଁକି ? ନିଜକୁ ସମ୍ଭାଳି ନେଇ କହିଲା ମାନସ । କାଲି । .... କାଲି ଫେରିବ ଗୋବର୍ଦ୍ଧନ । ଝଡ଼ବେଗରେ ସେଠାରୁ ପଳାଇଲା ମାନସ । କମଳା ଦେବୀଙ୍କର ସନ୍ଦେହ ହେଉଥିଲା ମାନସ ଉପରେ । ମାନସ ଏମିତି କାହିଁକି କହିଲା । ପଳାଇଗଲା ପୁଣି ଟେଲିଗ୍ରାମ୍ ମୋତେ ନ ଦେଇ ।

ସଞ୍ଜ ଦୀପାଳୀରେ ସନ୍ଧ୍ୟରାଣୀ ମର୍ତ୍ତ୍ୟାବତରଣ କରୁଥିଲେ । କ୍ରମଶଃ ଘନେଇ ଆସିଲା ରାତ୍ରି । ରାତ୍ରି ବି ପ୍ରତୀକ୍ଷା କରୁଥିଲା ଆଗାମୀ ସକାଳକୁ । ଆଜିର ସକାଳ ବାଣ୍ଟି ଦେଉଥିଲା ଅନେକ ଅନେକ ସମ୍ଭାବନା ଆଉ ଆନନ୍ଦ ଉଲ୍ଲାସ,ଦୁଃଖ ଶୋକ ।

ସୂର୍ଯ୍ୟଦେବ ମଥାନ ଉପରକୁ ଉଠିଲାବେଳକୁ କର୍ମଚଞ୍ଚଳ ହୋଇଉଠୁଥିଲା ପଲ୍ଲୀଗ୍ରାମ । ମନର ଚଞ୍ଚଳତା ବ୍ୟତିବ୍ୟସ୍ତ କରିଦେଉଥିଲା କମଳାଦେବୀଙ୍କୁ । କେତେବେଳେ ଗୋବର୍ଦ୍ଧନ ଆସିବ । ମା' ମା' ଡାକି କୁଣ୍ଢାଇ ପକାଇବ । ଅନେକ ଭାବନାର ରୂପକୁ ଚାହିଁ ଗୋବର୍ଦ୍ଧନକୁ ପ୍ରତୀକ୍ଷା କରୁଥିଲେ କମଳାଦେବୀ । ଭାବନାରେ ବାଧା ପଡ଼ିଲା । ଶୁଭିଲା ମଟରଗାଡ଼ିର ପେଁ ପେଁ ଶବ୍ଦ । ଦିନେ ନାହିଁ କାଳେ ନାହିଁ ଅପନ୍ତରା ଗାଁ'କୁ ମଟରଗାଡ଼ି କାହିଁକି ଆସିଲା । ଗାଁ ଲୋକ ପିଲାଛୁଆ ଇତ୍ୟାଦି ଗାଡ଼ି ଦେଖିବାକୁ ଦଉଡ଼ିଲେ । ଭୟରେ ଥରିଉଠିଲେ ଗାଁ ଲୋକେ । ପୋଲିସ ଆମ ଗାଁ'କୁ କାହିଁକି ଗାଡ଼ି ନେଇ ଆସିଛନ୍ତି ।

ଗୋବର୍ଦ୍ଧନର ଘର ପାଖରେ ଗାଡ଼ି ଅଟକିଗଲା । ପୋଲିସବାବୁ ଖୋଜିଲେ ଗୋବର୍ଦ୍ଧନର ମା' କମଳାଦେବୀଙ୍କୁ । କମଳାଦେବୀ ପୋଲିସଙ୍କୁ ଦେଖି ଭୟରେ ପଚାରିଲେ– ପୋଲିସବାବୁ ଆପଣମାନେ ମୋ'ଘରକୁ କାହିଁକି ଆସିଛନ୍ତି ? ମୋ ଘରେ ମୁଁ ଏକୁଟିଆ । ମୋ ପୁଅ ଯୁଦ୍ଧ କରିବାକୁ ଯାଇଛି ।

ହଁ, ମା' ତୁମ ପୁଅକୁ ଆମେ ନେଇଆସିଛୁ ।  ସେ ସହିଦ୍ ହୋଇଯାଇଛନ୍ତି । କଫିନ ଭିତରେ ଥିବା ଗୋବର୍ଦ୍ଧନର ମୃତ ଦେହକୁ ଓହ୍ଲାଇଦେଲେ ।

ଗାଁ' ଟା ଯାକରେ ଶୋକର ଛାୟା ଖେଳିଗଲା । ଲୋକାରଣ୍ୟ ହୋଇଗଲା ଗୋବର୍ଦ୍ଧନର ଦାଣ୍ଡ ଅଗଣା । କମଳାଦେବୀ ପଥର ପରି ନିର୍ବାକ୍ ହୋଇଯାଇଥିଲେ ।

ଶବ ଶୋଭାଯାତ୍ରା ଆଖପାଖ ଗାଁ ପରିକ୍ରମା କଲା । ସ୍ଲୋଗାନ୍ ଶୁଭୁଥିଲା ଗୋବର୍ଦ୍ଧନ ଅମର ରହେ । ଗାଁ ଶ୍ମଶାନରେ ତୋପ ସଲାମୀରେ ଗୋବର୍ଦ୍ଧନର ଚିତାଗ୍ନି ଜଳିଉଠିଲା ।

ସେଇଦିନଠୁଁ ପାଗଳୀ ହୋଇଯାଇଛନ୍ତି କମଳଦେବୀ । ପଚାରିଲେ କହେ, ଗୋବରାର ମା' ଯୁଇରେ ଜଳିଯାଇଛି । ମୁଁ ବଞ୍ଚିଛି ଜଣେ ବୀର ସହିଦର ମା' ହୋଇ । ବୀର ଜବାନ୍ ମୋତେ ସଲାମ କରି କହେ– 'ବନ୍ଦେମାତରମ୍' ।

*- ସଠିଆଟିକିରୀ, ନଖେଇ, ଦେବୀଦ୍ୱାର, ଯାଜପୁର*

# ବିଚିତ୍ର ସୁଖ

■ ନିଶିକାନ୍ତ କହଲସିଂହ

ମଲ୍ଲୀପୁର ଗାଁ'ରେ ମୁନ୍ନାର ଅଜାଘର । ସେଇଠି ସେ ରହେ ପିଲାଦିନୁ । ଏବେ ବୟସ ଏଇ ନ' କି ଦଶ ହେବ । ଅଜାଙ୍କ ସାଥୀରେ ସୁଖରେ ସମୟ ବିତେ । ଅଜାଙ୍କ ସାଥୀରେ ଖାଏ । ଅଜାଙ୍କ ପାଖରେ ଶୁଏ । ଆଈ ଭାରି ପରିଷ୍କାରପରିଚ୍ଛନ୍ନ । ଅଜାଙ୍କର ସବୁ ଗୁଣ ଭଲ, ହେଲେ ସେ ସ୍ୱାସ୍ଥ୍ୟ ସଚେତନ ନୁହଁନ୍ତି । ମୁନ୍ନା ଲକ୍ଷ୍ୟ କରେ ଅନେକ ସମୟରେ ଅଜା ଦେହରୁ ଲୁଗା ଆଡ଼େଇ କୁଣ୍ଡାନ୍ତି । ଦିନେ ପଚାରିଲା– ଅଜା, ତୁମ ଦେହ କ'ଣ କୁଣ୍ଡାଇ ହେଉଛି, ତୁମର ଯାଦୁ ହୋଇଛି କି ? ଅଜା କହିଲେ ହଁ, ଏଇକିଛିଦିନ ହେଲା ତମ୍ବା ପଇସା ଆକାରର ଯାଦୁଟେ ହୋଇଛି ।

ତୁମେ ଡାକ୍ତରବାବୁଙ୍କୁ ଦେଖାଇ ଔଷଧ ଆଣୁନ । ଭଲ ହୋଇଯିବ, କହିଲା ମୁନ୍ନା । ମୁନ୍ନା କଥା ଶୁଣି ଅଜା ହସଟାଏ ହସିଦେଇ କହିଲେ, କେଡ଼େ ବୋକା ଟୋକାଟା କିରେ ? ଯାଦୁ ଭଳି ରୋଗକୁ ନିନ୍ଦା କରୁଛୁ । ଆରେ ଏମିତି ସୁନ୍ଦର ରୋଗ ପୃଥିବୀରେ କେଉଁଠି ଦେଖିଛୁ କି ? ଯେଉଁଥିରୁ ଖାଲି ସୁଖ ଆଉ ଆନନ୍ଦ ମିଳେ । ମୁନ୍ନା ଆଶ୍ଚର୍ଯ୍ୟ ହୋଇ ପଚାରିଲା– ଅଜା ! ରୋଗ ପୁଣି ସୁନ୍ଦର, କି କି ସୌନ୍ଦର୍ଯ୍ୟ ଏ ଯାଦୁ ରୋଗରେ ଭରି ରହିଛି ଟିକେ ଶୁଣେ ।

ଅଜା ଗୌର ଚନ୍ଦ୍ରିକା ଦେଇ ବୁଝାଇଲେ– ଆରେ ଶୁଣୁ, ଏ ରୋଗ କେବଳ ସୁଖ ଛଡ଼ା କିଛି ଦିଏନାହିଁ । ଦିନସାରା ଅବଶ୍ୟ କିଛି ଆନନ୍ଦ ଏଥିରୁ ମିଳେନାହିଁ; କିନ୍ତୁ ସନ୍ଧ୍ୟା ହେଲେ ଯାଦୁ ତା'ର ଖେଳ ଆରମ୍ଭ କରେ । ଧୀରେ ଧୀରେ କୁଣ୍ଡେଇ ହୁଏ । ସେତେବେଳେ ମୁଁ ଲୁଗାରେ ଧୀରେ ଧୀରେ କୁଣ୍ଡେଇବା ଆରମ୍ଭ କରେ । ସେହି ସମୟରେ ସୁଖ କଥା କାଇଁ ପଚାରୁଛୁ । ଆନନ୍ଦର ଚରମ ସୀମାରେ ମୁଁ ପହଞ୍ଚିଯାଏ । ଠିକ୍ ରାତି ଆଠଟା ହେଲେ ଯାଦୁର ପ୍ରକୋପ ଆଉ ଟିକିଏ ତୀବ୍ର ହୁଏ । ସେତେବେଳେ ମୁଁ ଲୁଗାରେ ନ କୁଣ୍ଡାଇ ମୁନିଆ ନଖରେ ଅଧିକ ବଳ ପ୍ରୟୋଗ କରି କୁଣ୍ଡାଏ । ଆଉ ସେଥିରେ ପୂର୍ବ ଅପେକ୍ଷା ଅଧିକ ଆନନ୍ଦ ମିଳେ । ରାତି ନ'ଟା ବାଜିଲେ ଯାଦୁକୁ ବିରାଡ଼ି ଭଳି ମୁଁ ରାମ୍ପୁଡ଼ି ବିଦାରି ପକାଏ । ଯେହୁଁ ରାତି ବଢ଼େ, ଯାଦୁର ପ୍ରକୋପ ତୀବ୍ରରୁ ତୀବ୍ରତର ହୁଏ ଏବଂ ତା' ସହିତ ତାଳ ଦେଇ ଆନନ୍ଦର ମାତ୍ରା ବଢ଼ୁଥାଏ । ରାତି ଦଶଟା ବାଜିଲେ ମୁଁ ଶାମୁକା ଧରି ତାକୁ ରାମ୍ପି ରାମ୍ପି ରକ୍ତାକ୍ତ କରିଦିଏ । ତା'ପରେ ତୋ' ଆଈ ଆଗରୁ ବାଟି ରଖିଥିବା ହଳଦିକୁ ନେଇ ଯାଦୁ ଉପରେ ଲେପ ଦେଇଦିଏ । ରିବିରିବି ହୋଇ ପୋଡ଼େ, ନାତିରେ ! ମୁଁ ଆରାମରେ ଶୋଇଯାଏ । ଡାକ୍ତର ପାଖକୁ ଯାଇ ଭଲ କରିଦେଲେ ଏମିତି ସବୁଦିନିଆ ସୁଖ ମୁଁ କେଉଁଠୁ ପାଇବି ।

ସବୁ ଶୁଣିସାରି ନାତି କହିଲା– ଅଜା, ତୁମର ଏଇ ଗୁଣ ପାଇଁ ଦିନେ ତୁମେ ଏମିତି ନାମ ନେବ ଯେ, ସବୁ ସୁଖ ସେଇଦିନ ବାହାରିଯିବ ।

– ଆରେ ମୋ କଥା ମୁଁ ବୁଝିବି, ତୁ କ'ଣ ପାଇବୁ ? କାଲିକା ଟୋକା ତୁ । କ'ଣ ଜାଣିଛୁ, ଅଜା ହସି ହସି କହିଲେ ।

ଏହାପରେ ଧୀରେ ଧୀରେ ଯାଦୁ ବଢ଼ି ବଢ଼ି ଜଙ୍ଘସାରା ମାଡ଼ିଲା । ଦିନକର କଥା । ଗାଁ ଠାକୁରାଣୀ ମନ୍ଦିରରେ ଜନ୍ତାଳ ଚାଲିଥାଏ । ଗାଁ'ର ପୁରୁଖା ଲୋକ ଭାବରେ ଅଜାଙ୍କର ବଡ଼ ଦାୟିତ୍ୱ ଥାଏ ସେଥିରେ । ସେଥିପାଇଁ ଦିନସାରା ଅଜା ସେଇଠି ଥାଆନ୍ତି । ସଞ୍ଜ ଗଡ଼ିଲା, ରାତି ହେଲା । ଅଜା କାମସାରି ଘରକୁ ଫେରିବାବେଳକୁ ରାତି ସାଢ଼େ ଏଗାରଟା ବାଜିସାରିଥାଏ । ଆଈ ଓ ମୁନ୍ନା ଖାଇସାରି ଶୋଇଗଲେଣି । ଅଜା ଘରକୁ ଆସିଲେ । ଦୈନନ୍ଦିନ କାର୍ଯ୍ୟ ନିର୍ଘଣ୍ଟ ଅନୁସାରେ ଅଜା ଯାଦୁ କୁଣ୍ଡେଇବାର ସବୁ କାମ ସାରି ଦେଇଥାଆନ୍ତି । ସେତେବେଳକୁ ଯାଦୁ ସ୍ଥାନଟି ରକ୍ତାକ୍ତ ହୋଇସାରିଥାଏ । ଖାଲି ହଳଦି ମାରିଦେଲେ ଆରାମରେ ଶୋଇଯିବା କଥା । ଅଜା ଆଈକୁ ପଚାରିଲେ– ହଳଦୀ ବାଟି କେଉଁଠି ରଖିଛୁ ? ଆଈ ନିଦ ବାଉଳାରେ କହିଲେ, ଶିଳ ମଣ୍ଡରେ ରଖିଦେଇଛି । ସବୁଦିନ ଆଈ ହଳଦି ବାଟି ରୋଷେଇ ଘର ଠଣାରେ ଏକ କୁଣ୍ଡିରେ ରଖିଦିଅନ୍ତି । ଆଜି ଲଙ୍କା ବାଟିବାକୁ ଥିବାରୁ ପ୍ରଥମେ ହଳଦି ବାଟି ଏକ କୁଣ୍ଡିରେ ରଖିଦେଇଥିଲେ । ପଛରେ ବଟାଯାଇଥିବା ଲଙ୍କା ଶିଳମୁଣ୍ଡରେ ରଖିଦେଇଥିଲେ । ହେଲେ ନିଦ ବାଉଳାରେ ଓଲଟା କହିଦେଇଛନ୍ତି ଆଈ । ସେତେବେଳେ ବିଜୁଳି ଆଲୁଅ ତ ନ ଥିଲା । ଅନ୍ଧାର ଯୁଗ । ଡିବି କି ଲଣ୍ଠନ କିଏ ଲଗାଉଛି ? ଅଜା ସିଧାସିଧା ଗଲେ ଶିଳ ପାଖକୁ । ଶିଳ ମୁଣ୍ଡରୁ ଲଙ୍କାବଟା ଆଣି କୁଣ୍ଡେଇକି ରକ୍ତାକ୍ତ କରିଥିବା ଯାଦୁରେ ଆଚ୍ଛାକରି ବୋଳିଦେଲେ ।

ବୋଳିଦେଲେ ସିନା ଯିବେ କୁଆଡ଼େ ? କୁହାଟ ଛାଡ଼ି ଡେଇଁବାକୁ ଲାଗିଲେ । ସତେଯେମିତି କାଳିସୀ ମାଡିଛି । ପ୍ରଥମେ ଚଢ଼ିଗଲେ ଖଟ ଉପରକୁ । ଖଟ ଉପରୁ ଡିଆଁଟେ ମାରିଲେ

ଆଈଙ୍କ ଉପରକୁ । ଆଈ ଛାନିଆରେ ନିଦ ସାଲୁବାଲୁ ହୋଇ ଉଠି ଡିବିଟା ଲଗାଇଦେଲେ । ଦେଖିଲେ ଯାଙ୍କର ଆଜି ଏ କି ରୂପ । ହାତରେ ଗୋଟେ ଶାବଳ ଧରିଛନ୍ତି । ଅନଉ ଅନଉ ଖଟ ଖୁରାକୁ ଦେଲେ ଶାବଳରେ ଦି'ପାହାରେ । ଖଟର ଗୋଟେ ଗୋଡ଼ ଭାଙ୍ଗି ତଳେ । ଆଉ ଏ ଦୃଶ୍ୟ ଦେଖି ଆଈ ଧାଇଁଲେ ମଣିଆ ଗୁଣିଆ ଘରକୁ । ମଣିଆ ଆସି ଦେଖିଲା, ଅଜାଙ୍କର ଉଗ୍ରରୂପ । ପାଣି ମୁଠାଏ ମନ୍ତୁରାଇ ଯେମିତି ମଣିଆ ଅଜାଙ୍କ ଉପରକୁ ଛାଟିଦେଇଛି ମଣିଆ ଆଡ଼କୁ ଶାବଳ  ଧରି ମାଡ଼ିଆସି ଅଜା କହିଲେ– ହତଭାଗା ମଣିଆ, ଶାବଳଟାକୁ ସିଧା ତୋ ପେଟରେ ପୂରାଇ ଆରପଟକୁ ବାହାର କରିଦେବି ।

ମଣିଆ ଥରିବାକୁ ଲାଗିଲା ଗୋଟାପଣେ । କହିଲା– ମା' ଏ ଯାହିତାହି ପିଶାଚର କାମ ନୁହେଁ । ୟା'ଙ୍କୁ ତ ବ୍ରହ୍ମପିଶାଚ ଗ୍ରାସିଛି । ମୁଁ ପାରିବିନି । ତୁମେ ଆଉ କେଉଁ ବଡ଼ ଗୁଣିଆ ପାଖକୁ ନେଇଯାଅ ।

ଆଈ ବ୍ୟସ୍ତବିବ୍ରତ ହୋଇ ଏଣେତେଣେ ଅନେଇଲେ । ଆଖି ପଡ଼ିଗଲା ଶିଳ ମୁଣ୍ଡ ଉପରକୁ । ଏ କ'ଣ ଲଙ୍କା ବଟା ତ ଖଣ୍ଡିଆ ହୋଇଛି । ଆଉ ଆଈଙ୍କର କିଛି ବୁଝିବାକୁ ବାକି ରହିଲାନି । ଅଜା ବି ହାଲିଆ ହୋଇ ବସିପଡ଼ିଲେଣି । ହିତାହିତ ଜ୍ଞାନ ଧୀରେ ଧୀରେ ଫେରିଲା । ଲଙ୍କାର ଜ୍ୱାଳାରେ ଅସ୍ତବ୍ୟସ୍ତ ହୋଇ ଚିତ୍କାର କରୁଥା'ନ୍ତି । ଆଈ ଧାଇଁଆସିଲେ । ଆଣ୍ଠୁ ଉପରକୁ ଲୁଗା ଟେକି ଥଣ୍ଡା ପାଣିରେ ଭଲଭାବରେ ଧୋଇ ସଫା କଲେ । ଲଙ୍କାର ଜ୍ୱାଳା କମାଇବା ପାଇଁ ବାଡ଼ି ପଟକୁ ଧାଇଁଯାଇ କିଛି ପତ୍ର ନେଇଆସିଲେ । ତାକୁ ହାତରେ ମକଚି ଲଗାଇଦେଲେ ଯାଦୁ ଉପରେ । ଅଜାଙ୍କ ଆଖିରେ ଧୀରେ ଧୀରେ ନିଦ ଲାଗିଗଲା ।

ଏସବୁ ଘଟଣାକୁ ମୁନ୍ନା ବି ରାତିରେ ଦେଖିଛି । ସକାଳୁ ନିଦ ଭାଙ୍ଗିଲା । ମୁନ୍ନା ପଚାରିଲା– ଅଜା, କାଲି ରାତିରେ କ'ଣ ସ୍ୱର୍ଗସୁଖ ମିଳିଲା । ଅଜା କହିଲେ– ଆରେ ତୋ' ଆଈ ପାଇଁ ଏ ଅବସ୍ଥା ? ମୋତେ ନିଦ ବାଉଳାରେ ଶିଳ ମୁଣ୍ଡରେ ହଳଦି ଅଛି ବୋଲି କହିଲା । ମୁଁ ଚଣ୍ଡାଳ କିଛି ନ ଦେଖି, ସିଧାସଳଖ ବୋଳି ପକାଇଲି ।

ମୁନ୍ନା କହିଲା– ଓହୋ ! ଆଈ ଖରାପ, ତୁମେ ଭାରି ଭଲ । ତୁମେ ତୁମର ବିଚିତ୍ରସୁଖ କାରଣରୁ ଏତେ ହଟହଟା ହେଲ । ଯାଦୁ ଥିବାରୁ ସିନା ତୁମେ ହଳଦି ଖୋଜିଲ, ଆଉ ଲଙ୍କାବଟାକୁ ଲଗାଇଲ । ଆହେ ଅଜା, ରୋଗଠାରୁ ଦୁନିଆରେ କେହି କ'ଣ ସୁଖ ଆଶା କରେ ?

– ହେଲା ଆଉ ଏତେ ଚୋପା ଛଡ଼ାନି । ଆଜି ସାଥୀ ହୋଇ ଡାକ୍ତରବାବୁଙ୍କ ପାଖକୁ ଯିବା । ଏ ବିଚିତ୍ର ସୁଖକୁ ସବୁଦିନ ପାଇଁ ବିଦାୟ ଦେବା ବୋଲି ହସି ହସି କହିଲେ ଅଜା ।

ବାସ୍, ଅଜା ସମ୍ପୂର୍ଣ୍ଣ ଯାଦୁମୁକ୍ତ ହୋଇଗଲେ । ତା'ପରଠାରୁ କୌଣସି ରୋଗ ଅଜାଙ୍କୁ କେବେ ବି ଛୁଇଁନି ।

*– ଲୋକିପୁର, ଗଡ଼ମାଣତୀର, ବେଗୁନିଆ, ଖୋର୍ଦ୍ଧା*


ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ଭାବର ଠାକୁର

■ କଳ୍ପନା ମହାନ୍ତି

ସତ୍ୟ ସନାତନ, ପରଂବ୍ରହ୍ମ - ମାନବ ବ୍ରହ୍ମର ପ୍ରତୀକ ହେଉଛନ୍ତି– ପ୍ରଭୁ ଶ୍ରୀଜଗନ୍ନାଥ । ଏ ବିଶ୍ୱ ବ୍ରହ୍ମାଣ୍ଡରେ ଯୁଗ ଯୁଗ ଧରି ତାଙ୍କ ମହିମା ଅବର୍ଣ୍ଣନୀୟ ।

ସତ୍ୟ ଯୁଗରେ ଶ୍ରୀହରି, ନୃସିଂହନାଥ, ତ୍ରେତୟା ଯୁଗରେ ଶ୍ରୀରାମ ଅବତାର, ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଓ କଳିଯୁଗରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ । ସେ ହେଉଛନ୍ତି ଯୁଗ ଅବତାରୀ । ଏ ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟି ହୋଇଛି ତାଙ୍କରି ଠାରୁ । ତାଙ୍କର ଜାତି ଭେଦ କିଛି ନାହିଁ । ସେ ଭାବର ଠାକୁର । ସେ ଭକ୍ତର ଭାବରେ ବାନ୍ଧି ହୋଇଯାଆନ୍ତି ଅବିଳମ୍ବେ । ସେଥିପାଇଁ କୁହନ୍ତି– 'ଭାବକୁ ନିକଟ, ଅଭାବକୁ ଦୂର ସେଇ କାଳିଆ ଠାକୁର ।'

ଯେତେବେଳେ ଯିଏ ଯେଉଁ ଭାବରେ ଯେଉଁ ରୂପରେ ଅନ୍ତର ସହିତ ଭକ୍ତିରେ ତାଙ୍କୁ ଶ୍ରଦ୍ଧା ସହିତ ଏକାଗ୍ର ଚିତ୍ତରେ ତାଙ୍କଠାରେ ମନ ନିବେଶି ହୃଦୟ ସହିତ ମନପ୍ରାଣ ଦେଇ ଡାକେ ସେ ତାରି ନିକଟକୁ ଅଚିରେ କେଉଁ ରୂପରେ ହେଉ ଚାଲିଆସନ୍ତି ଏବଂ ତା'ର ଦୁଃଖ ଦୂର କରିଥାନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଏଇ ଭାବକୁ ନେଇ ମଣିଷ ରୂପରେ ଏ ଧରାଧାମକୁ ଆସିଛନ୍ତି ଭକ୍ତର ଭଗବାନ ହୋଇ । ଏହି ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମଣିଷ ପରି ନିତ୍ୟକର୍ମ କରିଥାନ୍ତି । ସକାଳୁ ଉଠନ୍ତି । ଦାନ୍ତ ଘଷନ୍ତି, ଜିଭ ଛେଲନ୍ତି, ଗାଧୁଆ ପାଧୁଆ ଇତ୍ୟାଦି କରିଥାନ୍ତି । ତାଙ୍କୁ ସକାଳ ଅବକାଶ ଧୂପ, ମଧ୍ୟାହ୍ନ ଧୂପ ଓ ରାତ୍ରିରେ ବଡ଼ ସିଂହାର ବେଶ ହୁଅନ୍ତି । ମହାପ୍ରସାଦ ସେବନ କରନ୍ତି । ରତ୍ନ ଖଟରେ ଶୟନ କରନ୍ତି । ଜଗନ୍ନାଥଙ୍କ ଦେହ ଖରାପ ହେଲେ ସେ ଔଷଧ ସେବନ କରନ୍ତି । ତାଙ୍କୁ ମାହାରୀ ନାଟ ମଣ୍ଡପରେ ଗୀତ ଗୋବିନ୍ଦ ଶୁଣାଇ ଶୁଆଇଥାନ୍ତି । ତେଣୁ ମହାପ୍ରଭୁଙ୍କ ଲୀଳା ଖେଳା ସେ ପ୍ରଭୁଙ୍କୁ ହିଁ ଜଣା । ଠାକୁର ଏ ମାନବ ଜାତି ପାଇଁ ଘୋଷଯାତ୍ରା କରିଥାନ୍ତି । ଯାହାକୁ ଆମେ ଗୁଣ୍ଡିଚା ଯାତ୍ରା କହିଥାଉ । ସମସ୍ତ ଜାତି, ଅଜାତି ସର୍ବ ଜାତି ପାଇଁ ପ୍ରଭୁ ବଡ଼ଦାଣ୍ଡକୁ ଆସନ୍ତି । ସମସ୍ତଙ୍କୁ ଦେଖିବେ, ସମସ୍ତଙ୍କ ସହିତ ମିଶିବେ ପରସ୍ପର ସହିତ ସ୍ନେହ ଶ୍ରଦ୍ଧା ଆଦାନ ପ୍ରଦାନ ପାଇଁ । ଆହୁରି ମଧ ନବଦିନ ଯାଏ ମା' ଗୁଣ୍ଡିଚାଙ୍କ ପାଖକୁ ଯାଆନ୍ତି, ଜନ୍ମସ୍ଥାନକୁ । ସେଠି ନବଦିନ ଯାତ୍ରା ସାରି ପୁଣି ଶ୍ରୀମନ୍ଦିରକୁ ଫେରିଆସନ୍ତି, କର୍ମଭୂମିକୁ । ତାଙ୍କୁ ବାହୁଡ଼ା ଯାତ୍ରା କୁହାଯାଏ ।

ଯେଉଁ ବର୍ଷ ଦୋ'ଆଷାଢ଼ ପଡ଼େ ସେହି ବର୍ଷ ନବକଳେବର ହୁଏ । ଠାକୁର ପୁଣି ନୂଆ ଦାରୁରେ ତିଆରି ହୋଇଥାନ୍ତି । କେବଳ ବ୍ରହ୍ମ ବଦଳା ହୋଇଥାଏ । ଏହି ନୂଆ ଦାରୁ ମା' ମଙ୍ଗଳାଙ୍କ କୃପାରୁ ଠିକଣା ହୋଇଥାଏ । ତିନି ଠାକୁରଙ୍କର ତିନୋଟି ଦାରୁ । ଶ୍ରୀଜଗନ୍ନାଥଙ୍କର ବାର ମାସରେ ତେର ପର୍ବ ପାଳନ ହୋଇଥାଏ । ବେଳେବେଳେ ମନରେ ଅନେକ ପ୍ରଶ୍ନ ଉଠେ, ପ୍ରଭୁ ମର୍ତ୍ତ୍ୟମଣ୍ଡଳରେ ଏଭଳି ରୂପ ଧାରଣ କଲେ କାହିଁକି ? ତାଙ୍କର କାନ ନାହିଁ, ସେ ସବୁ ଶୁଣନ୍ତି । ପାଦ ନାହିଁ ସେ ଚାଲିବି ପାରନ୍ତି, ହାତ ନାହିଁ ସେ ହାତ ଟେକିପାରନ୍ତି । ତାଙ୍କର ସେ ରଙ୍ଗ ଅଧରରେ ସମସ୍ତଙ୍କୁ ବିବଶ କରିପାରନ୍ତି । ତାଙ୍କୁ ଯେମିତି ସଜାଇ ଦେଲେ ବି ସେ ସୁନ୍ଦର ଦିଶନ୍ତି, ଅତି ସୁନ୍ଦର କମନୀୟ । ଅତି ମନଲୋଭା । ତାଙ୍କ ଚକାନୟନରେ ଥରେ ଆଖି ମିଶିଲେ, ଆଖି ଲାଖିଯାଏ । ସବୁ ଦୁଃଖ କଷ୍ଟ ଭୁଲି ହୋଇଯାଏ । ସେ ଅପଲକ ନୟନକୁ ଦେଖି, ସତରେ ପ୍ରଭୁଙ୍କର କି ବିଚିତ୍ର ଲୀଳା ! ସତରେ ଏଭଳି ରୂପ ସ୍ୱତନ୍ତ୍ର ଓ ଅନ୍ୟତ୍ର ବିରଳ । ସମସ୍ତ ମାନବ ଜାତିକୁ ଭାବବିହ୍ୱଳତା କରିଥାଏ । ଏହା ଏକ ବିସ୍ମୟ । ପ୍ରତ୍ୟେକ ବସ୍ତୁ ଭିତରେ ଆତ୍ମସତ୍ତାର ଉପଲବ୍ଧି ହୁଏ । ଆତ୍ମାର ସନ୍ଧାନ ବା ଆତ୍ମସନ୍ଧାନ ହିଁ ସମସ୍ତଙ୍କ ଆଧାତ୍ମିକ ଚେତନାର ମୂଳଭିତ୍ତି । ମଣିଷର ଧର୍ମ ଭାବକୁ ନେଇ ସାରା ବିଶ୍ୱ ଓ ସମାଜ ପ୍ରଚଳିତ ହୁଏ । ଏ କଳିଯୁଗରେ ଶ୍ରୀଜଗନ୍ନାଥ ମୂର୍ତ୍ତି କଳ୍ପନାରେ ପୂର୍ଣ୍ଣତା ଲାଭ କରିଛି । ତାଙ୍କୁ ଅଧାଗଢ଼ା କହିବା ଠିକ୍ ନୁହେଁ । ସେ ମନର ଠାକୁର, ସେ ଭାବର ଠାକୁର, ସେ ସବୁର ଊର୍ଦ୍ଧ୍ୱରେ । ସେ ମହାବାହୁ । ତାଙ୍କୁ ପତିତପାବନ ନାମରେ ଭକ୍ତ କହିଥାନ୍ତି । ତାଙ୍କର ପ୍ରସାଦକୁ ସମସ୍ତ ଜାତିର ଲୋକେ ଆନନ୍ଦରେ ଖାଆନ୍ତି ଏବଂ ମୁଣ୍ଡରେ ହାତ ପୋଛି ଥାଆନ୍ତି ।

ଶ୍ରୀଜଗନ୍ନାଥ, ଭାଇ ଶ୍ରୀବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରାଙ୍କୁ ନେଇ ଯେଉଁ ଗୁଣ୍ଡିଚା ଯାତ୍ରା କରନ୍ତି, ତାହା ଏକ ସଂସ୍କାର ରୂପରେ ପ୍ରତି ଘରକୁ ଏ ମାନବ ଜାତିକୁ ଶିକ୍ଷା ଦେଇଥାନ୍ତି । ପ୍ରଭୁ ଏପରି ଲୀଳା ଶ୍ରୀକ୍ଷେତ୍ରରେ ରହି ରତ୍ନସିଂହାସନରେ ବସି ଶ୍ରୀମନ୍ଦିରରେ କରୁଛନ୍ତି ।

*- କାକଟିଆ ବଜାର, ରେବତୀ କୁଟୀର,*
*ଚାନ୍ଦୋଳ, କେନ୍ଦ୍ରାପଡ଼ା*

# ସୁଖ ସରିଯାଏ ଦୁଃଖ ମରିଯାଏ: ଖେଳିଯାଏ ଆତଙ୍କ

■ **ଶାନ୍ତନୁ କୁମାର ଷଡ଼ଙ୍ଗୀ**

ସେଦିନର କଥା ମନେପଡ଼ିଲେ ଯମୁନାର ଆଖିରେ ଲୁହଗୁଡ଼ିକ ସତେଯେପରି ଜକେଇ ଆସେ ଓ ତାର ଗୋରା ଚିବୁକ ଦେଇ ବହିଯାଏ ବାଧା ବନ୍ଧନକୁ ଏଡ଼ାଇ ଦେଇ । ପଣତକାନିରେ ଲୁହ ପୋଛି ଯମୁନା ଜମିଦାରଙ୍କ ବାସନ ମାଜି ନେଇ ଗଲାବେଳେ ବାସନ ପଡ଼ିଯିବାରୁ ମାଆ ସାଆନ୍ତାଣୀଙ୍କ ଅଶ୍ରାବ୍ୟ ଗାଳି ଯମୁନାର ମନରେ ସୃଷ୍ଟି ହୁଏ ଦୁଃଖ । ଦୁଃଖ ତ ତା' ପାଇଁ ସପନ ସହର ଆଉ ଲୁହ ତ ପଡ଼ିଶାଘର ସେ ଆଉ କହିବ କାହାକୁ ? ପିଲାଦିନର କଥା ତା' ମନରେ ସୃଷ୍ଟି କରେ ଚକାଭଉଁରୀ ଖେଳ । ବିବାହ ବନ୍ଧନରେ ବାନ୍ଧିହୋଇ ସେ ଭାବିଥିଲା ମଥାରେ ସିନ୍ଦୂର ପିନ୍ଧି ଓ ଶଙ୍ଖା ପିନ୍ଧି ସେ କୁଳବଧୂ ହେବାର ସ୍ୱପ୍ନ ନେଇ ଶାଶୂଘରକୁ ପାଦ ବଢ଼ାଇଥିଲା; ହେଲେ ସୁଖଟା ତା' ପାଇଁ ଯେ ଦୁଃଖର ଠିକଣା ପାଲଟିଯିବ, ଏ କଥା ସେ ଭାବି ନ ଥିଲା । ତା' ଭାଗ୍ୟାକାଶରେ ଏଭଳି ଅକାଳ ଧୂମକେତୁ ଦେଖାଦେବ ବୋଲି ସେ ସ୍ୱପ୍ନରେ କେବେ ଭାବି ନ ଥିଲା । ଯମୁନା ପିଲାଟିଦିନରୁ ଅନେକ ଝଡ଼ଝଞ୍ଜା ଭିତରେ ନିଜକୁ ସାମ୍ନା କରି ଆଗେଇଯାଇ ଭାବିଥିଲା ଆଗକୁ ସେ ସବୁ ଆଉ ଘଟିବ ନାହିଁ ବୋଲି ହେଲେ.... ? ତା'ର ସ୍ୱପ୍ନ ସବୁ ଟୁକୁରା ଟୁକୁରା ହୋଇଯାଇଥିଲା ଆଉ ସେ ପାଲଟି ଯାଇଥିଲା ପାଷାଣୀ ଅହଲ୍ୟା । ଯମୁନାର ବାପା ବିଶ୍ୱନାଥ ସେଦିନ ଯମୁନାକୁ ବୁଝାଇ କହୁଥିଲେ । ମାଆ ! ତୁ ସିନା ବିବାହ ବନ୍ଧନରେ ବାନ୍ଧି ହେବାକୁ ଇଚ୍ଛା କରୁନାହୁଁ; ହେଲେ ମନେରଖ ଝିଅ ଜନମ ତ ପରଘରକୁ । ଆଜି ତୁ ବନ୍ଧନର ମୋହ ତୁଟାଇଦେଲେ ମଧ୍ୟ ଏ ସମାଜ କେବେ ତୋତେ କ୍ଷମା ଦେବନାହିଁ । ତୁ ସିନା କନ୍ୟା ହୋଇ ଏ ଘରେ ଜନ୍ମ ନେଇଥିଲୁ, ହେଲେ ତୁ ଯେତେବେଳେ ଘରଯୋଗ୍ୟା ହେଲୁଣି, ଆଉ ସ୍କୁଲର ପାଠପଢ଼ା ସାରିଦେଲୁଣି । କଲେଜରେ ତୋତେ ପାଠ ପଢ଼ାଇଥିଲେ ତେଣିକି ଯୌତୁକ ଦାବିଟା ଅଧିକ ବଢ଼ିଥାଆନ୍ତା ମା' ? ତୋ ମାମୁଁ ଘରକୁ ଯେଉଁଦିନ ଜ୍ୱାଇଁ ହୋଇଯାଇଥିଲି ସେତେବେଳେ ମୋତେ ସାଇକେଲ ଆଉ ଘଣ୍ଟା ଦେଇଥିଲେ । ହେଲେ ସେ ଯୁଗ ଆଉ ଏ ଯୁଗ ଭିତରେ ଆକାଶ ପାତାଳ ତଫାତ୍ । ସେ କାଳ ପଖାଳ ଏବେ ସମସ୍ତଙ୍କ ପାଇଁ 'ସ୍ୱପ୍ନ' ପାଲଟି ଯାଇଛି । 'ଯୌତୁକ' ନ ଦେଲେ ଝିଅ ସେମିତି ଘରେ ରହିବ, ଆଉ ବିବାହ ବନ୍ଧନ ତା' ପାଇଁ ହୋଇପଡ଼ିବ କଷ୍ଟକର । ମୁଁ ମାମୁଲି ସ୍କୁଲ ମାଷ୍ଟରଟିଏ, ଯାହାର ଦରମା ଗଣ୍ଡାକ ଛଡ଼ା ଅନ୍ୟ କିଛି ଆଉ ସାହାଭରସା ନାହିଁ । ଭାଗ୍ୟ ମୋ ସହିତ ଏଭଳି ଖେଳ ଖେଳିଲା ଯେ ବାପାବୋଉ ମଧ୍ୟ ମୋତେ ପର କରି ଦେଇ ବାହୁଡ଼ିଗଲେ । ସାନମାମୁର ବାହାଘରଟା ମଧ୍ୟ ମୋତେ ଯୋଗାଡ଼ କରିବାକୁ ପଡ଼ିଲା । ମାଆ ମୁଁ ଏ ସଂସାର ଭିତରେ ଏଭଳି ଜଣେ ନାଉରୀ, ଯିଏ ଦଦରା ନାବକୁ ଏକୁଟିଆ ଠେଲିଚାଲିଛି । ତୋ ମାଆ ଗଙ୍ଗା ତୋତେ ଜନ୍ମ ଦେବା ପରଠାରୁ ବିଛଣାରେ ଶଯ୍ୟାଶାୟୀ । କେବଳ ଅଧେ ଟଙ୍କା ତା'ର ଔଷଧ ଖର୍ଚ୍ଚରେ ଯାଉଛି । ରୋଗଟା ସିନା କମନ୍ତା, ଓଲଟି ଖରାପ ଆଡ଼କୁ ଗତି କରୁଛି । କାହାକୁ ଆଉ ମୋ ଦୁଃଖ କଥା କହିବି ? ମୋ ଦୁଃଖରେ ମଧ୍ୟ ସମବେଦନା କିଏ ବା ଜଣାଇବ ? ତୁ ଜନ୍ମ ହେବାପରେ ତାକୁ ଯେଉଁ ରୋଗ ଧରିଲା କେବଳ ସେଦିନ ମୋର ଛାତ୍ର ଦଣ୍ଡନିରୋଧ ହାତଟା ଲାଗି ନ ଥିଲେ ବୋଧହୁଏ ତୋ ମାଆ ଆଜି ଏ ବିଛଣାରେ ନ ଶୋଇ ମଶାଣିରେ ଶୋଇଥାଆନ୍ତା । ସେଦିନ ମୁଁ ଡାକ୍ତର ଦଣ୍ଡ ନିରୋଧଙ୍କୁ ଫିସ୍ ଯାଚିବାରୁ ସେ ମୋର ପାଦଧୂଳି ନେଇ ମୁଣ୍ଡରେ ମାରି କହୁଥିଲା, 'ସାର୍ ! ଆପଣ କ'ଣ ମୋତେ ଚିହ୍ନି ଅଚିହ୍ନା ହେଉଛନ୍ତି । ପାଖ ଗାଆଁରେ ମୋର ଘର ଆଉ ଆପଣଙ୍କର ବେତମାଡ଼ ଯାହାହେଉ ମୋତେ ଆପଣମାନଙ୍କର ସେବା କରିବା ପାଇଁ ସୁଯୋଗ ଦେଇଛି । ତାହା ହିଁ ମୋର ଭାଗ୍ୟ । ଆପଣଙ୍କର ଋଣ କ'ଣ ମୁଁ କେବେ ଶୁଝିପାରିବି ? ଆପଣ ମୋତେ ଯେଉଁ ବାଟ ଦେଖାଇଥିଲେ ସେଇ ବାଟ ଧରି ମୁଁ ଅନେକ ରୋଗୀଙ୍କର ଜୀବନରେ ପୂର୍ଣ୍ଣଚ୍ଛେଦ ପଡ଼ିବା ପୂର୍ବରୁ ମୁଁ ତାଙ୍କର ଜୀବନ ଦେଇ ସେବା କରି ତାଙ୍କୁ ମରଣ ମୁହଁରୁ ଫେରାଇ ଆଣିପାରିଛି । ଆପଣ ମୋତେ କେବଳ ଆଶୀଷ ଦିଅନ୍ତୁ, ଯାହାକୁ ମୁଣ୍ଡରେ ବୋହି ଚିରଦିନ ଲୋକମାନଙ୍କର ସେବା କରିବା ପାଇଁ ସମର୍ଥ ହୁଏ । ସେଦିନ ଦଣ୍ଡନିରୋଧ ଗୁରୁଙ୍କ ଠାରୁ ମେଲାଣି ନେଇ ଯିବାପରେ ବିଶ୍ୱନାଥ ଭଗବାନଙ୍କ ପାଖରେ ମୁଣ୍ଡିଆଟିଏ ମାରିବା ସହିତ ଗଙ୍ଗା ପାଖରେ ବସି କହୁଥିଲେ । ଗଙ୍ଗା ତୁମେ ଯଦି ଟିକିଏ ଉଠିବସିବା ସହିତ ଭଲ ମନ୍ଦ ଟିକିଏ ପାଟିରେ ମାରନ୍ତ, ତେବେ ଯାଇ ଯାହା ହୁଅନ୍ତା ? ଯମୁନା ସିନା ଛୋଟଥିଲା ଯେ କିଛି ଜାଣିପାରୁ ନ ଥିଲା ସେ ଏବେ ବଡ଼ ହୋଇଯିବା ସହିତ ଦୁନିଆର ଭଲମନ୍ଦସବୁ କଥା ଜାଣିପାରୁଛି । ସିଏ ତ ଆମ ଦୁଇ ଜଣଙ୍କ ପାଇଁ ନୟନର ମଣି, ଯାହାକୁ ପାଇ ଆମେ ଧନ୍ୟ ହୋଇଛେ ।

ସିଏତ ଏ ଦୁନିଆରେ ଜନ୍ମ ନେଇଛି କେବଳ ଘରର ଲୋକମାନଙ୍କୁ ସ୍ନେହ ମମତାରେ ବାନ୍ଧି ରଖି ଶେଷରେ ସେ ସମସ୍ତଙ୍କୁ ପର କରି ଦେଇ ଚାଲିଯିବ ଏକ ଅଜଣା ଗାଆଁକୁ । ସେଠାରେ ତାକୁ 'ଆହା' ପଦେ କହିବାକୁ କେହି ମଧ୍ୟ ନ ଥିବେ । ସେଦିନ ଗଙ୍ଗା ଯମୁନାଙ୍କୁ ପାଖକୁ ଡାକି କହୁଥିଲା– ମାଆ ! ତୋତେ ଠାକୁରେ କୋଟି ଆୟୁଷ ଦେଇଥାଆନ୍ତୁ । ତୋର ମାଆର ଆଉ ବେଶୀଦିନ ନୁହେଁ କାରଣ ମୋ ଶାଶୂ ଶ୍ୱଶୁର ଯେତେବେଳେ ମୋତେ ହାତ ଠାରି ଡାକିଲେଣି ସେତେବେଳେ ତୋ' ଉପରେ ଦୁବ ପଡ଼ିଗଲେ ମୋ ମାତୃତ୍ୱଟା ସଫଳ ହେବ, ତା' ନ ହେଲେ ଏ ସମାଜ.... ? ଯମୁନା କହୁଥିଲା– ବୋଉ ତୁ କଥା କହୁ କହୁ ଏମିତି ଅଟକିଗଲୁ କାହିଁକି ? ଏ କଥା ଶୁଣି ଯମୁନା କହୁଥିଲା– ଏ ସମାଜ ମୋ ନାମରେ ଅପବାଦର ନାଗରା ବଜାଇ କହିଥାଆନ୍ତା । ଗଙ୍ଗା ନର୍ଦ୍ଦମାର ଜଳ ଭଳି ଅପବିତ୍ର ନ ହେଲେ ମଧ୍ୟ ସେ ମାତୃତ୍ୱରୁ ବଞ୍ଚିତା । ଜୀବନର ଛନ୍ଦଟା ଯେଉଁଠି ହୁଏ ଛନ୍ଦାୟିତ ସେଠାରେ ନାରୀର କାମନା ବାସନା ହୁଏ କାଳଜୟୀ । ଯେଉଁଠି ନାରୀର ମାତୃତ୍ୱଟା 'ସୌଭାଗବତୀ'ର ରୂପ ନିଏ । ଗଙ୍ଗାର କଥା ଶୁଣି ସେଦିନ ଯମୁନାର ଆଖିରେ ଲୁହର ଶ୍ରାବଣୀ ଧାରା ବହିଯାଉଥିଲା । ସେ ଗଙ୍ଗାକୁ ଦେଖିବା ସହିତ ତା'କଥା ଶୁଣି ମନରେ ଅନେକ ପ୍ରଶ୍ନବାଚୀ ଉଙ୍କି ମାରୁଥିଲେ । ବୋଉ ଯଦି ତା' ମୁଣ୍ଡରେ ଦୁବ ପକାଇବା ପୂର୍ବରୁ ଅସମୟରେ ଆରପାରିକୁ ବାହୁଡ଼ିଯାଏ ତେବେ...... ? ଏ କଥା ଶୁଣି ବାପା ବିଶ୍ୱନାଥଙ୍କ ମନଟା ମଧ୍ୟ ଛୋଟ ହୋଇଯାଇଥିଲା । ବିଶ୍ୱନାଥ ଯଦି ଦଦରା ନାଆରେ ଅନ୍ଧ ନାଉରୀ ସାଜି ନାବର ମଙ୍ଗୁଆଳ ସାଜି ପେଲି ନେଇଛନ୍ତି ସହଧର୍ମିଣୀ ଗଙ୍ଗା ପାଇଁ । ଗଙ୍ଗା ବିଶ୍ୱନାଥଙ୍କର ଏକଧାରାରେ 'ସହକର୍ମିଣୀ ଓ ସହଧର୍ମିଣୀ' । ଗଙ୍ଗାର ଆଖିରୁ ଲୁହଟା ବହିଯାଉଥିଲା ଓ ଯମୁନା ନିଜର ପଣତକାନିରେ ପୋଛି ଦେଉଥିଲା । ସେ ଔଷଧ ସହିତ କ୍ଷୀର ପିଆଇ ଦେଉଥିଲା ଗଙ୍ଗାକୁ । ଗଙ୍ଗାର ଆଖି ଦୁଇଟି ମୁଦି ହୋଇ ଆସୁଥିଲା ଓ ଯମୁନା ପାଖରେ ବସି ରହି ଆଉଁଷି ଦେଉଥିଲା ।

ବିଶ୍ୱନାଥ ସ୍କୁଲରୁ ଅବସର ନେବାପରେ ମଧ୍ୟ ଅନେକ ପିଲା ତାଙ୍କ ପାଖକୁ ପଢ଼ିବା ପାଇଁ ଆସୁଥିଲେ । ସେ ପିଲାମାନଙ୍କୁ ଶିକ୍ଷାଦାନ କରି ଅର୍ଥ ରୋଜଗାର କରୁଥିଲେ, ନିଜର ପରିବାରର ନାବକୁ ଚଳାଇ ନେଇ କୂଳରେ ଲଗାଇବା ପାଇଁ । ସେ ଯମୁନାକୁ ପାଖ ଗାଆଁରେ ମଧ୍ୟବିତ୍ତ ପରିବାରର ଗୋଖରଙ୍କ ପୁଅ ଦଣ୍ଡପାଣିଙ୍କ ସହ ବିବାହ ବନ୍ଧନରେ ବାନ୍ଧି ଦେଇଥିଲେ । ଏଇ ଯମୁନା ବାହାଘର ପାଇଁ ସେ ଯୌତୁକ ଦେବାପାଇଁ ଟଙ୍କା ଦରକାର ପଡ଼ିବାରୁ ନିଜର ଜମି ଓ ଘରଡ଼ିହକୁ ଜମିଦାର ପାଖରେ ବନ୍ଧା ଦେଇ ଜମିଦାର ଠାରୁ ଟଙ୍କା ଆଣି ଝିଅର ବାହାଘର ସୁରୁଖୁରୁରେ କରାଇଦେଲେ । ଯମୁନାର ମାମୁ ଭଦ୍ରସେନ ଓ ମାଇଁ ଧରଣୀ ଦେବୀ ଉପରେ ବସି ଯମୁନାକୁ ବିବାହ ବନ୍ଧନରେ ଛନ୍ଦି ଦେଇ ଗାଆଁରେ ସୃଷ୍ଟି କଲେ ନୂତନ ଅଧ୍ୟାୟ । ଭିଣୋଇ ଘର ଗାଆଁର ସତିଆ ମାଆ କହୁଥିଲା– ''ଯାହା ହେଉ ବିଶ୍ୱନାଥର ଶଳା ଆଉ ଶଳା ଭାଉଜ ଭାଣିଜୀକୁ କନ୍ୟାଦାନ କଲେ ନାହିଁ ଯେ ନିଜର ସପ୍ତପୁରୁଷ ଉଦ୍ଧାର କରିବା ସହିତ ଭଉଣୀ ଭିଣୋଇକୁ ଏକ ବଡ଼ ବିପଦରୁ ରକ୍ଷା କରିଦେଲେ ତା' ନହେଲେ ଏସବୁ କ'ଣ ବିଶ୍ୱନାଥ ପାରିଥାଆନ୍ତେ ?

ସେଦିନ ମାମୁ ଓ ମାଇଁ ଯମୁନାକୁ ବୁଝାଇ ଶୁଝାଇ ଯୌତୁକ ସବୁ ଦେଇ ସିନା ଶାଶୂଘରକୁ ପଠାଇଦେଲେ, କିଛିଦିନ ପରେ ଗାଆଁରୁ ଖବରଟା ଯାଇ ଯମୁନା ପାଖରେ ପହଞ୍ଚିଲା । ଗଙ୍ଗାର ମନପକ୍ଷୀଟି ପଞ୍ଜୁରୀ ଖୋଲି ଉଡ଼ିଯାଇଛି ସବୁଦିନ ପାଇଁ । ବିଶ୍ୱନାଥ ଗଙ୍ଗା ପାଖରେ ଭାଗବତ ପଢ଼ିସାରି ଗଙ୍ଗା ପାଖରେ ବସିଥିଲେ । ଅନେକ ଦୁର୍ଭାବନାକୁ ଆପଣେଇ ନେଇଥିବା ବିଶ୍ୱନାଥ ଆଖିଟା ଟିକିଏ ମୁଦି ହୋଇଯାଇଥିଲା । ସେ ଆଖି ଖୋଲିଲାବେଳକୁ ଗଙ୍ଗାର ଆଖିଟା ମୁଦି ହୋଇଯାଇଥିଲା ଓ ଦେହଟା ଥଣ୍ଡା ହୋଇଯାଇଥିଲା । ଆଉ ବିଶ୍ୱନାଥଙ୍କ ଦେହରେ ସତେଯେପରି ଏକ ଚମକ ଖେଳିଯାଇଥିଲା । ଏସବୁ ପରୀ ରାଇଜର କାହାଣୀ ଭଳି ଲାଗୁଛି । ସତରେ କ'ଣ ଗଙ୍ଗା ତାଙ୍କୁ ଛାଡ଼ିଦେଇ ଏକୁଟିଆ ଏମିତି ଭାବରେ ଚାଲିଯିବ ।'' ଏ କଥା ଭାବି ସେ ଗଙ୍ଗାର ଶବ ଉପରେ ଭୋ ଭୋ ହୋଇ କାନ୍ଦି ଗଡ଼ିଯାଉଥିଲେ; ହେଲେ ଲାଭ କ'ଣ ? ଯମୁନା ସେଦିନ ବୋଉର ମୃତ୍ୟୁଖବର ଶୁଣି ଅନେକ କାନ୍ଦିଥିଲା, ହେଲେ ସେ ବା କ'ଣ କରିପାରିବ ? ସେ କନ୍ୟା ହୋଇ ନିଜର ଜନ୍ମଭୂମିରୁ ଏ କର୍ମ ଭୂମିକୁ ଆସିଛି । 'କୁଳବଧୂ' ରୂପେ ଅଭିନୟ କରି ଶେଷରେ ବାହୁଡ଼ିଯିବ ମଶାଣିକୁ, ଯେଉଁଠି ଘର ହୁଏ ପର, ଆଉ ମଶାଣି ହୁଏ ନିଜର । ସେ ସିନା ଶାଶୂଘରୁ ନିଜ ଘରକୁ ଯାଇଥିଲା ବାପାଙ୍କୁ ବୁଝାଇବା ସହିତ, ମାଆର ଶୁଦ୍ଧି କର୍ମରେ ଯୋଗଦେବାପାଇଁ । ଦଣ୍ଡପାଣି ଜ୍ୱାଇଁ ହିସାବରେ ଶ୍ୱଶୁର ଘରକୁ ଯିବା ସହିତ ଶାଶୂଙ୍କର ଶୁଦ୍ଧି କର୍ମରେ ଯୋଗଦେଇ ପୁଣି ଫେରିଆସିଥିଲେ ନିଜ ଘରକୁ । ଯମୁନା ସିନା ପଛରେ ଆସିଥିଲା, ହେଲେ ତା' ମନରେ କିଏ ଯେପରି କହୁଥିଲା, ତୋ ବୋଉ ସିନା ଆରପାରିକୁ ଚାଲିଗଲା; ହେଲେ ଏଥର ତୋ ସ୍ୱାମୀର ପାଳି କାରଣ ସେ ଦଣ୍ଡା ପାଞ୍ଚୋଟି ମୁଣ୍ଡ ନ ନେଲେ ଶାନ୍ତି ହେବନାହିଁ । ଶାଗୁଣାମାନଙ୍କର ବିକଟ ଶବ୍ଦ ଓ କଳା ବିଲେଇର

ଚିତ୍କାର ଶୁଣି ଯମୁନାର ଛାତିଟା ଧଡ଼ଧଡ଼ ହୋଇଯାଉଥିଲା । ତେବେ କ'ଣ ତା' ଭାବିବା କଥାଟା ଯଦି ସତ ହୁଏ, ତା'ହେଲେ ସେ କ'ଣ କେବେ ସମାଜ ନିକଟରେ ମୁଣ୍ଡଟେକି ଚାଲିପାରିବ ? ଦଣ୍ଡପାଣିଙ୍କର ଗାଆଁ ନିକଟରୁ ଅନତିଦୂରରେ ଏକ ଲୁଗା ଦୋକାନ । ଦଣ୍ଡପାଣି ଯେଉଁ ଟଙ୍କା ରୋଜଗାର କରନ୍ତି, ସେ ଟଙ୍କାକୁ ସେ ହିରୋଇନ୍, ଚରସ ଓ ମଦ ପିଆରେ ଖର୍ଚ୍ଚ କରିଦିଅନ୍ତି । ବାପା ତ ଦଣ୍ଡପାଣିକୁ କିଛି କୁହନ୍ତି ନାହିଁ, ହେଲେ ମାଆ ପଚାରିଲେ ଦଣ୍ଡପାଣି କହୁଥିଲେ– 'ବୁଝିଲୁ ମାଆ ! ମାଲିକକୁ ତା' ଟଙ୍କା ପୈଠ କରିଦେବା ପରେ ଯାହା ବଳିପଡ଼େ, ତାହାକୁ ମୁଁ ପିଇଦିଏ..... ।'

ଦଣ୍ଡପାଣି ମଦ ପିଇ ଟଳି ଟଳି ଘର ଭିତରକୁ ପଶିବାବେଳେ ମଦର ଗନ୍ଧଟା କାହିଁକି କେଜାଣି ଯମୁନାର ମନରେ ସୃଷ୍ଟି କରେ ଅଶାନ୍ତି । ତା'ର ବା ଉପାୟ କ'ଣ ? ଯିଏ ଅନ୍ୟର ହାତ ଟେକାରେ ବଞ୍ଚିବା ସହିତ ତାହାର ପ୍ରଶସ୍ତ ଛାତି ଭିତରେ ନିଜକୁ କେତୋଟି ମୁହୂର୍ତ୍ତ ପାଇଁ ହଜାଇ ଦେଇ ପାଉଛି ଆନନ୍ଦ ତା'ର ଭଲ ମନ୍ଦ ବୁଝିବା ଅର୍ଥ ନିଜେ ଶାଶୂଘରେ ସମସ୍ତଙ୍କର କ୍ରୋଧର ଶିକାର ହେବା । ଯମୁନା ଶାଶୂଘରେ ଏକରକମ ସ୍ଥାଣୁ ପଥର ମୂର୍ତ୍ତି, ଯିଏ କେବଳ ପଡ଼ିରହିଛି ପାଷାଣୀ ଅହଲ୍ୟା ଭଳି ।

ଦଣ୍ଡପାଣିଙ୍କ ବାପା ଜଣେ ଅବସରପ୍ରାପ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ, ଯିଏ ପିଲାମାନଙ୍କୁ ସିନା ଆଦର୍ଶରେ ଗଢ଼ିବା ପାଇଁ ପରାମର୍ଶ ଦେଲାବେଳେ ନିଜ ଘରର ଢିଙ୍କି ତ କୁମ୍ଭୀର କହିବେ କାହାକୁ ? ଦଣ୍ଡପାଣି ଯେ ଦଇବ ଦଣ୍ଡର ଶିକାର ହେବ ସେ କଥା ସେ ମୋଟେ ଭାବି ନ ଥିଲେ । ଦଣ୍ଡପାଣିଙ୍କର ଯକୃତଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଏକଥା ଶୁଣି ଯମୁନା ସେଦିନ ବିଶ୍ୱନାଥଙ୍କୁ କହିବାରୁ ସେ ଛାତ୍ର ଦଣ୍ଡନିରୋଧକୁ କହିଥିଲେ । ସେଦିନ ଘରକୁ ଆସି ଦଣ୍ଡନିରୋଧ ଜ୍ୱାଇଁଙ୍କୁ କହୁଥିଲେ ଆପଣ ଟିକିଏ ପିଇବା କମାଇ ଦିଅନ୍ତୁ ତା' ନ ହେଲେ, ଆପଣଙ୍କ ଜୀବନ ନାଟକରେ କେତେବେଳେ ଯେ ପୂର୍ଣ୍ଣଚ୍ଛେଦ ଟାଣି ନ ହେବ ସେ କଥା କିଏ କହିବ ?

ସେଦିନ ଦଣ୍ଡପାଣି ଡାକ୍ତର ଦଣ୍ଡନିରୋଧଙ୍କର କଥାକୁ ସିନା ହସରେ ଉଡ଼ାଇ ଦେଇଥିଲେ ହେଲେ ଦଣ୍ଡପାଣି.... ? ଡାକ୍ତରଖାନାର ବେଡ଼୍‌ରେ ଆଡ଼୍‌ମିଶନ ନେଇଥିବା ଦଣ୍ଡନିରୋଧ ଦଣ୍ଡପାଣିଙ୍କ ନାକରେ ଅକ୍ସିଜେନ୍ ଲଗାଇ କହୁଥିଲେ– ''ସାର୍ ! ଆପଣଙ୍କ ଜ୍ୱାଇଁ ସେଦିନ ମୋ କଥା ଶୁଣିଥିଲେ ବଞ୍ଚିଯାଇଥାଆନ୍ତେ ହେଲେ ସେ କଥାକୁ ମୋଟେ ବିଶ୍ୱାସ କଲେନାହିଁ । ଦଣ୍ଡପାଣି ଶେଷରେ ଯମୁନାକୁ ପାଖକୁ ଡାକି କହୁଥିଲେ । ଯମୁନା! ମୋତେ ଯେତେବେଳେ ଡାକରା ଆସିଲାଣି ସେତେବେଳେ ମୋତେ ଯିବାକୁ ପଡ଼ିବ। ତୁମେ କେବଳ ମଥାରେ ସିନ୍ଦୂର ଓ ହାତରେ ଶଙ୍ଖା ସିନା ପିନ୍ଧିଥିଲ; ହେଲେ ସେ ସବୁ ତୁମ ପାଇଁ ଚିରଦିନ ପର ହୋଇଯିବ । ତୁମେ ସିନା ମୋ ପାଖରୁ ସୁଖ ପାଇପାରିଲ ନାହିଁ; ହେଲେ ଅନ୍ୟ ଯାହାର ହାତ ଧରିବ ସିଏ କ'ଣ.... ? ଭୋ ଭୋ କରି କାନ୍ଦୁଥିଲା ଯମୁନା ।

*– ମହିଳୋ, କାଦୁଅପଡ଼ା, ଜଗତ୍‌ସିଂହପୁର*

# ସିଦୁଆ ବଇନ

■ ଚୂଡ଼ାମଣି ପାଣିଗ୍ରାହୀ

ଗୌରବର୍ଣ୍ଣ, ଗୋରା ମଣିଷଟିଏ । ସଦାବେଳେ ଲୁଙ୍ଗିଟିଏ ପିନ୍ଧିଥାନ୍ତି । କେବେ କେମିତି ଧୋବ ଫର୍‌ଫର୍ ପତଳା ଧୋତିଟିଏ ପରିଧାନ କରନ୍ତି । ସବୁବେଳେ ଧଳା ବାନିଅନ୍ ଓ ଧଳା ଚଦରଟିଏ ତାଙ୍କ ଶରୀରରେ ଥାଏ । ସଦାବେଳେ ପରିଷ୍କାର ପରିଚ୍ଛନ୍ନତା ଦେହରେ ଧୂଳିମଳି ଟିକିଏ ଲାଗିବା କଷ୍ଟକର । ଯଦିଓ ପାଠ ପଢୁଥିଲେ, ପାଠ ନ ହେବାରୁ ଦୁଇବର୍ଷ ରହି ଘରକୁ ଚାଲିଆସିଲେ । ବାପା ଜଣେ ବଡ଼ ବ୍ୟବସାୟୀ ଥିଲେ । ତାଙ୍କ ବ୍ୟବସାୟ ଗାଁ'ରେ ଠିକ୍ ଚାଲୁଥିଲା । ପରେ ସେ ଅନେକ ଭୂସମ୍ପତ୍ତି କ୍ରୟ କରି ତାକୁ ଚାଷ କରିବାକୁ ଲାଗିଲେ । ବ୍ୟବସାୟକୁ ଧୀରେ ଧୀରେ ଛାଡ଼ିଦେଲେ ।

ତାଙ୍କର (ସିଦୁଆଙ୍କର) ତିନୋଟି ଭାଇ ଓ ତିନୋଟି ଭଉଣୀ ଥିଲେ । ବାପା ବୟସ ହେବାରୁ ସିଦୁଆଙ୍କୁ ତାଙ୍କ ଜାତିର ଏକ ଦୂର ସ୍ଥାନରୁ ବୋହୂ ଚୟନ କରି ବିବାହ କରିଦେଲେ । ତାଙ୍କୁ ଅର୍ଥାତ୍ ସିଦୁଆଙ୍କ ଶ୍ୱଶୁରଙ୍କ ଧନ ଓ ପ୍ରତିପତ୍ତି ସେ ଅଞ୍ଚଳରେ ଆଗୁଆ ଥିଲେ । ନୂଆ ସ୍ତ୍ରୀକୁ ପାଇ ସିଦୁଆଙ୍କୁ ସତେ କି ସ୍ୱର୍ଗର ଅପ୍‌ସରା ମିଳିଲା ପରି ଲାଗିଲା । ଥିରି ଥିରି କଥା, ଗଜଗମନୀ ପରି ଚାଲି । ସୁନାର ଅନେକ ଆଭୂଷଣ ତାଙ୍କ ଶରୀରରେ ଆବୃତ୍ତ ହୋଇ ସୁନେଲି କିରଣ ଭଳି ଚକ୍‌ମକ୍ କରୁଥିଲା । ଲାଜୁଆ ଚାହାଣୀ, ନାଲି ଅଳତା ରଙ୍ଗର ଶାଢ଼ୀ, ତନୁ ପାତଳୀ ଶରୀରକୁ ବହୁତ ମାନୁଥିଲା । କି ସୁଷମ ଠାଣି ପ୍ରତ୍ୟେକ ଅବୟବ ସତେ କି କେଉଁଠୁ ବିଧାଣୀର ସ୍ପର୍ଶରେ ଅତୀବ ସୁନ୍ଦର ଆକର୍ଷଣୀୟ ଦିଶୁଥିଲା । ମନେହେଉଥିଲା, ଯଦି କେଉଁଠି ସ୍ୱର୍ଗ ଥାଏ ଏଇ ତହିଁର ଆକର୍ଷଣୀୟ ଲଳନା । ମେନକା ଥାଏ ତେବେ ସେ ସତେକି ମର୍ତ୍ତ୍ୟଧାମକୁ ଓହ୍ଲାଇ ଆସିଛି କି ? ବାସର ରାତିରେ ଅବଗୁଣ୍ଠନ ବତୀ ଅବଗୁଣ୍ଠନ ଖୋଲି କହିଦେଲା ଯେ, ସେ ନିଜର ଜଣେ ଦୂରସଂପର୍କୀୟ ଅପାର ସ୍ୱାମୀ ଦ୍ୱାରା ବିବାହ ପୂର୍ବଦିନ ଲୁଣ୍ଠିତ ହୋଇଛି । ସେ ଆଉ କ'ଣ କରନ୍ତା ? ଗୁମ୍ ମାରି ଥରେ ଚିନ୍ତା କଲା, ଯାହା ହେବାର ତ ହେଇଯାଇଛି । ଭବିଷ୍ୟତରେ ଯଦି ହେବ ସ୍ତ୍ରୀକୁ ତ ଅଜାଣତରେ ମୃତ୍ୟୁମୁଖକୁ ଠେଲିଦେବ । ଏଇନେ ତ କିଛି କରି ହେବନାହିଁ । କଲେ ଲୋକଲଜ୍ଜା ଅପମାନ । ଏମିତି ଚିନ୍ତା କରି ତା' ସହ ସଂପର୍କ ସ୍ଥାପନ କଲା । ଯାହାହେଲେ ବି ତ ତା' ବିବାହିତ ସ୍ତ୍ରୀ । ବେଦିରେ ବିବାହ ସମୟରେ ସ୍ତ୍ରୀର ଦଶଦୋଷକୁ କେବେ ଧରିବ ନି ବୋଲି ତ ଶପଥ କରିଛି । ଦୁଇମାସ ମଧ୍ୟରେ ତା' ସ୍ତ୍ରୀର ମୁଣ୍ଡ ବହୁତ ବୁଲାଇଲା, ବାନ୍ତି ହେଲା । ଏଣୁ ତା ଭାଇ ତାଙ୍କ ଘରକୁ ଆସିବାରୁ, ତାଙ୍କ ସାଙ୍ଗରେ ତାଙ୍କ ଘରକୁ ତା' ସ୍ତ୍ରୀ ଯିବ ବୋଲି କହିବାରୁ ସିଦୁଆର ବାପାମା' ଯାଉ ବୋଲି କହିଲେ । ସେ ବଳଦଗାଡ଼ି ହଳ ଧରି ଆସିଥିଲେ । ସେଇଥିରେ ବସି ବଇନୀ, ସିଦୁଆର ସ୍ତ୍ରୀ ତା' ବାପଘରକୁ ଗଲା । ସିଦୁଆ ଘରେ ନ ଥିଲା, ବିଲକୁ ଯାଇଥିଲା । ଘରକୁ ଆସିବା ପରେ ଦେଖିଲା ଯେ ତା' ସ୍ତ୍ରୀ ଘରେ ନାହିଁ, ତା' ବଡ଼ ଭାଇ ସଙ୍ଗେ ତା' ଗାଁ ଯାଇଛି । ତା' ମନ ବିଷଣ୍ଣ ହୋଇ ତାକୁ ଏତେ ଖରାପ ଲାଗିଲା ଯେ କେବଳ ଅନୁଭବ ହିଁ ତା' କଳନା କରିପାରିବ ।

ମୁଣ୍ଡ ବୁଲାଇବା, ବାନ୍ତି ହେବା, ଅରୁଚି ଲାଗିବା ଏଇଟା ମା' ପେଟରେ ଭ୍ରୁଣ ସୃଷ୍ଟି ହେବାର ଲକ୍ଷଣ । ସିଦୁଆର ସ୍ତ୍ରୀ ମା' ହେବାକୁ ଯାଉଛି ଶୁଣି ସିଦୁଆ ମନରେ ସୁଖ, ଦୁଃଖ ଜାତ ନ ହୋଇ ଏକ କଳ୍ପନା ଯାହାକି ସେ ଭାବି ଥିଲା ତା' ଆଉ ହୋଇପାରିବ ନାହିଁ ବୋଲି ଭାବିଲା । ଯଦି ସ୍ତ୍ରୀର କୌଣସି କ୍ଷତି କରାଯାଏ, ତା' ଛୁଆର ମଧ୍ୟ ହେବ ଓ ସେ ବିନା ଦୋଷରେ ଦଣ୍ଡ ପାଇବ । ଦୁଇମାସ ପରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନବାନ୍ନ ବା ନୂଆଁଖାଇ ପଡ଼ିବାରୁ ସିଦୁଆର ବାପା ମା, ବଳଦଗାଡ଼ି ଧରି ତାଙ୍କ ବୋହୂକୁ ଆଣିବାକୁ ଗଲେ । କାରଣ ନୂଆଁଖାଇ ବା ନବାନ୍ନ ଭକ୍ଷଣ ପଶ୍ଚିମ ଓଡ଼ିଶାର ଏକ ଗଣପର୍ବ । ଯଦି କାହା ସହିତ ଆଗରୁ ଶତ୍ରୁତା ଭାବ ଥିବ ତେବେ ଏଇ ପର୍ବରେ ତାର ପରିସମାପ୍ତି ଘଟେ । ବଡ଼ ଛୋଟଙ୍କୁ ଆଶୀର୍ବାଦ ଦିଏ, ଛୋଟବଡ଼ମାନଙ୍କର ପାଦ ତଳେ ପ୍ରଣାମ କରେ । ତାଙ୍କ ଆଶୀର୍ବାଦ ପାଏ । ପ୍ରତ୍ୟେକଙ୍କ ଘର ପରିଷ୍କାରପରିଚ୍ଛନ୍ନ ହୁଏ । ଘରକୁ ଲିପାପୋଛା କରାଯାଏ । ଘରେ ଥିବା ପ୍ରତ୍ୟେକ ଦ୍ରବ୍ୟ କୁଲା, ଛାଞ୍ଚୁଣୀ, ପିଢ଼ା ପରିଷ୍କାର କରାଯାଏ । ନବାନ୍ନ ଦିନ ନୂଆ ଧାନର ଚୁଡ଼ାରେ ଗୁଡ଼ ମିଶାଇ ପ୍ରତ୍ୟେକ ପରିବାରର ଇଷ୍ଟଦେବୀଙ୍କୁ ଅର୍ପଣ କରି ପୂଜାପାଠ କରି ନଡ଼ିଆ ପିଠା, ଖିରି ତାଙ୍କୁ ଭୋଗ ଦେଇ ପରିବାରର ମୁଖିଆ ବୟସ ଅନୁପାତରେ ବଡ଼ରୁ ସାନକୁ ଏଇ ନବାନ୍ନ ଦିଅନ୍ତି । ସମସ୍ତେ ଏକାସାଙ୍ଗରେ ଖାଆନ୍ତି । ମନ୍ଦାର ଫୁଲ, ବେଲପତ୍ର, ଅନେକ ରକମର ଫୁଲ, ସିନ୍ଦୂର, ଚନ୍ଦନ, ଧୂପ, ଦୀପ ଦେଇ ଘରର ଇଷ୍ଟଦେବୀମାନଙ୍କୁ ପୂଜା କରାଯାଏ । ନବାନ୍ନ ଭକ୍ଷଣ ପରେ ଭାତ, ଡାଲି, ତରକାରି,

ଖଟା, ଶାଗ, ପିଠା, ମଣ୍ଡା, କ୍ଷୀରୀ ସମସ୍ତେ ଆକଣ୍ଠ ଭୋଜନ କରିଥାନ୍ତି । ପରେ ନୂଆଁଖାଇ ଜୁହାର ଭେଟ ହୋଇଥାଏ । ପ୍ରତ୍ୟେକ ସାନ ବ୍ୟକ୍ତି ପରିବାରର ତଥା ଗ୍ରାମର ଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିଥାନ୍ତି । କଳିଗୋଳ, ଶତ୍ରୁତାକୁ ଏଇ ପର୍ବ ହିଁ ପାରସ୍ପରିକ ବୁଝାମଣା ବା ସବୁ ଭେଦଭାବକୁ ଦୂର କରି ମିଳିତ କରାଇଥାଏ । ସିଦୁଆର ସ୍ତ୍ରୀ ନବାନ୍ନ ଭକ୍ଷଣ ପରେ ଆସି ଭାଇ ଜିଉନ୍ତିଆ କରିବ ବୋଲି ତାଙ୍କୁ ତାଙ୍କ ଗାଁକୁ ନେଇଗଲା । ସିଦୁଆ ମନରେ ବହୁତ ଦୁଃଖ, ଯଦିଓ ସେ ଜାଣିଛି ତା' ସ୍ତ୍ରୀର ଚରିତ୍ରରେ ଅନେକ ତ୍ରୁଟି ଅଛି । ସେ ଅନ୍ୟ କେତେକଙ୍କ ସଙ୍ଗରେ ବିବାହ ପୂର୍ବରୁ ସଂପର୍କ ସ୍ଥାପନ କରିଛି । ତଥାପି ସେ କିଛି ଆନ୍ତରିକତା ସହ ନ ହେଲେ ମଧ୍ୟ କିଛି ପରିମାଣରେ ଭଲ ପାଏ । ତା' ଅନୁପସ୍ଥିତି ତାକୁ ବହୁତ କଷ୍ଟ ଦିଏ । ପନ୍ଦର ଦିନ ସେ ସେଠାରେ ରହିଲା ପରେ ତା' ବାପା ମା'ତାକୁ ଯାଇ ବଳଦଗାଡ଼ିରେ ଆଣିଲେ । ଠିକ୍ ଦଶମାସ ଦଶଦିନରେ ତା' ସ୍ତ୍ରୀ ଏକ କନ୍ୟାରତ୍ନକୁ ଜନ୍ମ ଦେଲା । ତା ବାପା ମା' ସମସ୍ତେ ନୂଆ ଆଗନ୍ତୁକର ଆଗମନରେ ଆନନ୍ଦିତ ହେଲେ । କିନ୍ତୁ ସିଦୁଆ ମନରେ ସୁଖ କିମ୍ବା ଦୁଃଖର ଛାଇ ନ ଥିଲା । ସେ ମନେ ମନେ ଚିନ୍ତା କଲା ଏ ଛୁଆଟି ତାର ନା ଅନ୍ୟ କାହାରି ? କିନ୍ତୁ ହିସାବ ନିକାଶ କରି ଭାବିଲା ଏ ଝିଅଟି ବୋଧହୁଏ ତାଆରି ।

ପୁଣି ଆଠ ଦଶ ମାସ ହୋଇଛି କି ନାହିଁ, ସିଦୁଆର ସ୍ତ୍ରୀ ପୁଣି ମାଆ ହେବାପାଇଁ ତାକୁ ଅରୁଚି ଲକ୍ଷଣ ଦେଖାଦେଲା । ସିଦୁଆ ଆଉ ଜଣକର ବାପା ହେବାପାଇଁ ନିଜକୁ ପ୍ରସ୍ତୁତ କଲା । ତା'ର କଳ୍ପନା କଳ୍ପନାରେ ରହିଗଲା । କ'ଣ ଆଉ କରାଯାଇପାରିବ । ପୁଣି ମନରେ ଭୟ ଯଦି କୌଣସି ପ୍ରକାରେ ତା' ସ୍ତ୍ରୀକୁ ହତ୍ୟା କରେ ତେବେ ଜେଲର ଅନ୍ଧାର କୋଠରୀରେ ତାକୁ ତ ସଡ଼ିବାକୁ ପଡ଼ିବ । ମଣିଷର ଜନ୍ମ ଓ ମୃତ୍ୟୁ କେବଳ ଭଗବାନଙ୍କର ଇଚ୍ଛାଧୀନ । ମଣିଷ ହୋଇ ଆଉ ଜଣେ ମଣିଷଙ୍କୁ ହତ୍ୟା କରିବା ପାପ, ଜଘନ୍ୟ ଅପରାଧ, ତାହା ସେ କେବେ କରିବନି । ଯେଉଁ ଅଶୋଭନୀୟ ଘଟଣା ସବୁ ତା' ସ୍ତ୍ରୀର ଜୀବନରେ ଘଟିଯାଇଛି । ଏ ଯୌବନରେ ପାଦଦେଲେ ପ୍ରତ୍ୟେକ ପୁରୁଷ ନାରୀର ଅନ୍ୟ ଲିଙ୍ଗ ପ୍ରତି ଆକୃଷ୍ଟ ତଥା ସୁବିଧା ସୁଯୋଗ ମିଳିଲେ ଅନୈତିକ କାର୍ଯ୍ୟରେ ଲିପ୍ତ ହେବା ଏକ ସାଧାରଣ କଥା । ପ୍ରତ୍ୟେକ ପୁରୁଷ କିମ୍ବା ସ୍ତ୍ରୀର ମନ ଅନ୍ୟ ପରପୁରୁଷ ବା ପର ସ୍ତ୍ରୀ ସଙ୍ଗରେ ସଂପର୍କ ରଖିବାର ଇଚ୍ଛା ପ୍ରାୟତଃ ଥାଏ । ସୁବିଧା ସୁଯୋଗ ମିଳିଲେ ତାହା କାର୍ଯ୍ୟରେ ପରିଣତ ହୁଏ । ପୁଣି କେତେକ ସ୍ତ୍ରୀ ଏବଂ ପୁରୁଷ ନିଜ ସମ୍ମାନ ଓ ଲଜ୍ଜା ଯୋଗୁଁ ଏହି କାର୍ଯ୍ୟରେ ନିରୁତ୍ସାହିତ ପରିପ୍ରକାଶ କରନ୍ତି । ଭୟ ଥାଏ କାଳେ ପ୍ରଚ଼ଟ ହୋଇଯିବ । କିଏ ଦେଖି ଦେବ । ଚୋର ଧରାପଡ଼ିଯିବ । ଏମିତ ଆତ୍ମସମ୍ମାନବୋଧ, ଭୟ ଓ ଲଜ୍ଜା ଏ ତିନୋଟି ଗୁଣ ଯୋଗୁଁ କେତେକ ସ୍ତ୍ରୀ ପୁରୁଷର ଏଇ କାର୍ଯ୍ୟ ପାଇଁ ଇଚ୍ଛାଥିବା ସତ୍ତ୍ୱେ, ତହିଁରୁ ଦୂରେଇ ରହିଥାନ୍ତି ।

ପୁଣି ଠିକ୍ ସମୟରେ ତାର ଏକ ପୁତ୍ର ସନ୍ତାନ ଜନ୍ମ ହେଲା । ଘରେ ବାପା, ମାଆ, ଭାଇଭଉଣୀ ସମସ୍ତେ ଆନନ୍ଦିତ ହେଲେ । କିନ୍ତୁ ସିଦୁଆର ଖୁସିର ଚିହ୍ନ ନ ଥିଲା । ସେ ପ୍ରାୟତଃ ଉଦାସ ରହୁଥିଲା । ତାର କାରଣ ତାକୁ ହିଁ ଜଣା । ଏମିତି ଦିନ ଗଡ଼ି ଚାଲିଲା । ତା' ଭାଇ ଓ ଭଉଣୀମାନେ ସବୁ ବିବାହ କଲେ । ସବୁ କାର୍ଯ୍ୟ ବାପାଙ୍କ ସହ ସିଦୁଆ ତୁଲାଇଥିଲା । ତା'ପରେ ବିବାହ ଉପରାନ୍ତେ ତାଙ୍କ ସ୍ତ୍ରୀଙ୍କ କଥାରେ ପଡ଼ି ତା' ଭାଇମାନେ ଭିନ୍ନେ ହୋଇ ଅଲଗା ଅଲଗା ଚାଷ କଲେ । ରୋଷେଇବାସ କଲେ । ତା' ବାପା ଅନ୍ୟ ଏକ ଜାଗାରେ ଡିହବାଡ଼ି ନେଇ ସମସ୍ତଙ୍କ ପାଇଁ ଘର ତିଆରି କରିଥିଲେ । ସମସ୍ତେ ସେଠାରେ ଯାଇ ରହିଲେ । ସିଦୁଆ ନିଜ ସ୍ତ୍ରୀ ଓ ପିଲା ଛୁଆଙ୍କୁ ଧରି ସେଇଠାରେ ହିଁ ରହିଲା । ବାପା ମା' ମଧ୍ୟ ଅନ୍ୟ ପୁଅଙ୍କଠାରେ ରହିଲେ । ସିଦୁଆର ଆଉ ଗୋଟିଏ ପୁଅ ଓ ଝିଅଟିଏ ହେଲା । ସିଦୁଆ ସ୍ତ୍ରୀକୁ ବହୁତ ଭଲପାଇ ବସିଲା । ଯଦିଓ ତା' ସ୍ତ୍ରୀ ସମୟ ଓ ସୁବିଧା ପାଇଲେ ଅନ୍ୟ ଯେକୌଣସି ଲୋକ ସହ ସଂପର୍କ ରଖୁଥିଲା । କାରଣ ସେ ଚାଷକାର୍ଯ୍ୟରେ ନିୟୋଜିତ ହୋଇ କଠୋର ପରିଶ୍ରମ ଯୋଗୁଁ ଖାଇବା ପରେ ଘରେ ଶୋଇପଡୁଥିଲା । ପୁନଶ୍ଚ ଛୁଆମାନଙ୍କୁ ଛାଡ଼ି ଆଉ ତା' ପାଖରେ କେହି ନ ଥିଲେ । ଏଣୁ ନିଜ ଇଚ୍ଛାନୁସାରେ ସେ ନିଜ ମନ ଖୁସି କରେ । ଏମିତି ତା' ପିଲାମାନେ ପାଠ ପଢ଼ିଲେ । ଗାଁ'ରେ ଯେତେ ପର୍ଯ୍ୟନ୍ତ ଥିଲା ଅର୍ଥାତ୍ ପୁଅ ପିଲାମାନେ ଅଣ୍ଡର ମେଟ୍ରିକ୍ ହୋଇ ରହିଗଲେ ଓ ଝିଅ ଦୁହେଁ ମେଟ୍ରିକୁଲେସନ୍ ପାଶ୍ କଲେ । ଦୁଇ ଝିଅଙ୍କୁ ଭଲ ପାତ୍ର ଦେଖି ସିଦୁଆ ବାହା କରେଇଦେଲା । ପୁଅମାନେ ମଧ୍ୟ ଚାଷ ସହିତ ଧାନ, ମୁଗ, ବିରି, କପା, କୋଳଥ, ଛଣପଟ ଇତ୍ୟାଦିର ବ୍ୟବସାୟ କଲେ । ବ୍ୟବସାୟରେ ବେଶ୍ ଦୁଇ ପଇସା ରୋଜଗାର କଲେ । ତା'ପରେ ଭଲ ପାତ୍ର ଦେଖି ବିବାହ କରିଦେଲା । ସେମାନଙ୍କ ମଧ୍ୟରୁ ଜଣେ ଜାଗା କିଣି ଅନ୍ୟ ଜାଗାରେ ଘର ତିଆରି କରି ରହିଲା । କେବଳ ଜଣେ ପୁଅ ଓ ସ୍ତ୍ରୀ ସେଇଠି ରହିଲେ । ସାନ ପୁଅର ବିବାହ ସମୟରେ ସିଦୁଆ କ'ଣ ଦେଖି ତାଙ୍କ ସ୍ତ୍ରୀଙ୍କୁ କି କଥା କହିଲେ ଯେ ସେଇଦିନ ଠାରୁ ତାଙ୍କ ସ୍ତ୍ରୀ ତାଙ୍କ ଛାଇ ମାଡ଼ିଲା ନାହିଁ । ବଡ଼ ପୁଅଙ୍କ ଘରେ ରହି

ଖାଇଲା । ସିଦୁଆ ସାନ ପୁଅ ଘରେ ରହି ଖାଉଥିଲା । ଦଶ ପନ୍ଦର ବର୍ଷ ପରେ ସେମାନେ ମଧ୍ୟ ତାଙ୍କୁ କିଛି ଖାଇବାକୁ ଦେବାକୁ ମନା କଲେ । ଏଣୁ ସିଦୁଆ ବାଧ୍ୟ ହୋଇ ରୋଷେଇ ସାମଗ୍ରୀ କିଣି ନିଜେ ରୋଷେଇ କଲା । ତାଙ୍କ ନାମରେ ଥିବା କିଛି ଚାଷ ଜମିକୁ ଭାଗଚାଷ ଦେଇ ଯାହା ମିଳୁଥିଲା, ସେଥିରେ ସେ ବେଶ୍ ଚଳିଲା । ସ୍ତ୍ରୀ ତ ତାକୁ ଆଉ ଧରାଛୁଆଁ ଦେଉନି, କିଏ ତାକୁ ଖାଇବାକୁ ଦେବ । ପୁଣି ବୟସ ପଚାଶ ପଞ୍ଚାବନ ହେଲାଣି । ରୋଗ-ବଇରାଗ, ବାର୍ଦ୍ଧକ୍ୟାବସ୍ଥାରେ ହୁଏ, ତାକୁ ମଧ୍ୟ ଆକ୍ରମଣ କଲା । ପାଣି ଟିକିଏ ପାଖ ନଳକୂପରୁ ଆଣନ୍ତି । ରୋଷେଇ କାମ, ପିଇବା, ବାସନ ପରିଷ୍କାରରେ ନିଅଣ୍ଟ ହୁଏ । କ'ଣ ବା ସିଦୁଆ କରନ୍ତେ ? କିଏ ତ ଆଡ଼ ଆଖିରେ ଦେଖୁନାହାନ୍ତି; ତଥାପି ଧୈର୍ଯ୍ୟ ଥାଏ, ସାହସ ଥାଏ । ନିଜେ ନିଜେ ବଞ୍ଚିବେ । ଧନ୍ୟରେ ଦୁନିଆ, ଧନ୍ୟରେ ସ୍ତ୍ରୀ । ପଚିଶ ତିରିଶ ବର୍ଷ ଘର ସଂସାର କରି ଶେଷ ସମୟରେ ଏକୁଟିଆ କରିଦେଲୁ କାହିଁକି ? କେଉଁ ସ୍ୱାର୍ଥରେ ? ହାତଧରି ତ ବିବାହ କରିଥିଲୁ । ଆମ ହିନ୍ଦୁ ଶାସ୍ତ୍ରାନୁସାରେ ସ୍ୱାମୀ ଇହକାଳ ପରକାଳର ଦେବତା । ଜନ୍ମ ଜନ୍ମାନ୍ତରର ସାଥୀ । ସିଦୁଆଙ୍କ କ୍ଷେତ୍ରରେ ତାହା କାହିଁକି କାର୍ଯ୍ୟକାରୀ ହେଲାନାହିଁ ?

ଦିନେ ସିଦୁଆଙ୍କୁ ବହୁତ ଅସୁଖ ଲାଗିଲା । ରନ୍ଧାବଢ଼ା କି ତ ରନ୍ଧାବଢ଼ା ପାଣି ଟିକିଏ ମଧ୍ୟ ଆଣିପାରିଲେ ନାହିଁ । ଶୋଷରେ ତଣ୍ଟି ଅଠା ଅଠା ହୋଇଯାଉଥାଏ । ଉଠିବାର ଶକ୍ତି ନାହିଁ । ପାଣି ଟୋପାଏ ଦିଅ, ପାଣି ଟୋପାଏ ଦିଅ ବୋଲି କାକୁତି ମିନତି ହୋଇ ଅନୁରୋଧ କଲେ । ତାଙ୍କ ସ୍ତ୍ରୀ ମଧ୍ୟ ସାନ ପୁଅ ଘରକୁ ସେଦିନ ଆସିଥାଏ । ସେ ମଧ୍ୟ ଶୁଣିଲା, ପାଟି କରି କହିଲା ଏ ମତେ ଦେଖି ସାନ୍ନିଧ୍ୟ ପାଇବା ପାଇଁ ଏମିତି ପାଟି କରୁଛି । ମରିବାର ଅଛି ତ ମରନ୍ତୁ । ମୁଁ କାହିଁକି ପାଣି ଦେବି । ଧନ୍ୟରେ ସ୍ତ୍ରୀ, ଧନ୍ୟରେ ତୋର କଳିକା ରୂପ । ତୁ ପରା ମମତାମୟୀ, କରୁଣାମୟୀ, ସ୍ନେହମୟୀ ମାତ୍ର ଏ କ୍ଷେତ୍ରରେ ଠିକ୍ ତା'ର ଓଲଟା । ସିଦୁଆ ପାଣି ଟୋପାଏ ପାଇଁ କିବା ରୋଗର ପ୍ରାବଲ୍ୟ ଯୋଗୁଁ ପାଣି ପାଣି ବୋଲି, ପାଟି କରି କରି ତାଙ୍କର ହୃଦ୍‌କ୍ରିୟା ବନ୍ଦ ହୋଇଗଲା । ଧନ୍ୟରେ ମାଇପି ସିଦୁଆର ମୃତ୍ୟୁ ପରେ ତା' ଆଖିରୁ ଦି'ଧାର ଲୁହ ମଧ୍ୟ ଗଡି ନ ଥିଲା । ଧନ୍ୟ ତାର ପଥର ସଦୃଶ ହୃଦୟ । ମଣିଷ ପୁଣି ନିଜ ସ୍ୱାମୀ ପ୍ରତି ଯଦି ଟିକିଏ ଦୟା କରିଥାନ୍ତା, ଅକାଳରେ ସିଦୁଆ ମୃତ୍ୟୁର କୋଳରେ ଆଶ୍ରୟ ନେଇ ନ ଥାନ୍ତା ।

*- କ୍ଷମା ସାଗର ଭିଲ୍ଲା, ଗମ୍ଭାରୀ, ବଲାଙ୍ଗିର*

# କାମାନ୍ଧ

■ ମାନସ ରଞ୍ଜନ ପଟ୍ଟନାୟକ

ରାତିର ଅନ୍ଧକାରରେ ଖୋଲା ଆକାଶକୁ ଚାହିଁଛି ମଦନ । କେତେଦିନର ରକ୍ତର ସମ୍ପର୍କ ଥିଲା । ସେ ମଦନ ରକ୍ତରୁ ଜନ୍ମ ନେଇ କ'ଣ କଲା ? ତାଙ୍କ ଧର୍ମପତ୍ନୀ କନକ କାନ୍ଦୁଛନ୍ତି । ବୋଧହୁଏ ରାତି ସେତେବେଳେ ବାରଟା କିମ୍ବା ଗୋଟାଏ ହେବ । କେତେ ପ୍ରାଣଭରି ଭଲପାଉଥିଲେ ମଦନ ତାଙ୍କର ଏକମାତ୍ର ପୁଅକୁ । ନିଜେ ଭଲ ରୂପେ ନ ଖାଇ ସେ ପୁଅର ପାଠପଢ଼ା ପାଇଁ ଧାରକରଜ ମଧ୍ୟ କରିବାକୁ ପଛାଇ ନ ଥିଲେ । ପୁଅ ବଡ଼ ହୋଇ ଚାକିରି କଲେ ତାଙ୍କର ଦୁଃଖ ଲାଘବ ହେବ । ବେଳେବେଳେ ଗର୍ବରେ କହିଥାନ୍ତି ମୋ ପୁଅ ଆମ ଗାଁ'ରେ ସବୁଠାରୁ ଶିକ୍ଷିତ ହେବ । ତା' ପରି ଦେଖି ତୁମେମାନେ ପାଠ ପଢ଼ିଲ ? ନିଜେ ଗାମୁଛା କନା ଖଣ୍ଡେ ପିନ୍ଧିବେ; କିନ୍ତୁ ପୁଅର ପ୍ୟାଣ୍ଟ୍ ସାର୍ଟ ଇତ୍ୟାଦି ଜିନିଷରେ ଅବହେଳା କେବେ କରିନାହାନ୍ତି । କାରଣ ପୁଅ ତାଙ୍କର ସହରରେ ଏକ ଭଲ କଲେଜର ଛାତ୍ର ଅଟେ । ଯେତେବେଳେ ତାଙ୍କ ପୁଅ ଘରକୁ ବୁଲିବାକୁ ଆସେ ସେତେବେଳେ ମଦନ ଖୁସି ହୁଅନ୍ତି ଏବଂ ଧାଇଁଯାଆନ୍ତି ମାଛ କି ମାଉଁସ ପାଇଁ । ତାଙ୍କ ସ୍ତ୍ରୀ ମନା କଲେ ମଧ୍ୟ ମଦନ ଚିଡ଼ିକରି କୁହନ୍ତି, ମୋ ପୁଅ ସେଠି ହଷ୍ଟେଲରେ ରହି ପାଠ ପଢୁଛି, ତା' ପାଟିରେ ମାଛ କି ମାଉଁସ ଟିକେ ବାଜୁ ନ ଥିବ । ଦେଖୁନ ପୁରାପୁରି ଗୋଟାପଣ ଶୁଖି କଳାକାଠ ପଡ଼ିଗଲାଣି । କ'ଣ ହେବ ମୋର ଟଙ୍କା ପଇସା । ପୁଅ ଯଦି ଯୋଗ୍ୟ ହେବ ଟଙ୍କା କାହିଁ ପାଇଁ ସଞ୍ଚିବି । ତୁମେ ତାକୁ ଭଲକରି ରାନ୍ଧିବାଢ଼ି ଖାଇବାକୁ ଦେବ । ପୁଅ ବିଜୟର ବହୁତ ଭକ୍ତି ଥିଲା ତା' ବାପାଙ୍କ ପ୍ରତି । ବୋଉକୁ କେତେବେଳେ କେମିତି ଗାଳିମନ୍ଦ କରିଦିଏ; କିନ୍ତୁ ମଦନଙ୍କ ପ୍ରତିଥିଲା ତା'ର ବହୁତ ସ୍ନେହ । ବାପା ପାଇଁ ଆସିଲାବେଳେ ସଙ୍ଗରେ ଖାଦ୍ୟ ପୁଡ଼ିଆଟିଏ ଆଣିଥିବ ଏବଂ ବୋଉ ତା'ର ଖାଇବା ପାଇଁ ପାନ, ଗୁଆ, ଗୁଣ୍ଡି, ଚୂନ ଇତ୍ୟାଦି ସାଥିରେ ଆଣିଥିବ । ମଦନ ଏହାଦେଖି ଖୁସିରେ କହନ୍ତି, ଦେଖିବ କନକ ଆମର ଗୋଟିଏ ମାତ୍ର ପୁଅ । ତା'ର କୋଟିଏ ଲୋକର ବୁଦ୍ଧି । ଏକଥା କହିଲାବେଳେ ଆଖି ଦୁଇଟା ଛଳଛଳ ହୋଇଯାଏ ତାଙ୍କର । ପୁଅର ପାଠ ଖର୍ଚ୍ଚ ଲାଗି ପ୍ରତି ମାସରେ ଯାହା ଟଙ୍କା ପଇସା ଦରକାର ସବୁ ପୂରଣ କରି ଡାକରେ ପଠାଇ ଦିଅନ୍ତି । କିନ୍ତୁ ବିଜୟ ସେ ଟଙ୍କାର କ'ଣ ଉଚିତ୍ ମାନ ରଖିଲା ? ବହୁତ ଭଲ ପାଉଥିଲେ ବାପା ମା' ତାଙ୍କ ପୁଅ ବିଜୟକୁ । ଯଦି ସାହିପଡ଼ିଶା କିଏ କହିଦିଏ ଏତେ ଗେଲବସର ଭଲକଥା ନୁହେଁ, ତେବେ ମଦନ ତତ୍‌କ୍ଷଣାତ୍ ରାଗିଯାଆନ୍ତି । ମୋର ଗୋଟିଏ ବୋଲି ପୁଅ ସହରରେ ରହି ପାଠ ପଢୁଛି, ପୁଣି ଭଲରେ ପଢୁଛି । ତୁମ ପିଲାମାନେ ତାରି ବୟସର ହୋଇ ଅଧାରୁ ପାଠ ବନ୍ଦକରି ବିଲରେ ଖଟୁଛନ୍ତି । ତେଣୁ ତୁମେ ସମସ୍ତେ ମୋ ପୁଅ ବିଜୟକୁ ଈର୍ଷା କରୁଛ ।

କେତେ ଆଶା ଆକାଂକ୍ଷା ଥିଲା ମଦନ ଓ କନକ ଦୁଇଜଣଙ୍କର । ପୁଅ ଚାକିରି ଖଣ୍ଡେ କରିବ । ତାଙ୍କର ଦୁଃଖ ଯିବ । ନିଜେ ବିଲବାଡ଼ିରେ ଖଟିବାକୁ ମଦନ ଅସମର୍ଥ ହେଲେଣି । କରଜ ଟଙ୍କା ସବୁ ଶୁଝି ହୋଇଯିବ । ଭାଗବତରେ ଲେଖାଅଛି, 'ଆପଣା କଲା କର୍ମମାନ ବେଳୁ ହୋଇବ ସାବଧାନ ।' କୋହ ଉଠାଇ ମଦନ କାନ୍ଦନ୍ତି । କନକ ତାଙ୍କ ପାଖକୁ ଆସି ନିଜ ପଣତକାନିରେ ସ୍ୱାମୀର ଲୁହ ପୋଛି ଘରକୁ ନେବାକୁ ଚେଷ୍ଟା କରନ୍ତି । ମଦନ ଇଚ୍ଛା କରି ମଧ୍ୟ ନିଜ କୋହ ଓ କାନ୍ଦ ବନ୍ଦ କରିପାରନ୍ତିନି । କନକ ବୁଝାଇଲାବେଳେ ଭେଁ ଭେଁ ହୋଇ କାନ୍ଦନ୍ତି । ଦୁଇଜଣଙ୍କର ମନେପଡୁଛି ପୁଅ ବିଜୟର କଥା । କେତେ ଉଦାର ନ ଥିଲା ତାଙ୍କର ପୁଅ । କ'ଣ ପାଇଁ ସେ ଏଭଳି ଜଘନ୍ୟ କାର୍ଯ୍ୟ କଲା ? ଥାନା କିମ୍ବା କୋର୍ଟ କଚେରୀ ଗଲେ ଦରକାର ପଡ଼େ ଲୋକବଳ, ଧନବଳ । ସେ ପୁରାପୁରି ଗରିବ ଥିଲେ । ଶ୍ରମିକ ଭାବେ ଖଟି ଖଟି ନିଜର ଗୁଜୁରାଟ ମେଣ୍ଟାଉଥିଲେ । ତାଙ୍କ ପୁଅ ବିଜୟ କାହିଁକି ଜେଲ୍ ଗଲା । ତା'ର କ'ଣ ଦୋଷ ?

ପିତାମାତାଙ୍କର ଅସୁବିଧା ହୃଦୟଙ୍ଗମ କରିପାରୁଥିଲା ବିଜୟ । କଲେଜରେ ପାଠପଢ଼ା ସହ ସେ ପାର୍ଟ ଟାଇମ୍ ଟ୍ୟୁସନ୍ କରୁଥିଲା । ସେ ରହୁଥିଲା ହଷ୍ଟେଲ୍‌ଠାରୁ ଅଳ୍ପଦୂରରେ । ଜଣେ ହୃଦୟବାନ୍ ସାଙ୍ଗ ତାର ବୁଝିଦେଇଥିଲା । ବିଜୟ ତୋର ଟଙ୍କା ପଇସାର ବହୁତ ଅଭାବ । ତେଣୁ ତୁ ତାଙ୍କ ଘରକୁ ପଢ଼େଇବାକୁ ଯା । ସେ ମୋତେ କହୁଥିଲେ । ମୁଁ ମନା କଲି । ମୁଁ ସିଭିଲ୍ ସର୍ଭିସ୍ ପାଇଁ ପ୍ରିପାରେସନ୍ କରୁଛି । ଆମ ରୁମ୍‌ରେ ଜଣେ ଭଲ ଷ୍ଟୁଡେଣ୍ଟ୍ ରହୁଛି, ତାକୁ କହିବି ? ସେ ରାଜି । ତାଙ୍କର ତିନୋଟି ପିଲା ପଢ଼ିବେ । ମାସକୁ ଦୁଇ ହଜାର ଦରମା ମଧ୍ୟ ଦେବେ । ତୁ ସନ୍ଧ୍ୟାବେଳେ ଦୁଇ ଘଣ୍ଟା ସମୟ ଦେବୁ । ତୋର ବହି କିଣାରେ ଓ ଖାତା କିଣାରେ ଅସୁବିଧା

ରହିବନି । ରାଜି ହୋଇଗଲା ବିଜୟ । ସନ୍ଧ୍ୟା ୬ରୁ ରାତି ୮ଟା ପର୍ଯ୍ୟନ୍ତ ସେ ପ୍ରଧାନ ବାବୁଙ୍କ ଘରକୁ ଯାଏ ପଢ଼େଇବା ପାଇଁ । ବିଜୟର ଚାଲିଚଳଣ ଓ ତାଙ୍କ ଛୁଆଙ୍କ ପ୍ରତି ଆଗ୍ରହ ଓ ସ୍ନେହ ଦେଖି ପ୍ରଧାନବାବୁଙ୍କ ସ୍ତ୍ରୀ ତାକୁ ବହୁତ ଭଲପାଆନ୍ତି । ସେ ସ୍ୱାମୀ ଓ ସ୍ତ୍ରୀ ସରକାରୀ କର୍ମଚାରୀ ଅଟନ୍ତି । ପ୍ରଧାନବାବୁ ବ୍ୟାଙ୍କରେ ଓ ତାଙ୍କ ପତ୍ନୀ ଏକ ସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରନ୍ତି । ଦୁଇ ଝିଅ ପଞ୍ଚମ ଓ ଷଷ୍ଠ ଶ୍ରେଣୀରେ ପଢ଼ନ୍ତି । ପୁଅଟି ତୃତୀୟରେ ପଢ଼େ । ସେ ସ୍ନେହ ଶ୍ରଦ୍ଧା ଦେଇ ତାଙ୍କ ପିଲାମାନଙ୍କୁ ପଢ଼ାଏ । ଯଦି କୌଣସି କାରଣରୁ ବିଜୟ ଟ୍ୟୁସନ୍‌କୁ ଯାଇପାରେ ନାହିଁ ତାଙ୍କ ଦୁଇ ଝିଅ ପ୍ରଧାନବାବୁଙ୍କୁ ଜୋର୍ କରି ପଠାନ୍ତି ସେ ରହୁଥିବା ହଷ୍ଟେଲକୁ । ଡାଡି ତୁମେ ଆମ କାର୍ ନେଇଯାଇ ସାର୍‌ଙ୍କୁ ନେଇଆସ । ପୂଜାପାର୍ବଣ ଓ ଛୁଆମାନଙ୍କର ଯଦି ଜନ୍ମଦିବସ ଆସେ ପ୍ରଧାନବାବୁଙ୍କ ସ୍ତ୍ରୀ ବିଜୟକୁ ରାତ୍ରିଭୋଜନ କରାଇ ବିଦାୟ ଦିଅନ୍ତି । ଏହିପରି ତାର ଟ୍ୟୁସନ୍ କରିବା ଦିନଗୁଡ଼ାକ ଭଲରେ ଅତିବାହିତ ହୁଏ ।

ହଷ୍ଟେଲରେ ରହି ପଢ଼ାପଢ଼ି କରୁଥିବା ଛାତ୍ରମାନେ ମନ ଉଲ୍ଲାସ ଉପଲକ୍ଷେ କେତେବେଳେ  କେମିତି ଅଶ୍ଳୀଳ ଫିଲ୍ମ ଟି.ଭି.ରେ ଚଲାନ୍ତି । ସାଙ୍ଗସାଥି ହୋଇ ମୁଭି ଦେଖି ହଲ୍‌କୁ ଯାଆନ୍ତି । ବିଜୟକୁ ଅଶ୍ଳୀଳ ଫିଲ୍ମ ଦେଖି ଡାକିଲେ ସେ ମନା କରେ, କହେ ମୁଁ ଅଯଥା ପଇସା ଖର୍ଚ୍ଚ କରିବିନି କାରଣ ମୋ ବାପା ଶ୍ରମିକ ହୋଇ ଖଟି ମୋ ପାଖକୁ ଟଙ୍କା ପଠାନ୍ତି । ତୁମ ବାପାଙ୍କର ଟଙ୍କାର ଅଭାବ ନାହିଁ । ବ୍ୟାଙ୍କ ମୋତେ ସହାୟତା ନ ଦେଇଥିଲେ ମୁଁ ଆଜି ବୈଷୟିକ କଲେଜରେ ନାମ ଲେଖାଇ ପାରି ନ ଥାନ୍ତି । ତା' ସାଙ୍ଗମାନେ ହସନ୍ତି ଆମମାନେ ଦୁଷ୍ଟପିଲା ତୁ ଭଲ ପିଲା, ତୋତେ ଆମେ ଫିଲ୍ମ ହଲ୍ କିମ୍ବା ରୁମ୍‌ରେ ଟିଭି ଦେଖିବାକୁ ଡାକିବୁନି । ଦିନେ  ଅଧ ରାତିରେ ହଷ୍ଟେଲର ଏକ ରୁମ୍‌ରେ କିଛି ଛାତ୍ର ବ୍ଲୁ ଫିଲ୍ମ ଦେଖୁଥାଆନ୍ତି । ସେ ରୁମ୍‌ର ଝରକା ଖୋଲାଥାଏ । ପାଖ ରୁମ୍‌ରେ ସେ ଶୋଇଥାଏ । ସାଙ୍ଗମାନଙ୍କ କଥାବାର୍ତ୍ତା ଓ କୌତୁକ ତା' କାନରେ  ବାଜିଲା । ପାଦ ଚିପି ଚିପି ଦୁଆର ଖୋଲି ନିଜେ ଯାଇ ଝରକା ପାଖରେ ଛିଡ଼ା ହେଲା ।  ବାରଣ୍ଡା ଅନ୍ଧାର ଥାଏ । ଲୁଚି ଲୁଚି ଦେଖୁଥାଏ ଟି.ଭିରେ କ'ଣ ଫିଲ୍ମ ଚାଲିଛି । ଆଶ୍ଚର୍ଯ୍ୟ ହେଲା ଅସଂଯତ ଅଶ୍ଳୀଳ ଦୃଶ୍ୟ ଦେଖିବାରେ ସମସ୍ତ ଛାତ୍ର ସାଙ୍ଗମାନେ ମସଗୁଲ୍ । ସିଗାରେଟ୍‌ର ଧଳା ଧୂଆଁ ଝରକା ପଟେ ଭାସି ଆସୁଥାଏ । ଟିକେ ପଛକୁ ଘୁଞ୍ଚିଗଲା ବିଜୟ । ପୁଣି ଆଗ୍ରହ ସହ ଝରକା ପଟେ ଫିଲ୍ମ ଦେଖିଲା । ବ୍ଲୁ ଫିଲ୍ମର ଦୃଶ୍ୟପଟ୍ଟ ବିଜୟକୁ ଅଦ୍ଭୁତ ଆନନ୍ଦ ଦେବା ସହ ଶରୀରରେ ଉତ୍ପୀଡ଼ନ ସୃଷ୍ଟି କରାଉଥାଏ । ଏକ କାମନା ବାସନା ତାର କୋମଳ ହୃଦୟକୁ ଜୟ କରିଯାଉଥିଲା । ଇନ୍ଦ୍ରିୟକୁ ବଶୀଭୂତ କରିବା ବହୁତ କଷ୍ଟ । ସମସ୍ତେ କହୁଥାନ୍ତି ସବୁବେଳେ ଏହାକୁ ଦେଖିଲେ ମୁଣ୍ଡ ଖରାପ ହେବ । ଜଣେ କହେ ଆରେ ବିଜୟକୁ ଡାକିଆଣେ । ନାହିଁରେ ସେ ଭଦ୍ର ପିଲା । ତା' ରୁମ୍‌ରେ ସେ ଘୁଙ୍ଗୁଡ଼ି ମାରୁଥିବ ନଚେତ୍ ବହି ମେଲାଇ ପଢୁଥିବ । ସତେ ଗୋଟେ ବଡ଼ ଚାକିରି କରି ଆମ ଦେଶର ନାଁ ରଖିବ । ବିଜୟ ଧଡ଼ପଡ଼ ହୋଇ ଆସ୍ତେ ଆସ୍ତେ ବାରଣ୍ଡାରେ ଯାଇ ତା' ରୁମ୍‌ରେ ବେଡ୍ ଉପରେ ଶୋଇଲା । ବ୍ଲୁ ଫିଲ୍ମର ଅସଂଯତ ଦୃଶ୍ୟଗୁଡ଼ିକ ତାର ମାନସପଟରେ ଦେଖାଯାଉଥାଏ । ତା' ଦେହରେ ଅପୂର୍ବ ଶିହରଣ ସୃଷ୍ଟି ହେଉଥାଏ । କେତେବେଳେ ନିଦ ଆସିଯାଇ ସକାଳ ହୋଇ ଚଢ଼େଇମାନଙ୍କର କିଚିରି ମିଚିରି ଶବ୍ଦ ଶୁଭାଗଲାଣ ସେ ଜାଣି ନାହିଁ । ପାଖ ଦୁଇ ବେଡ୍‌ର ଛାତ୍ରମାନେ ଗାଧୋଇ ସାରି କଲେଜ୍ ଯିବା ପାଇଁ ପ୍ରସ୍ତୁତ ହେଲେଣି । ତରବର ହୋଇ ବେଡ୍‌ରୁ ଉଠି ଚାଲିଲା ନିତ୍ୟକର୍ମ ସାରିବା ଉଦ୍ଦେଶ୍ୟରେ ।

ସନ୍ଧ୍ୟାବେଳେ ଟ୍ୟୁସନ୍ କରିବା ପାଇଁ ପହଞ୍ଚିଗଲା ପ୍ରଧାନବାବୁଙ୍କ ଘରେ । ଲିଜା ଷଷ୍ଠ ଶ୍ରେଣୀର ଛାତ୍ରୀ । ତାକୁ ପଚାରିଲା ତୁମ ଭାଇଭଉଣୀ ପଢ଼ିବେନି କି ? ସାର୍, ଡାଡି, ମମି ଓ ସେମାନେ ମଉସାଙ୍କ ଘରକୁ ଯାଇଛନ୍ତି, ମାଉସୀଙ୍କ ଦେହ ଖରାପ ଅଛି । ଆଜି ମଉସା ଡାଡିଙ୍କୁ ଫୋନ୍ କରିଥିଲେ । ମମି କହିଛନ୍ତି ସେମାନେ ଟ୍ୟୁସନ୍ ପୂର୍ବରୁ ଫେରିଆସିବେ । ମୁଁ ସ୍କୁଲରୁ ଫେରି ବିନୋଦ ଅଙ୍କଲଙ୍କ ଘରେ ଥିଲି । ଟ୍ୟୁସନ୍ ସମୟ ହେବାରୁ ଆସିଲି । ଡାଡିଙ୍କୁ ଫୋନ୍ କରୁଛି, କିନ୍ତୁ ତାଙ୍କ ମୋବାଇଲ୍  ଅଫ୍ ଦେଖାଉଛି । ମମି ତାଙ୍କ ମୋବାଇଲ୍ ଛାଡ଼ି ଯାଇଛନ୍ତି । ବିଜୟ ତାକୁ ବହି ଓ ଖାତା ଖୋଲିବାକୁ କହେ । ଏକୁଟିଆ ସେ ଲିଜାକୁ ଆଖି ଆଗରେ ଦେଖୁଛି । ମନେପଡ଼ିଯାଏ ପୂର୍ବ ରାତିରେ ଦେଖିଥିବା ଅଶ୍ଳୀଳ ବ୍ଲୁ ପିକ୍‌ଚର । ନିଜର ମନ ଓ ଇନ୍ଦ୍ରିୟକୁ ବଶୀଭୂତ କରିପାରିଲା ନାହିଁ । ଝାମ୍ପି ପଡ଼ିଲା ଲିଜା ଉପରକୁ । ଲିଜା ଭୟରେ ଚିତ୍କାର କଲା । ସେ ଛୋଟ ଶିଶୁଟିଏ । 'କାମାନ୍ଧ' ବିଜୟର ଘୃଣ୍ୟ ପ୍ରକୃତିକୁ ବୁଝିପାରୁ ନ ଥିଲା । ଏସବୁ କଥା ବୁଝିବାର ବୟସ ତାର ହୋଇନାହିଁ । ଭିତରପଟୁ କବାଟ ବନ୍ଦ କଲା ବିଜୟ । ପୂର୍ବ ରାତିରେ ଲୁଚିଛପି ଦେଖିଥିବା ଅଶ୍ଳୀଳ ଚଳଚ୍ଚିତ୍ରର ବିକୃତ ଦୃଶ୍ୟକୁ ବାସ୍ତବ ରୂପ ଦେଇଦେଲା ଲିଜା ଉପରେ । ରକ୍ତ ଜୁଡୁବୁଡୁ ହେଲା ନିରୀହ ନିଷ୍କପଟ ଲିଜାର ଯୌନାଙ୍ଗ । କୋମଳ ଶିଶୁଟି ବଳାତ୍କାର ହେଉଥିବାବେଳେ ତାର କରୁଣ କ୍ରନ୍ଦନ ଶୁଣିବାକୁ ପାଖରେ କେହି ନାହିଁ । ସଂଜ୍ଞାହୀନ ହେଲା ଲିଜା । ତାର ମୁହଁରେ ପାଣି ଛାଟି ତାର ଚେତା ଫେରାଇବା ପାଇଁ ବିଜୟ ଚେଷ୍ଟା କରୁଥାଏ । ଛୋଟ ବାରବର୍ଷର ଶିଶୁଟି ଆତ୍ମଜ୍ଞାନ

ହରାଇ ପଡ଼ିଥାଏ ଖଟ ଉପରେ । ଚେତା ନ ଫେରିବାରୁ ଭୟଭୀତ ହୋଇ ଏକା ରାହାରେ ଚାଲିଗଲା ପ୍ରଧାନବାବୁଙ୍କ ଘରୁ । ବିନୋଦବାବୁ ଅଫିସ୍‌ରୁ ଘରକୁ ଆସି ତାଙ୍କ କ୍ୱାର୍ଟରରେ ନିଜର ବାଇକ୍ ରଖୁଥାଆନ୍ତି । ପ୍ରଧାନବାବୁଙ୍କ କ୍ୱାର୍ଟରରୁ ବିଜୟ ଧଇଁସଇଁ ହୋଇ ଯିବାଟା ସେ ଲକ୍ଷ୍ୟ କଲେ । ଘରକୁ ଯାଇ ପ୍ୟାଣ୍ଟ୍ ସାର୍ଟ ବଦଳିବା ବେଳେ ସ୍ତ୍ରୀ ଶ୍ରାବଣୀକୁ କହିଲେ ଯାଇ ଦେଖି ଆସିଲ ପ୍ରଧାନବାବୁ ଘରେ ଅଛନ୍ତି କି ନାହିଁ ? ସେ ଫେରିନାହାନ୍ତି, ଲିଜା କିଛି ସମୟ ପୂର୍ବରୁ ଟ୍ୟୁସନ୍ ପାଇଁ ତାଙ୍କ ଘରକୁ ଗଲା । ଆମ ଘରେ ପାଞ୍ଚଟାବେଳୁ ଆସିଥିଲା । ସେ ଟ୍ୟୁସନ୍ ସାର୍‌ଙ୍କ ଛୁଟି ସମୟ ହୋଇନି, ସେ କ'ଣ ତରବର ହୋଇ ତାଙ୍କ କ୍ୱାର୍ଟରରୁ ବାହାରିଗଲେ । ଶ୍ରାବଣୀ ପ୍ରଧାନବାବୁଙ୍କ କ୍ୱାର୍ଟରକୁ ଗଲେ । ଲିଜା ଚେତାଶୂନ୍ୟ ହୋଇପଡ଼ିଥାଏ ସମ୍ପୂର୍ଣ୍ଣ ଉଲଗ୍ନ ରୂପରେ । ତାର ଯୌନାଙ୍ଗ ରକ୍ତରେ ଜୁଡୁବୁଡୁ ଏବଂ ଓଠରେ ଖଣ୍ଡିଆ ଚିହ୍ନ । ବଡ଼ପାଟିରେ ସେ ତାଙ୍କ ସ୍ୱାମୀଙ୍କୁ ଡାକ ପକେଇଲେ । ସ୍ତ୍ରୀଙ୍କ ଡାକ କାନରେ ବାଜିଲା, ଧାଇଁଗଲେ ପ୍ରଧାନବାବୁଙ୍କ ଘରକୁ । ଆଶ୍ଚର୍ଯ୍ୟ ହେଲେ ଏଭଳି ନାରକୀୟ ଦୃଶ୍ୟ ଦେଖି । ଟେବୁଲ ଉପରେ ଲିଜାର ବହିପତ୍ର ଅବଇଛତ୍ର ହୋଇପଡ଼ିଛି । ମାନବିକତା ଦୃଷ୍ଟିକୋଣରୁ ଦୁହେଁ ମିଶି ନେଇଗଲେ ଲିଜାକୁ ନିକଟସ୍ଥ ସରକାରୀ ଡାକ୍ତରଖାନାକୁ ।

ହଷ୍ଟେଲକୁ ନ ଯାଇ ବିଜୟ ନିଜ ଗାଁକୁ ଫେରିଗଲା । ତା'ବାପାବୋଉ ଦେଖି ପଚାରିଲେ ପୁଅ ତୁ ଏତେ ରାତିରେ ଆସିଲୁ । ଦେହ ଭଲ ନାହିଁ ବୋଉ । ତେଣୁ ରାତି ନଅଟା ଟ୍ରେନ୍ ଯୋଗେ ପଳାଇ ଆସିଲି । ଆ ପୁଅ । ପିଆଜ, ଲୁଣ, ଲଙ୍କା ଚକଟି ଦେବି, ଦିଗୁଣ୍ଡା ପଖାଳ ଭାତ ଖାଇବୁ । ବୋଉ ମୋତେ ଭୋକ ନାହିଁ । ମୁଁ ଶୋଇବି । ମା, ପୁଅ ଗୋଟିଏ ବିଛଣାରେ ଶୋଇଲେ । ବିଜୟ ଅଧା ନିଦରୁ ଉଠିବସିଲା । ନିଜେ ନିଜେ କଥା ହେଲା– 'ମୁଁ କ'ଣ କଲି, ଏତେବଡ଼ ଭୁଲ୍ କାହିଁକି ହେଲା ?' ତା' ବୋଉ ପଚାରିଲେ କ'ଣ ହୋଇଛି ପୁଅ । ତୁ ମନକୁ ମନ କାହା ସହିତ କଥା ହେଉଛୁ । କିଛି ହୋଇନି ବୋଉ, ମୋ ମୁଣ୍ଡ ବିନ୍ଧା ହେଉଛି । ନିଜେ ଶୋଇଲା ଅବସ୍ଥାରେ ତାଙ୍କ ପୁଅ ବିଜୟର ମୁଣ୍ଡକୁ ଚିପି ଦିଅନ୍ତି । ଶୋଇପଡ଼ ପୁଅ, ସକାଳ ହେଲେ ଭଲ ହୋଇଯିବ । ମୋତେ ଭାରି ଭୟ ଲାଗୁଛି ବୋଉ । ଆଖି ବୁଜି ନିଦରେ ଶୋଇପଡ଼ । ମୁଁ ତୋ ଗୋଡ଼ହାତ ଆଉଁସି ଦେଉଛି କହି ତାର ଗୋଡ଼ ଚିପିବାକୁ ଆରମ୍ଭ କଲେ । ପାହାନ୍ତିଆ ସକାଳେ ତାକୁ ନିଦ ଲାଗିଯାଇଛି । ଦାଣ୍ଡ ଦୁଆର ଓଳାଉଥାନ୍ତି ମଦନ । ତାଙ୍କ ଘର ସାମ୍ନାରେ ପୋଲିସ୍ ଭ୍ୟାନ୍ ଅଟକିଗଲା । କନକ ଗୋବରପାଣି ଅଗଣାରେ ଛିଞ୍ଚୁ ଥାଆନ୍ତି । ଜଣେ ପୋଲିସ ପଚାରିଲେ ଏଇ ଘର ବିଜୟ କୁମାର ପ୍ରଧାନର । ମଦନ ମୁଣ୍ଡ ହଲାଇ ହଁ କଲେ । ଚାରିପାଞ୍ଚ ଜଣ ପୋଲିସ୍ ଘରକୁ ପଶିଗଲେ । ଧରିଆଣିଲେ ତାଙ୍କ ପୁଅ ବିଜୟକୁ । ପରିଚୟ ପାଇ ବାନ୍ଧିଦେଲେ ତାକୁ । ନିସ୍ତୁକ ବାଡ଼େଇଲେ । ମଦନ ଓ ତାଙ୍କ ସ୍ତ୍ରୀ କନକ ପୋଲିବବାବୁଙ୍କୁ ନେହୁରା ହୋଇ କହନ୍ତି, ଆମ ପୁଅକୁ କାହିଁକି ବାନ୍ଧି ବାଡ଼ଉଛ । କ'ଣ କରିଛି ମୋ ପୁଅ ? ଜଣେ ପୋଲିସ୍ ଅଫିସର କହିଲେ, ତମ ପୁଅ ଜଘନ୍ୟ କାଣ୍ଡ ଘଟାଇ ଫେରାର୍ ହୋଇ ଏଠାକୁ ଚାଲିଆସିଛି । ତାକୁ ଦଶ ବର୍ଷ ଜେଲ୍ ଦଣ୍ଡ ହୋଇପାରେ । ଯଦି ସେ ବାର ବର୍ଷର ଝିଅ ମରିଯାଏ ତମ ପୁଅକୁ ଫାଶୀ ହେବ । ଚାଲ୍ 'କାମାନ୍ଧ' କହି ଧକ୍କା ମାରିମାରି ବିଜୟକୁ ପୋଲିସ୍ ଭ୍ୟାନ୍ ଭିତରେ ଭର୍ତ୍ତି କଲେ । ମଦନ ଓ କନକ କିଛି ବୁଝିବା ପୂର୍ବରୁ ଭ୍ୟାନ୍‌ଟି କ୍ଷିପ୍ର ଗତିରେ ଆଗକୁ ଆଗକୁ ଯାଉଥାଏ । ନିଜ ସାହିପଡ଼ିଶା ଲୋକମାନେ ଆସି ହସାହସି ହୋଇ କୁହାକୁହି ହୁଅନ୍ତି, 'ଏଇଟା ଆଜିକାଲି ଆଧୁନିକ ଯୁଗ, ଅନ୍ୟାୟ ଅତ୍ୟାଚାର ବଢ଼ି ଚାଲିଛି ।' ଭଗବାନ ସମସ୍ତଙ୍କୁ ଅନ୍ଧ କରିଦିଅନ୍ତୁ ଚଳିବ, କିନ୍ତୁ କାହାକୁ 'କାମାନ୍ଧ' କରନ୍ତୁ ନାହିଁ ।

*– ନିମବସନ୍ତ, ହରିରାଜପୁର, ପୁରୀ*



IBMS No.1 INSTITUTE
IBM'S
SINCE-2005
BANK
PO/CLERK
SSC
+2/GRADUATE
RLY
Tech./Non Tech.
OAS
BED
CALCULATE 763X592 IN SECONDS
Charge your Brain
With the power of VEDIC MATHS.
Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190
0671-6540190 M-9238500190
Register Your Name For Free Class
All India Topper
Lopa Mudra Mohanty
EXCLUSIVE FEATURES
COMPLETE SIGN-UP SYSTEMS
ENTRY BY 20 MINUTE PRE INTERVIEW & FREE CLASSES.
WITH YOU SCORING OF 65%
STUDENT FORUM CLASSES
COMMON TEST STARTS FROM THE DATE OF ENTRY WITH COMPLETE EXPLANATION.
101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%
"I Get 6 job in 7 Month" Joined IOB PO. Calcutta.
Ankita Bhawani
Indian Overseas Bank PO
NARESH BARIK
VIJAYA BANK PO
Ruchi Smita Behera
Corporation Bank
Sandeep Mohanty
Bank Of India PO
Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)
IBM'S
CHANDI CHHAK & PALAMANDAP(Near Barabati Gas)CTC


CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖୁଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ